୬ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କଲେ କେଦାର ଯାଦବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
E-mail : sambadkalikanews@gmail.com
The Sambad Kalika
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
ପୃଷ୍ଠା ମୂଲ୍ୟ : ୨.୦୦
8 Pages,₹ 2.00
● ବର୍ଷ–୩୧ ● ସଂଖ୍ୟା–୧୨୭ ● ୪ ଜୁନ୍ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-127 ● 4th June 2024, Tuesday ● Bhubaneswar
Licensed to post without pre-payment of postage No- BN-60/22-24

TIMES NOW

## ଟାଇମ୍ସ ନାଓ ଜନମତ ସର୍ଭେ

# ବିଜେଡ଼ି ୧୦୦ରୁ ୧୧୫ଟି ଆସନ ପାଇବ

ଭୁବନେଶ୍ୱର, ୩।୬

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶା ବିଧାନସଭା ନିର୍ବାଚନର ଫଳାଫଳକୁ ନେଇ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ କରାଯାଇଥିବା ସର୍ଭେରେ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। ନବୀନ ପଟ୍ଟନାୟକ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ ବୋଲି ପ୍ରାୟ ସମସ୍ତ ସର୍ଭେରେ ମତ ଆସିଛି। 'ଟାଇମ୍ସ ନାଓ' ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ଏହି ନିର୍ବାଚନରେ ବିଜେଡ଼ି ୧୦୦ରୁ ୧୧୫ ଆସନରେ ବିଜୟ ଲାଭ କରିବ ବୋଲି ଆକଳନ କରାଯାଇଛି। ସେହିପରି ବିଜେପି




୩୦ରୁ ୩୮ ଆସନରେ ବିଜୟୀ ହେବ ଏବଂ ୪ରୁ ୭ଟି ଆସନରେ କଂଗ୍ରେସ ବିଜୟ ଲାଭ କରିବ ବୋଲି ଦର୍ଶାଯାଇଛି। ଅନ୍ୟାନ୍ୟ ଦଳ ଗୋଟିଏ ଆସନରେ ବିଜୟୀ ହେବେ ବୋଲି ଟାଇମ୍ସ ନାଓ ଜନମତ ସର୍ଭେରୁ ଜଣାପଡିଛି। ସେହିପରି 'ସମାଜ' ଜନମତ ସର୍ଭେ ଅନୁଯାୟୀ ବିଜେଡ଼ି ୭୨ରୁ ୧୦୬ଟି ଆସନ ପାଇବାର ଆକଳନ କରାଯାଇଛି। ସେହିପରି ବିଜେପି ୩୨ରୁ ୫୮ଟି ଆସନ, କଂଗ୍ରେସ ୮ରୁ ୧୬ଟି ଆସନ ପାଇବ ବୋଲି ଆକଳନ କରାଯାଇଛି। 'ପ୍ରଗତିବାଦୀ' ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ବିଜେଡ଼ିକୁ ୯୪ଟି ଆସନ, ବିଜେପିକୁ ୪୧ଟି ଆସନ, କଂଗ୍ରେସକୁ ୧୦ଟି ଆସନ, ସିପିଏମ୍‌କୁ ଗୋଟିଏ ଓ ସ୍ୱାଧୀନ ପ୍ରାର୍ଥୀଙ୍କୁ ଗୋଟିଏ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ସମସ୍ତ ପୂର୍ବାନୁମାନ ବିଜେଡ଼ି ସପକ୍ଷରେ ଯାଉଥିବାରୁ ନବୀନ ପଟ୍ଟନାୟକ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବା ସ୍ପଷ୍ଟ ହୋଇଛି।

## ଆଜି ଭୋଟ ଗଣତି

# ୭୦ କେନ୍ଦ୍ରରେ ହେବ ମତ ଗଣନା

ଭୁବନେଶ୍ୱର, ୩।୬

ନ୍ୟୁଜ୍ ବ୍ୟୁରୋ

୪ଟି ପର୍ଯ୍ୟାୟରେ ହୋଇଥିବା ରାଜ୍ୟର ୧୪୭ ବିଧାନସଭା ଆସନ ଓ ୨୧ଟି ସଂସଦୀୟ ଆସନ ପାଇଁ ନିର୍ବାଚନର ଫଳାଫଳ ମଙ୍ଗଳବାର ପ୍ରକାଶ ପାଇବ। ଏଥିପାଇଁ ୭୦ଟି କେନ୍ଦ୍ରରେ ମତଗଣନା କରାଯିବ।

ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ୪ଟି ପର୍ଯ୍ୟାୟ ନିର୍ବାଚନରେ ଅଢେଇ କୋଟିରୁ ଅଧିକ ଭୋଟର ମତଦାନ କରିଛନ୍ତି । ୨୦୧୯ ତୁଳନାରେ ୨୦୨୪ରେ ମତଦାନ ହାର ବଢ଼ିଛି । ୨୦୧୯ରେ ୭୩.୦୯ ପ୍ରତିଶତ ମତଦାନ ହୋଇଥିବା ବେଳେ ୨୦୨୪ରେ ୭୪.୪୪ ପ୍ରତିଶତ ମତଦାନ



ହୋଇଛି । ଏଥିମଧ୍ୟରେ ପୁରୁଷ ୭୩.୦୩ ପ୍ରତିଶତ ଓ ୭୫.୫୫ ପ୍ରତିଶତ ମହିଳା ଭୋଟର ଭୋଟ ଦେଇଛନ୍ତି। ଅର୍ଥାତ୍ ପୁରୁଷଙ୍କ ତୁଳନାରେ ଏଥର ଅଧିକ ସଂଖ୍ୟାରେ ମହିଳା ଭୋଟର ମତଦାନ କରିଛନ୍ତି। ୨୦୨୪ ସାଧାରଣ ନିର୍ବାଚନ ଭୋଟ ଗଣତି ଓ ଫଳାଫଳ ପ୍ରକାଶ ପ୍ରସ୍ତୁତି ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ଯେ ୭୦ଟି ଭୋଟ ଗଣତି କେନ୍ଦ୍ରରେ ହେବ ଭୋଟ ଗଣତି। ୬୯ଟି କେନ୍ଦ୍ରରେ *(ପୃଷ୍ଠା ୭ରେ)*

## ଅଂଶୁଘାତ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି

ଭୁବନେଶ୍ୱର, ୩।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଅଂଶୁଘାତ ଜନିତ ମୃତ୍ୟୁସଂଖ୍ୟା ୩୦କୁ ବୃଦ୍ଧି ପାଇଛି। ସରକାରୀ ଭାବେ ଗତ ୨୪ ଘଣ୍ଟାରେ ୪ ଜଣଙ୍କ ମୃତ୍ୟୁ ହୋଇଥିବାର ଅଭିଯୋଗ ଆସିଛି । ଏନେଇ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ରାଜ୍ୟରେ ମୋଟ ୧୪୭ଟି ଅଂଶୁଘାତ ଜନିତ ମୃତ୍ୟୁ ଅଭିଯୋଗ ହୋଇଛି। ସେଥିମଧ୍ୟରୁ ୫୦ଟି ମାମଲାର ତଦନ୍ତ ସରିଥିବା ବେଳେ, ୩୦ଟି ଅଂଶୁଘାତ ଜନିତ ଓ ଅନ୍ୟ ୨୦ଟି ଅଂଶୁଘାତ ନୁହେଁ ବୋଲି ତଦନ୍ତ ପରେ ସ୍ପଷ୍ଟ ହୋଇଛି। ଅବଶିଷ୍ଟ ୯୭ଟି ଅଂଶୁଘାତ ମୃତ୍ୟୁ ଅଭିଯୋଗ ମାମଲାର ତଦନ୍ତ କାର୍ଯ୍ୟ ଶେଷ ହୋଇନାହିଁ। ପୂର୍ବରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ *(ପୃଷ୍ଠା ୭ରେ)*

# ମତଦାନରେ ଭାରତର ଐତିହାସିକ ରେକର୍ଡ : ନିର୍ବାଚନ ଆୟୋଗ

ନୂଆଦିଲ୍ଲୀ, ୩।୬

ଲୋକସଭା ନିର୍ବାଚନର ସାତଟି ପର୍ଯ୍ୟାୟ ଭୋଟ ଶେଷ ହେବା ପରେ ମଙ୍ଗଳବାର ଭୋଟ ଗଣନା ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ବି ଶେଷ ହୋଇସାରିଛି।

ନିର୍ବାଚନ ଫଳାଫଳ ଘୋଷଣାର ଗୋଟିଏ ଦିନ ପୂର୍ବରୁ ନିର୍ବାଚନ ଆୟୋଗ ଏକ ସାମ୍ବାଦିକ ସମ୍ମିଳନୀ କରି ଭାରତରେ ହୋଇଥିବା ମତଦାନ ବିଷୟରେ ବିସ୍ତୃତ ସୂଚନା ଦେଇଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ଭୋଟରଙ୍କୁ ଅଭିବାଦନ ଜଣାଇ କହିଛନ୍ତି, ଚଳିତଥର ଭାରତରେ ୬୪.୨କୋଟି ଲୋକ ଭୋଟ ଦେଇଛନ୍ତି । ଆଜି ପର୍ଯ୍ୟନ୍ତ ଏତେ ପରିମାଣରେ ଭୋଟିଂ ବିଶ୍ୱର କୌଣସି ସ୍ଥାନରେ ହୋଇନାହିଁ । ଆମେ ୬୪.୨ କୋଟି ଭୋଟରଙ୍କ ମତଦାନକୁ ନେଇ ବିଶ୍ୱ ରେକର୍ଡ ସୃଷ୍ଟି କରିଛୁ। ଏହି ସଂଖ୍ୟା ସମସ୍ତ ଜି-୭ ଦେଶର ଭୋଟରଙ୍କ ତୁଳନାରେ




୧.୫ ଗୁଣ ଏବଂ ୟୁରୋପୀୟ ସଂଘର ୨୭ଟି ଦେଶର ଭୋଟରଙ୍କ ତୁଳନାରେ ୨.୫ ଗୁଣ ଅଧିକ ରହିଛି।

ପୂର୍ବ ନିର୍ବାଚନ ଅପେକ୍ଷା ଚଳିତ ବର୍ଷ ନିର୍ବାଚନରେ ସର୍ବାଧିକ ମହିଳା ଭୋଟର ନିଜର ମତସାବ୍ୟସ୍ତ କରିଛନ୍ତି । ଏଥର ୩୧ କୋଟି ମହିଳା ଭୋଟ ଦେଇଛନ୍ତି, ଯାହା କି ପ୍ରଥମ ଥର ପାଇଁ ରେକର୍ଡ ସୃଷ୍ଟି କରିଛି ।

ଏଥିସହିତ ଏହି ଐତିହାସିକ ରେକର୍ଡ କରିବା ପାଇଁ ନିର୍ବାଚନ କର୍ମକର୍ତ୍ତାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ନିର୍ବାଚନ କର୍ମକର୍ତ୍ତାଙ୍କ ସାବଧାନତାପୂର୍ଣ୍ଣ କାର୍ଯ୍ୟ ଓ ନିର୍ବାଚନ ପୂର୍ବରୁ ଭୋଟ ପ୍ରତି ଲୋକଙ୍କୁ କ୍ରମାଗତ ଜାଗ୍ରତ କରିବାର ଅଭିଯାନ ହେତୁ ଭାରତ ମତଦାନରେ ଏହି ଐତିହାସିକ ରେକର୍ଡ ସୃଷ୍ଟି କରିଛି, ଯାହାକୁ ନେଇ ଖୁବ ଚର୍ଚ୍ଚା ଚାଲିଛି।

# ଓଡ଼ିଶା ବିଧାନସଭା ଭଙ୍ଗ କଲେ ରାଜ୍ୟପାଳ

ଭୁବନେଶ୍ୱର, ୩।୬

ନ୍ୟୁଜ୍ ବ୍ୟୁରୋ

ରାଜ୍ୟପାଳ ରଘୁବର ଦାସ ସୋମବାର ଓଡ଼ିଶା ବିଧାନସଭା ଭଙ୍ଗ କରିଛନ୍ତି । ୧୬ ତମ ବିଧାନସଭା ଭଙ୍ଗ ନେଇ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଧାନସଭା ଭଙ୍ଗ କରିବା ନେଇ ସୋମବାର ରାଜ୍ୟ କ୍ୟାବିନେଟ ବୈଠକରେ ମଧ୍ୟ ସୁପାରିଶ କରାଯାଇଥିଲା।

ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଭାରତୀୟ ସମ୍ବିଧାନର ଧାରା ୧୭୪(୨)(ଖ)ରେ ପ୍ରଦତ୍ତ କ୍ଷମତାର ଉପଯୋଗ କରି ଜାତୀୟ ନିର୍ବାଚନ କମିଶନଙ୍କ ୨୦୧୯ ମେ' ୨୫ତାରିଖ ବିଜ୍ଞପ୍ତି ଆଧାରରେ ଗଠିତ ଓଡ଼ିଶା ବିଧାନସଭାକୁ ଭଙ୍ଗ କରାଗଲା। ଯାହାକି ନିର୍ବାଚନ ଆୟୋଗଙ୍କ ଦ୍ୱାରା ନବ ନିର୍ବାଚିତ ବିଧାୟକଙ୍କୁ ନେଇ ଗଠନ ଦିନଠୁ ପ୍ରଭାବୀ ହେବ। ରାଜ୍ୟପାଳଙ୍କ ଏହି ନିର୍ଦ୍ଦେଶ ସଂକ୍ରାନ୍ତ ବିଜ୍ଞପ୍ତିକୁ ସୋମବାର ସାଧାରଣ ବିଜ୍ଞପ୍ତି



ଆକାରରେ ମୁଖ୍ୟ ସଚିବଙ୍କ ଦ୍ୱାରା ଜାରି କରାଯାଇଛି।

୨୦୨୪ ସାଧାରଣ ନିର୍ବାଚନର ଫଳାଫଳ ଘୋଷଣାର ଅବ୍ୟବହିତ ପୂର୍ବରୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶେଷ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଭୋଟ ଗଣତି ରହିଛି। ଏହା ପୂର୍ବରୁ ଓଡ଼ିଶା ବିଧାନସଭା ଭଙ୍ଗ କରାଯାଇଛି । ବାସ୍ତବରେ ସୋମବାର ଚଳିତ ବିଧାନସଭାର ଶେଷ କ୍ୟାବିନେଟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ବିଧାନସଭା ଭଙ୍ଗ ପାଇଁ ରାଜ୍ୟପାଳଙ୍କୁ ସୁପାରିଶ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲରେ ବୈଠକରେ ସାମିଲ ହୋଇଥିଲେ।

ଚଳିତ ସାଧାରଣ *(ପୃଷ୍ଠା ୭ରେ)*

## ଇନଫର୍ମର ସନ୍ଦେହରେ ଜଣେ ଗ୍ରାମବାସୀଙ୍କୁ ହତ୍ୟା କଲେ ନକ୍ସଲ

ମାଲକାନଗିରି, ୩।୬

ନ୍ୟୁଜ୍ ବ୍ୟୁରୋ

ମାଲକାନଗିରି ସୀମାନ୍ତ ଛତିଶଗଡର ବସ୍ତର ଆବୁଝମାଡ ଅଞ୍ଚଳର ମାସପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ପୁଲିସ ଇନଫର୍ମର ସନ୍ଦେହରେ ନିର୍ମମ ଭାବେ ହତ୍ୟା କରାଯାଇଛି। ରବିବାର ରାତିରେ ସଶସ୍ତ୍ର ନକ୍ସଲ ମାସପୁର ଗ୍ରାମକୁ ଘେରିଯାଇଥିଲେ। ଏହି ଗ୍ରାମର ସାଲୁ ପଟାଇ ନାମକ ବ୍ୟକ୍ତି ନିଜ ପରିବାର ସହ ଭୋଜନ କରୁଥିବା ସମୟରେ ଅଚାନକ ଘରେ ନକ୍ସଲ ପଶିଯାଇ ସାଲୁଙ୍କୁ ଟାଣି ଟାଣି ନେଇଯାଇଥିଲେ। *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

# ତାଜ୍ ଏକ୍ସପ୍ରେସ୍‌ରେ ନିଆଁ ସବୁ ଯାତ୍ରୀ ସୁରକ୍ଷିତ



ନୂଆଦିଲ୍ଲୀ, ୩।୬

ଦିଲ୍ଲୀରୁ ଝାନ୍ସି ଅଭିମୁଖେ ଯାଉଥିବା ତାଜ୍ ଏକ୍ସପ୍ରେସରେ ସୋମବାର ନିଆଁ ଲାଗିଯାଇଥିବା ସୂଚନା ମିଳିଛି। ଦିଲ୍ଲୀର ଓଖଲା ଓ ତୁଗଲକାବାଦ ଷ୍ଟେସନ ମଧ୍ୟରେ ଏହି ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ ୨ଟି ବଗି ପୋଡ଼ି ପାଉଁଶ ହୋଇଯାଇଛି। ସୌଭାଗ୍ୟବଶତଃ ଏହି ଅଗ୍ନିକାଣ୍ଡରେ କୌଣସି ଯାତ୍ରୀ ଫସି ନଥିଲେ। ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

ଉତ୍ତର ରେଳବାଇର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର କହିଛନ୍ତି ଯେ ସୋମବାର ନୂଆଦିଲ୍ଲୀ ଷ୍ଟେସନରୁ ୧୨୨୮୦ ତାଜ ଏକ୍ସପ୍ରେସ ବାହାରିଥିଲା। ଟ୍ରେନ ଟି ଓଖଲା ଓ ତୁଗଲକାବାଦ ମଧ୍ୟରେ ଥିବା ବେଳେ ଦୁଇଟି *(ପୃଷ୍ଠା ୭ରେ)*

# ଭୋଟ ଗଣତି ପାଇଁ ସାରା ରାଜ୍ୟରେ କଡ଼ା ସୁରକ୍ଷା ବ୍ୟବସ୍ଥା

## ଗଣତି କେନ୍ଦ୍ରକୁ ମୋବାଇଲ ନେବା ଉପରେ କଟକଣା

ଭୁବନେଶ୍ୱର, ୩।୬ : ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଭୋଟ ଗଣତି ପାଇଁ ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟବ୍ୟାପୀ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟ୍ରଙ୍ଗ ରୁମ ସୁରକ୍ଷା ଓ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଛି । ୬୯ଟି ଷ୍ଟ୍ରଙ୍ଗରୁମ ଓ ଗୋଟିଏ ପୋଷ୍ଟାଲ ବାଲାଟ କାଉଣ୍ଟିଂ କେନ୍ଦ୍ରରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଷ୍ଟ୍ରଙ୍ଗରୁମରେ ସିଏପିଏଫ ମୁତୟନ ହୋଇଥିବା ବେଳେ ଷ୍ଟ୍ରଙ୍ଗ ରୁମ ବାହାରେ ବନ୍ଧୁକ ଧାରୀ ପୋଲିସ ଓ ଜିଲ୍ଲା ପୋଲିସ ମୁତୟନ ହେବେ । ୧୧୫ଟି କେନ୍ଦ୍ରୀୟ କମ୍ପାନୀ ଷ୍ଟ୍ରଙ୍ଗ ରୁମରେ ମୁତୟନ ରହିବେ ବୋଲି ଏଡିଜି ସଞ୍ଜୟ କୁମାର ସୂଚନା ଦେଇଛନ୍ତି।

ମଙ୍ଗଳବାର ଭୋଟ୍ ଗଣତି ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇ ଏଡିଜି ସଞ୍ଜୟ କୁମାର କହିଛନ୍ତି ୨୧୮



ପ୍ଲାଟୁନ ପୋଲିସ ଫୋର୍ସ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବେ । ସେହିପରି ଷ୍ଟ୍ରଙ୍ଗ ରୁମକୁ କେବଳ ପାସ ଥିବା କର୍ମଚାରୀ ଭିତରକୁ ଯାଇ ପାରିବେ । ଗଣମାଧ୍ୟମ ପାଇଁ ମଧ୍ୟ ପାସ ବ୍ୟବସ୍ଥା କରାଯାଇଛି। ଭୋଟ ଗଣତି କେନ୍ଦ୍ରକୁ ମୋବାଇଲ ନେବା ଉପରେ କଟକଣା ରହିଛି । କେବଳ ଯେଉଁ ଅଧିକାରୀଙ୍କୁ ଅନୁମତି ଦିଆଯାଇଛି ସେମାନେ ହିଁ ମୋବାଇଲ ଫୋନ ନେଇପାରିବେ । ଜିତିବା ପରେ ବିଜୟ ଉତ୍ସବ ରାଲି କରିବାକୁ ପୋଲିସର ଅନୁମତି ନେବାକୁ ପଡିବ। ନିର୍ବାଚନ ପରବର୍ତ୍ତୀ ହିଂସାକୁ ରୋକିବା ପାଇଁ ପୋଲିସ ପ୍ରସ୍ତୁତ ଥିବା କହିଛନ୍ତି ଆଇନ ଶୃଙ୍ଖଳା ଏଡିଜି ସଞ୍ଜୟ କୁମାର। ସେ କହିଛନ୍ତି ଯେ, ସମସ୍ତ ଭୋଟ ଗଣତି କେନ୍ଦ୍ରରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଭିତରେ ଦୁଇ ଥାକିଆ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଛି । ଆଇନ୍ ଶୃଙ୍ଖଳା ପରିସ୍ଥିତି ଯେପରି କୌଣସି ଠାରେ ଦେଖା ନଦେବ ସେଥିପାଇଁ ସୁରକ୍ଷାବାହିନୀ ପକ୍ଷରୁ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଛି। ଭୋଟ ଗଣତି ବେଳେ ଯେପରି ବିଭ୍ରାଟ ନହୁଏ ସେଥିପ୍ରତି ମଧ୍ୟ ନଜର ରଖାଯିବ ବୋଲି ସେ କହିଛନ୍ତି।

## ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ବ୍ରହ୍ମୋସ ଇଞ୍ଜିନିୟରଙ୍କୁ ଆଜୀବନ କାରାଦଣ୍ଡାଦେଶ




ନୂଆଦିଲ୍ଲୀ, ୩।୬

ପାକିସ୍ତାନର ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ପାଇଁ ଗୁପ୍ତଚର କାମ କରୁଥିବା ଅଭିଯୋଗରେ ଅଭିଯୁକ୍ତ ବହ୍ମୋସ ଏରୋସ୍ପେସ୍ ପ୍ରାଇଭେଟ୍ ଲିମିଟେଡ୍‌ର ଇଞ୍ଜିନିୟର ନିଶାନ୍ତ ଅଗ୍ରୱାଲଙ୍କୁ ନାଗପୁର ଜିଲ୍ଲାକୋର୍ଟ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଅଗ୍ରୱାଲଙ୍କୁ ୧୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହିତ ୩ ହଜାର ଟଙ୍କା ଜରିମାନା ଆଦେଶ ରହିଛି। ଆଇଟି ଆକ୍ଟର ଧାରା ୬୬ ଏବଂ କ୍ରିମିନାଲ ପ୍ରୋସିଜିଓର କୋଡ୍‌ର ଧାରା ୨୩୫ ଅନୁସାରେ ଅତିରିକ୍ତ ସେସନ୍ କୋର୍ଟ ବିଚାରପତି ଏମ୍.ଭି ଦେଶପାଣ୍ଡେ ଏହି ମାମଲାରେ ନିଶାନ୍ତ ଅଗ୍ରୱାଲଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

## ଏକାଳ ପଖାଳ



ଗଣନା ହେବ ଆଜି
କୁତୁକୁତୁ ସବୁ ନେତା
କେନ୍ଦ୍ର ଠୁ ରାଇଜେ କିଏ ସେ ଆସିବ
ଚାଲିଯିବ ପରା ପତ୍ତା
କିଏ ସେ ଚାଖିବ ପିଠା
ଦେଖିବା କିଏ ସେ ଗଡ ଜିଣି
ଚାଲିବ ଟେକିକି ମଥା।

# ମାଳଦ୍ୱୀପ ବଦଳରେ ଲାକ୍ଷାଦ୍ୱୀପ ବୁଲିବାକୁ ଯାଅ ନିଜ ନାଗରିକଙ୍କୁ କହିଲା ଇସ୍ରାଏଲ



ତେଲଆଭିଭ, ୩।୬

ମାଳଦ୍ୱୀପକୁ କଡ଼ା ଜବାବ ଦେଇଛି ଇସ୍ରାଏଲ। ଭାରତ ମହାସାଗର ଦ୍ୱୀପପୁଞ୍ଜରେ ଇସ୍ରାଏଲୀଙ୍କ ବିରୋଧରେ ମାଳଦ୍ୱୀପ ସରକାର ପ୍ରତିବନ୍ଧକ ଲଗାଇବାକୁ ଘୋଷଣା କରିବାର ଦିନକ ପରେ ସୋମବାର ଭାରତରେ ଥିବା ଇସ୍ରାଏଲ ଦୂତାବାସ ତାର ନାଗରିକମାନଙ୍କୁ ମାଳଦ୍ୱୀପ ଗସ୍ତ କରିବା ପରିବର୍ତ୍ତେ ଭାରତର ଲାକ୍ଷାଦ୍ୱୀପ ବୁଲିବାକୁ କହିଛି । କେବଳ ଲାକ୍ଷାଦ୍ୱୀପ ନୁହେଁ ଭାରତର ଗୋଆ, କେରଳ ଓ ଆଣ୍ଡାମାନ ଓ ନିକୋବର ବୁଲିବାକୁ ବି ପରାମର୍ଶ ଦେଇଛି।

ମାଳଦ୍ୱୀପର ରାଷ୍ଟ୍ରପତି ମହମ୍ମଦ ମୁଇଜ୍ଜୁ ଇସ୍ରାଏଲ ପାସପୋର୍ଟ ଥିବା ଲୋକଙ୍କୁ ତାଙ୍କ ଦେଶରେ ପ୍ରବେଶ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଏ ନେଇ ମାଳଦ୍ୱୀପ କ୍ୟାବିନେଟରେ ଏକ ପ୍ରସ୍ତାବ ପାସ ହୋଇଛି। ତେବେ ଏହା କେବେ କାର୍ଯ୍ୟକାରୀ ହେବ ସେ ନେଇ ସରକାର କିଛି କହିନାହାନ୍ତି । ପାଲେଷ୍ଟାଇନକୁ ସମର୍ଥନ କରି ମାଳଦ୍ୱୀପର ମୁଇଜ୍ଜୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି ।

# ଆଜିଠାରୁ ପୁଣି ବଢ଼ିବ ତାତି



ଭୁବନେଶ୍ୱର, ୩।୬ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କାଳବୈଶାଖୀ ବର୍ଷା ପ୍ରଭାବରେ କମିଛି ତାତି। ଫଳରେ ଆସନ୍ତା ୨୪ ଘଣ୍ଟା ଯାଏ ହିଟ ୱେଭ ବା ଗ୍ରୀଷ୍ମ ପ୍ରବାହ ନାହିଁ । ହେଲେ ମଙ୍ଗଳବାରଠାରୁ ପୁଣି ରାଜ୍ୟରେ ଜାରି ହେବ ହିଟ ୱେଭ, ବଢ଼ିବ ତାତି । ଆଗାମୀ ୫ ଦିନରେ ଖରା ଓ ଗ୍ରୀଷ୍ମପ୍ରବାହ ସହ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମଙ୍ଗଳବାରଠାରୁ ୨ ରୁ ୪ ଡିଗ୍ରୀ ତାପମାତ୍ରା ବଢ଼ିବା ସହ ଉପକୂଳରେ ପୁଣି ଲାଗିରହିବ ଗୁଳୁଗୁଳି । ୭ ତାରିଖ ଯାଏଁ ଏଭଳି ଗୁଳୁଗୁଳି ଲାଗିରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏନେଇ ଉପକୂଳର ଜିଲ୍ଲାଗୁଡିକରେ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆଉ କେତେକ ସ୍ଥାନରେ ୪୨ ଡିଗ୍ରୀ ତାପମାତ୍ରା ହେବାର ଆକଳନ *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଜୁନ୍ ୨୦୨୪ ମଙ୍ଗଳବାର




# କୁଡୁମିପାଳ ଗାଁରେ ହାତୀ ଉପଦ୍ରବ



ନୀଳଗିରି, ନ୍ୟୁଜ୍ ବ୍ୟୁରୋ

ନୀଳଗିରିରୁ ପ୍ରବେଶ କରିଥିବା ଝଡଖଣ୍ଡି ହାତୀପଲଙ୍କ ଉପଦ୍ରବ । ଜଡିବାଲି କୁଡୁମିପାଳ ଗାଁରେ ହାତୀପଲ ପ୍ରବେଶ କରି ଘର ଭାଙ୍ଗିବା ସହ ଧାନ ଚାଉଳ ନଷ୍ଟ କରିଛନ୍ତି । ଗାଁର କାର୍ତ୍ତିକ ଚନ୍ଦ୍ର ସିଂଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବାରୁ ବାହାରେ ବସି ରହିଛନ୍ତି ପରିବାର ଲୋକେ । ସେହିପରି କାଠପାଳ ଗାଁରେ ନିରଞ୍ଜନ ଦେହୁରୀଙ୍କ ଘର ମଧ୍ୟ ଭାଙ୍ଗିଛନ୍ତି ଝାଡ଼ଖଣ୍ଡି ହାତୀପଲ ।

# ଭୋଟ୍ ଗଣତି ପାଇଁ କେନ୍ଦୁଝର ଜିଲ୍ଲାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲାରେ ଗତ ମଇ ମାସ ୨୫ ତାରିଖରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହେବା ପରେ ଶୃଙ୍ଖଳିତ ଏବଂ ତ୍ରୁଟିଶୂନ୍ୟ ଭୋଟ୍ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଥିବାର ଜଣାପଡିଛି । ୫ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ ଓ ରାଜ୍ୟ ପୋଲିସଙ୍କ ତ୍ରିସ୍ତରୀୟ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମଙ୍ଗଳବାର ଜିଲ୍ଲାର ତିନୋଟି ସ୍ଥାନରେ ଥିବା ୬ ଗୋଟି କେନ୍ଦ୍ରରେ ଭୋଟ୍ ଗଣତି ହେବ । ଚମ୍ପୁଆ ଓ ପାଟଣା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ଚନ୍ଦ୍ରଶେଖର ମହାବିଦ୍ୟାଳୟ, ଚମ୍ପୁଆ ଠାରେ ହେବାକୁ ଥିବାବେଳେ, କେନ୍ଦୁଝର ଓ ତେଲକୋଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ଓଡ଼ିଶା ଖଣି ଯାନ୍ତ୍ରିକ ବିଦ୍ୟାଳୟ ଠାରେ ଏବଂ ଆନନ୍ଦପୁର ଓ ଘଷିପୁରା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ଠାରେ ଅନୁଷ୍ଠିତ ହେବାଲାଗି ସ୍ଥିର କରାଯାଇଛି । ଏଥିସହିତ ଏହି ସବୁ ଗଣତି କେନ୍ଦ୍ରରେ ବିଧାନସଭା ସହିତ କେନ୍ଦୁଝର ସଂସଦୀୟ କ୍ଷେତ୍ର ଲାଗି ମଧ୍ୟ ସମାନ୍ତରାଳ ଭାବେ ଭୋଟ୍ ଗଣତି ହେବ । କେନ୍ଦୁଝର ସଂସଦୀୟ କ୍ଷେତ୍ରର ଇଭିଏମ୍ ଭୋଟ୍ ଗଣତି ନିମନ୍ତେ କେନ୍ଦୁଝର ଜିଲ୍ଲାର ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଭୋଟ୍ ଗଣତି ନିମନ୍ତେ କେବଳ ଆନନ୍ଦପୁରରେ ୧୨ ଟେବୁଲ ଓ କେନ୍ଦୁଝର ଜିଲ୍ଲାର ଅନ୍ୟ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ୧୪ଟି ଲେଖାଏଁ ଟେବୁଲ ଏବଂ ଏହି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି ୧୪ଟି ଟେବୁଲ ବ୍ୟବସ୍ଥା କରାଯାଇ ସମୁଦାୟ ୯୬ ଗୋଟି ଇଭିଏମ୍ ଟେବୁଲର ବ୍ୟବସ୍ଥା କରାଯାଇଛି । ଆହୁରି ମଧ୍ୟ ସମସ୍ତ ପୋଷ୍ଟାଲ ବାଲଟ ଗଣତି ପାଇଁ ଜିଲ୍ଲାର ୩ ଗୋଟି ଓ ମୟୂରଭଞ୍ଜ କରଞ୍ଜିଆ ଗଣତି କେନ୍ଦ୍ରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଢ଼ଙ୍ଗରେ ସଂସଦୀୟ କ୍ଷେତ୍ର ଏବଂ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ନିମନ୍ତେ ସମୁଦାୟ ନିଯୁକ୍ତ ୭୫୯ କର୍ମଚାରୀଙ୍କ ମଧ୍ୟରୁ ୨୪୦ ମାଇକ୍ରୋ ଅବଜରଭର, ୨୪୦ କାଉଣ୍ଟିଙ୍ଗ ସୁପରଭାଇଜର ଏବଂ ୨୭୯ କାଉଣ୍ଟିଙ୍ଗ ଆସିଷ୍ଟାଣ୍ଟଙ୍କୁ ସର୍ବୋତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ୪ ଜଣ ପର୍ଯ୍ୟବେକ୍ଷକ ଇତିମଧ୍ୟରେ ଭୋଟ୍ ଗଣତିର ନିରୀକ୍ଷଣ କରୁଛନ୍ତି । ଉଭୟ କେନ୍ଦୁଝର ସଂସଦୀୟ କ୍ଷେତ୍ର ଏବଂ ବିଧାନସଭା ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପାଇଁ ତେଲକୋଇ ଲାଗି ୨୩ ରାଉଣ୍ଡ, ଘଷିପୁରା ପାଇଁ ୨୨ ରାଉଣ୍ଡ, ଆନନ୍ଦପୁର ପାଇଁ ୨୫ ରାଉଣ୍ଡ, ପାଟଣା ପାଇଁ ୨୦ ରାଉଣ୍ଡ, କେନ୍ଦୁଝର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୨୧ ରାଉଣ୍ଡ, ଚମ୍ପୁଆ ପାଇଁ ୧୯ ରାଉଣ୍ଡ ଓ କରଞ୍ଜିଆ ଲାଗି ୧୮ ରାଉଣ୍ଡ ଭୋଟ୍ ଗଣତି କରାଯିବା ପାଇଁ ସ୍ଥିର କରାଯାଇଛି । ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗଣତି ସମ୍ବନ୍ଧିତ ସୂଚନା ପ୍ରଦାନ କରିବା ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବାର ଜଣାପଡିଛି ।

# ନନ୍ଦପଡ଼ା ଶୀତଳଷଷ୍ଠୀ କମିଟି ଗଠିତ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ସମ୍ବଲପୁରର ସର୍ବପୁରାତନ ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରାର ସଫଳ ଆୟୋଜନ ପାଇଁ ଚଳିତ ବର୍ଷର ନୂତନ କମିଟି ଗଠନ ହୋଇଯାଇଛି । ବରାଡ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଗଠିତ ନୂତନ କମିଟିରେ ସଭାପତି ରୂପେ ସର୍ବସମ୍ମତି କ୍ରମେ ଫଣୀ ଭୂଷଣ ମିଶ୍ର, ଉପ ସଭାପତି ବିଷ୍ଣୁ ପ୍ରସାଦ ପାଢ଼ୀ ଓ ଆଶିଷ ବାବୁ, ସମ୍ପାଦକ ରୂପେ ପ୍ରଭୂଦତ ପଣ୍ଡା ଓ ରାଜୀବ ମାଝୀ ମନୋନିତ ହୋଇଛନ୍ତି । ଭୁବନ ମୋହନ ମିଶ୍ର କୋଷାଧ୍ୟକ୍ଷ, ଆଭାଷିଶ ମିଶ୍ର ସହ କୋଷାଧ୍ୟକ୍ଷ ଓ ରାଜା ପାଢ଼ୀ ସୁଶ୍ରୀତ ମିଶ୍ର ଓ ବିରାଜ କୁମାର ମିଶ୍ରଙ୍କୁ ଗଣମାଧ୍ୟମ ପ୍ରଭାରୀ ଦାୟିତ୍ୱ ଅର୍ପଣ କରାଯାଇଛି । ସେହିଭଳି ଉପଦେଷ୍ଟା ମଣ୍ଡଳୀରେ ଗୋଲକ ବିହାରୀ ମିଶ୍ର, ସୁରେଶ୍ୱର ମିଶ୍ର, ଅମୂଲ୍ୟ ମିଶ୍ର, ଚକ୍ରଧର ମିଶ୍ର, ପ୍ରଫୁଲ୍ଲ ହୋତା, ସନ୍ତୋଷ ମିଶ୍ର, ସଞ୍ଜୀବ ଗୁରୁ, ପ୍ରଶାନ୍ତ ବରେଇ, ଆଶିଷ ବରେଇ, ସମୀର ରଞ୍ଜନ ବାବୁ, ଗୋପାଳ ପୃଷ୍ଟେ, ଦିଲୀପ କୁଅଁର, ଶିବ ମିଶ୍ର ଓ ସଞ୍ଜୀବ ନନ୍ଦ ପ୍ରମୁଖ ରହିଥିବା ଜଣାଯାଇଛି ।

# ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ଜନିତ ବର୍ଷା ଓ ବଜ୍ରପାତ ହୋଇଛି । ଫଳରେ ବିଭିନ୍ନ ସ୍ଥାନରେ ବଡ ବଡ ଗଛ ଉପୁଡି ପଡିବା ସହ କେତେକ ସ୍ଥାନରେ ଗଛ ଡାଳ ଭାଙ୍ଗି ରାସ୍ତାରେ ପଡିଛି । ଏହି ସମୟରେ ବଜ୍ରପାତରେ ପାଟପୁର ଥାନା ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ଏକ ଗଛ ମୂଳେ ଦୁଇଜଣ ବ୍ୟକ୍ତି ବର୍ଷାରୁ ରକ୍ଷା ପାଇବାକୁ ଆଶ୍ରୟ ନେଇଥିବା ବେଳେ ବଜ୍ରାପାତରେ ଉଭୟଙ୍କ ମୃତ୍ୟୁ ଘଟିଛି ।

# ହୀରାକୁଦ୍ ଜଳଭଣ୍ଡାରରେ ପାଣି ଅଭାବ:ବିଦ୍ୟୁତ୍ ଉତ୍ପାଦନରେ ବାଧା

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ରହିଛି ୬୦୫.୬୦ ଫୁଟ୍ । ସମାନ ତାରିଖରେ ୨୦୨୩ ମସିହାରେ ଏହା ୬୦୪.୧୭ ଫୁଟ୍, ୨୦୨୨ ମସିହାରେ ୬୦୦.୮୩ ଥିଲା । ଅର୍ଥାତ୍ ଗତବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଜଳଭଣ୍ଡାରରେ ଅଧିକ ପାଣି ରହିଛି । ବର୍ତ୍ତମାନ ଜଳଭଣ୍ଡାରକୁ ୯୭୭ କ୍ୟୁସେକ୍ ପାଣି ପ୍ରବେଶ କରୁଥିବା ବେଳେ ୧୪ ହଜାର ୬୦୮ କ୍ୟୁସେକ୍ ନିଷ୍କାସିତ ହେଉଛି । ମାତ୍ର ଏହି ପରିପ୍ରେକ୍ଷୀରେ ହୀରାକୁଦ ଜଳଭଣ୍ଡାରର ତ୍ରୁଟିପୂର୍ଣ୍ଣ ଜଳ ପରିଚାଳନା ଯୋଗୁଁ ୧୨ କୋଟି ଟଙ୍କାର ବିଜୁଳି ଉତ୍ପାଦିତ ହୋଇପାରିନଥିବା ଭଳି ଗୁରୁତର ଅଭିଯୋଗ ହୋଇଛି । ରାଜ୍ୟ ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ରବୀନ୍ଦ୍ର ପଣ୍ଡାଙ୍କ ଅନୁସାରେ, ଜୁନ୍ ୧ ତାରିଖରେ ହୀରାକୁଦ ଜଳ ଭଣ୍ଡାରର ଜଳସ୍ତର ୫୯୭.୭୧ ଫୁଟ୍ ରହିବା କଥା । ମାତ୍ର ଜୁନ୍ ୧ରେ ଜଳସ୍ତର ୬୦୫.୬୦ ଫୁଟ୍ ରହିଛି । ଜଳ ଭଣ୍ଡାରରେ ପ୍ରାୟ ପାଖାପାଖି ୦.୫୦ ନିୟୁତ ଏକର ଫୁଟ୍ ଜଳ ଅଧିକ ସଞ୍ଚିତ ରହିଛି । ଯଦି ସଞ୍ଚିତ ଜଳକୁ ଠିକ୍ ଭାବେ ପରିଚାଳନା କରି ଜୁନ୍ ୧୫ ତାରିଖ ସୁଦ୍ଧା ବ୍ୟବହାର କରିବା ଉଚିତ୍ । ନଚେତ ମୌସୁମୀ ବର୍ଷା ଯୋଗୁଁ ତାହା ବନ୍ୟା ଜଳରେ ପରିଣତ ହୋଇଯିବ । ଫଳରେ ପ୍ରାୟ ପାଖାପାଖି ୪୦ ନିୟୁତ ୟୁନିଟ୍ ବିଦ୍ୟୁତ୍ କ୍ଷତି ହେବାର ଯଥେଷ୍ଟ ଆଶଂକା ଅଛି । ୟୁନିଟ୍ ପିଛା ୩ ଟଙ୍କା ଦର ଧାରାଗଲେ ତେବେ ପାଖାପାଖି ୧୨ କୋଟି ଟଙ୍କାର ବିଦ୍ୟୁତ୍ ନଷ୍ଟ ହେବାର ଆଶଂକା ରହିଛି । ମେ' ମାସ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ହୀରାକୁଦ ସେଚାଞ୍ଚଳର ରବି ଜଳସେଚନ ପାଇଁ ପାଖାପାଖି ୦.୫୦ ନିୟୁତ ଏକର ଫୁଟ ପାଣିର ଆବଶ୍ୟକତା ଥାଏ । ବଳକା ପାଣିକୁ ଦୈନିକ ହାରାହାରି ସେକେଣ୍ଡ ପ୍ରତି ୫ ହଜାର ଘନଫୁଟ୍ ଜଳ ବିଦ୍ୟୁତ୍ ଉତ୍ପାଦନ ବ୍ୟବହାର କରାଗଲେ ଜୁନ୍ ୧୫ ବେଳକୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୫୯୮ ଫୁଟ୍ ଛୁଇଁବ । ସୂଚନା ଅନୁସାରେ ଜଳଭଣ୍ଡାରର ୧୩ ହଜାର ୬୭୬ କ୍ୟୁସେକ୍ ଜଳ ପାୱାର ଚାନେଲରେ ଉପଯୋଗ ହେବା ସହ ଦୈନିକ ୧୨୨ ମେଗାୱାଟ୍ ବିଜୁଳି ଉତ୍ପାଦିତ ହେଉଛି । ଅନ୍ୟପଟେ ହୀରାକୁଦ ଜଳଭଣ୍ଡାର ମୁଖ୍ୟଯନ୍ତ୍ରୀ କହିଛନ୍ତି, ହୀରାକୁଦ ଜଳଭଣ୍ଡାରର ସ୍ଥିତି ପ୍ରାୟତଃ ବର୍ତ୍ତମାନ ଭଲ ରହିଛି । ଆବଶ୍ୟକତା ଅନୁସାରେ ଜଳ ପରିଚାଳନା ହେଉଛି । ମାତ୍ର ଲକ୍ଷ୍ୟଧାର୍ଯ୍ୟ ନେଇ ବିଜୁଳି ଉତ୍ପାଦନ ଅଧିକ ହେଲେ ହୀରାକୁଦରେ ମହଜୁଦ ପାଣି ସରିଯିବାର ଆଶଙ୍କା ରହିଛି । ଚାଷ ବହୁଳ ରାଜ୍ୟରେ ଜୁନ୍ ୨୫ ତାରିଖ ସୁଦ୍ଧା ୫୯୫ ଘନ ଫୁଟ୍ ରହିବା କଥା । ତେଣୁ ଏବେ କେବଳ ଚାଷବାସ ପାଇଁ ଜଳପତନକୁ ସର୍ବାଧିକ ୬୦୦ ଫୁଟ୍‌ରେ ସୀମିତ ରଖାଯାଇଛି ।

# ୪୯ନଂ ଜାତୀୟ ରାଜପଥରେ କାର୍ ଧକ୍କାରେ ବାଇକ୍ ଚାଳକ ମୃତ

ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ

ସୋମବାର ଦିନ ସକାଳ ୧୦ଟା ସମୟରେ ୪୯ ନଂ ଜାତୀୟ ରାଜପଥର ନୁଆଡିହି ଛକ ପାଖରେ ଏକ ଏକ୍ସୟୁଭି କାର୍ ସହିତ ଏକ ବାଇକ୍ ଦୁର୍ଘଟଣା ହୋଇଛି । ଏହି ଦୁର୍ଘଟଣାରେ ବାଇକ୍ ଆରୋହୀର ମୃତ୍ୟୁ ହୋଇଛି । ସୂଚନା ଅନୁସାରେ ବ୍ରଜରାଜନଗର ବାହାଦୂର ପଡାର ଦେବେନ୍ଦ୍ର ନାୟକ (୪୫) ଝାରସୁଗୁଡ଼ା ଇଣ୍ଡିଆନ ଅଏଲ କମ୍ପାନୀକୁ ମଟରସାଇକେଲରେ ଡ୍ୟୁଟି କରିବା ପାଇଁ ଯାଉଥିବା ସମୟରେ ୪୯ନଂ ଜାତୀୟ ରାଜପଥର ନୁଆଡିହି ଛକ ପାଖରେ ଝାରସୁଗୁଡ଼ା ପଟୁ ଆସୁଥିବା ମହେନ୍ଦ୍ରା ଏକ୍ସୟୁଭି କାର୍‌ଟି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମଟରସାଇକେଲ ଆରୋହୀ ଦେବେନ୍ଦ୍ରଙ୍କ ମୃତ୍ୟୁ ହୋଇଛି । ଏକ୍ସୟୁଭି କାର୍‌ଟି ଏକ ଟ୍ରକ୍‌କୁ ଓଭରଟେକ୍ କରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି । କାର୍‌ଟି ଓରିଏଣ୍ଟ କୋଇଲା ଖଣି ଜେନେରାଲ ମ୍ୟାନେଜରଙ୍କ କାର୍ଯ୍ୟାଳୟରେ ଅଧିକାରୀଙ୍କ ଡ୍ୟୁଟିରେ କାର୍ଯ୍ୟ କରୁଥିବା ବେଳେ ମାଲିକ ଉତ୍ତମ ପାଶ୍ୱାନ ନିଜେ କାର୍‌ଟିକୁ ଚଲାଉଥିଲେ । ଗାନ୍ଧୀ ଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରି ଦୁର୍ଘଟଣାରେ ସଂପୃକ୍ତ ଦୁଇଟି ଗାଡ଼ି ଫାଣ୍ଡିକୁ ଆଣିବା ସହ କାର୍ ଚାଳକ ମାଲିକ ଉତ୍ତମ ପାଶ୍ୱାନକୁ ଫାଣ୍ଡିରେ ଅଟକ ରଖିଥିବା ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି ।

# ହଳଦୀ ବୋଝେଇ ଟ୍ରକ୍ ଓଲଟିଲା:ଚାଳକ ମୃତ

ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ

ଗଞ୍ଜାମ ଜିଲ୍ଲା ପାଟପୁର ଥାନା ଅନ୍ତର୍ଗତ ତପ୍ତପାଣି ଘାଟିରେ ଏକ ହଳଦୀ ବୋଝେଇ ଟ୍ରକ୍ ଭାରସାମ୍ୟ ହରାଇ ଓଲଟି ପଡିଛି । ଫଳରେ ଘଟଣାସ୍ଥଳରେ ଗାଡିର ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ହେଲ୍‌ପର୍ ଫେରାର୍ ଥିବା ଜଣାପଡିଛି । ଖବରପାଇ ପାଟପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ ମେଡିକାଲକୁ ପଠାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରି ରହିଛି । କିପରି ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସେନେଇ ଯାଞ୍ଚ କରୁଛି ପୋଲିସ ।

# ବିଦ୍ୟୁତ୍ ମରାମତି ବେଳେ ଅଘଟଣ

## ମୃତ ଲାଇନ୍‌ମ୍ୟାନ୍‌ଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ରାସ୍ତାରୋକ

ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ

ବିଦ୍ୟୁତ୍ ମରାମତି କାମବେଳେ ଅଘଟଣ ଘଟି ଜଣେ ଠିକା କାମ କରୁଥିବା ଲାଇନ୍‌ମେନ୍‌ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସୂଚନା ଅନୁସାରେ ମଧ୍ୟାହ୍ନରେ ବଲାଙ୍ଗୀର ରୁଗୁଡ଼ିପଡ଼ାରୁ ଫ୍ୟୁଜ୍ କଲ୍ ପାଇ ମରାମତି ପାଇଁ ମେହେରମୁଣ୍ଡା ନିବାସୀ ଠିକା ଶ୍ରମିକ ଅନୁପ ଚନ୍ଦ୍ର ସିଂ ରୁଗୁଡ଼ିପଡ଼ାରେ ପହଞ୍ଚି ବିଦ୍ୟୁତ ମରାମତି କରିବା ସମୟରେ ବିଦ୍ୟୁତ ଆଘାତ ଲାଗି ମୃତ୍ୟୁବରଣ କରିଛନ୍ତି । ବିଦ୍ୟୁତ ବିଭାଗର ଠିକା ଶ୍ରମିକମାନେ ଶବ ରଖି ବିଭାଗୀୟ ଅବହେଳା ଯୋଗୁଁ ଅନୁପଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି ରାସ୍ତା ରୋକ କରିଥିବା ଦେଖିବାକୁ ମିଳିଥିଲା । ମୃତ ଅନୁପଙ୍କ ସହକର୍ମୀ ମିଳନ ପଣ୍ଡା କହିଛନ୍ତି ଯେ, ଯଦି ରେଗୁଲାର୍ ଲାଇନ୍‌ମେନ୍ ଜଣେ ଆମ ପିଲାଙ୍କ ସହ ରହି କାମ ତଦାରଖ କରିଥାନ୍ତେ, ତେବେ ଅନୁପଙ୍କ ଏଭଳି ଅକାଳ ମୃତ୍ୟୁ ଘଟିନଥାନ୍ତା । ମୃତ ମିଳନ ତାଙ୍କ ବାପା ମା'ଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳେ ତାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ତାଙ୍କ ପରିବାରର ଜଣକୁ ଚାକିରି ଦିଆଯାଉବୋଲି ଆନ୍ଦୋଳନରତ ବିଦ୍ୟୁତ ବିଭାଗ କର୍ମଚାରୀମାନେ ଦାବି କରିଥିଲେ । ବର୍ଷା ହେଉଥିବା ସତ୍ତ୍ୱେ ଅନୁପଙ୍କ ଶବ ରଖି ସାଥୀ କର୍ମଚାରୀମାନେ ଧାରଣାରେ ବସିଥିବା ବେଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଓ ବଲାଙ୍ଗିର ସଦର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଧାରଣା ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରି ନିୟମ ଅନୁସାରେ ଯେତିକି ବେଶୀ ହୋଇପାରିବ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଧାରଣା ହଟିଥିବା ଜଣାପଡ଼ିଛି । ଏହାପରେ ଶବକୁ ପୋଷ୍ଟମର୍ଟମ୍ ପାଇଁ ବଲାଙ୍ଗିର ଭୀମଭୋଇ ମେଡ଼ିକାଲ୍ କଲେଜ୍ ଓ ହସ୍‌ପିଟାଲ୍‌କୁ ପଠାଯାଇଥିବା ସୂଚନା ରହିଛି ।

# ଜୟପୁରରେ ଶାନ୍ତିପୂର୍ଣ୍ଣ ଭୋଟ୍ ଗଣତି ପାଇଁ ପ୍ରଶାସନ ପ୍ରସ୍ତୁତ

ଜୟପୁର, ନ୍ୟୁଜ୍ ବ୍ୟୁରୋ

ଜୟପୁର ପୌର ସଭାଗୃହରେ ପ୍ରଶାସନ ତରଫରୁ ଏକ ସାମ୍ବାଦିକ ସମ୍ମିଳନି ଆୟୋଜନ କରାଯାଇଥିଲା । ମଙ୍ଗଳବାର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଭୋଟ୍ ଗଣତି ହେବ ବୋଲି ଏଆରଓ ତଥା ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା ସୂଚନା ଦେଇଛନ୍ତି । ଜୟପୁର ବିକ୍ରମ ଦେବ ବିଶ୍ୱବିଦ୍ୟାଳୟ ପରିସରରେ ଭୋଟ୍ ଗଣତି ହେବ । କୋଟପାଡ ଓ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳି ସହ କୋରାପୁଟ ଓ ନବରଙ୍ଗପୁର ସାଂସଦୀୟ କ୍ଷେତ୍ରର ଭୋଟ୍ ଗଣତି ହେବ । ଜୟପୁର ଦଶହରା ପଡିଆ ଦେଇ ସମସ୍ତେ ବିକ୍ରମ ଦେବ ବିଶ୍ୱବିଦ୍ୟାଳୟକୁ ପ୍ରବେଶ କରିବେ । ଦଶହରା ପଡିଆ ଠାରେ ଭୋଟ୍ ଗଣତିର ତଥ୍ୟ ଜାଣିବା ପାଇଁ ୧ ହଜାର ଲୋକଙ୍କ ପାଇଁ ଟେଣ୍ଟର ବ୍ୟବସ୍ଥା, ଏଲଇଡି ଟିଭି ଲାଗିବା ସହ ପାନୀୟ ଜଳର ବ୍ୟବସ୍ଥା ଆଦି କରାଯାଇଛି । କାଉଣ୍ଟିଙ୍ଗ ହଲ୍ ନିକଟରେ ମିଡିଆ ସେଲ୍ କରାଯାଇଛି । ଜୟପୁର ନିର୍ବାଚନ ମଣ୍ଡଳିର ୨୩୮ଟି ବୁଥ୍ ପାଇ ୧୦ଟି ଟେବୁଲ କରାଯାଇଛି । ୨୪ ରାଉଣ୍ଡ ଗଣତି କରାଯିବ । ସେହିପରି କୋଟପାଡ ନିର୍ବାଚନ ମଣ୍ଡଳି ପାଇଁ ୨୪୩ଟି ବୁଥ୍ ପାଇଁ ୧୦ଟି ଟେବୁଲ କରାଯାଇଛି । ୨୫ ରାଉଣ୍ଡ ଗଣତି କରାଯିବ । ପୋଷ୍ଟାଲ ବେଲେଟ ପାଇଁ ୫ଟି ଟେବୁଲ କରାଯାଇଛି । ପ୍ରଶାସନ ତରଫରୁ ଟ୍ରାଫିକ ଓ ଗହଳି ନିୟନ୍ତ୍ରଣ ପାଇଁ ନବରଙ୍ଗପୁର, ବୋରିଗୁମ୍ମା ଓ କୋଟପାଡ ପଟୁ ଆସୁଥିବା ସମସ୍ତ ଗାଡି କେନାଲର ରୋଡ ଦେଇ ଗାନ୍ଧୀ ଛକରେ ବାହାରିବ । କୋରାପୁଟ ପଟୁ ଆସୁଥିବା ସମସ୍ତ ଗାଡି ଗାନ୍ଧୀ ଛକ ବାଇପାସ୍ କେନାଲ ରୋଡ ଦେଇ ବାହାରିବ । ମୁଖ୍ୟ ଟ୍ରାଫିକ୍ ଛକ ଠାରୁ ଖ୍ରୀଷ୍ଟିଆନ୍ ପେଟା ଛକ ଯାଏ ଗାଡି ଚଳାଚଳକୁ ବନ୍ଦ କରାଯାଇ ଚଳାପଥ କରାଯାଇଛି । ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ । ପ୍ରଥମେ ବେଲାଟ ପେପର ଗଣତି କରାଯିବ ଓ ପରେ ଇଭିଏମ୍ ଗଣତି ହେବ । ଗ୍ରୀଷ୍ମ ପ୍ରବାହକୁ ଦେଖି ଷ୍ଟ୍ରଙ୍ଗରୁମ୍ ନିକଟରେ ଆମ୍ବୁଲାନ୍ସ ସହ ପ୍ରାଥମିକ ଚିକିତ୍ସାର ବ୍ୟବସ୍ଥା କରାଯାଇଛି । ଗଣତି ହଲ୍‌କୁ କେବଳ କାଉଣ୍ଟିଙ୍ଗ ସୁପରଭାଇଜର, ଆସିଷ୍ଟାଣ୍ଡ କାଉଣ୍ଟିଙ୍ଗ ସୁପରଭାଇଜର ଓ ମାଇକ୍ରୋ ଅବଜରବର ଓ ପ୍ରାର୍ଥୀଙ୍କ ଏଜେଣ୍ଟ ମାନେ ପ୍ରବେଶ କରିପାରିବେ । ଏହି ସମ୍ବାଦିକ ସମ୍ମିଳନୀରେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରୀ ଇଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ, ଏସଡିପିଆରଓ ଯଶୋଦା ଗାଦବାଙ୍କ ସହ ବିଭିନ୍ନ ରାଜନୈତିକ ଦଳର ସଦସ୍ୟମାନେ ଉପସ୍ଥିତ ଥିଲେ ।

# ମୃତ ଶ୍ରମିକଙ୍କ ପରିବାରକୁ ସହାୟତା ପ୍ରଦାନ ଦାବିରେ ଧାରଣା

ରାଉରକେଲା, ନ୍ୟୁଜ୍ ବ୍ୟୁରୋ

ରାଉରକେଲା ଇସ୍ପାତ କାରଖାନାରେ ବରିଷ୍ଠ ଶ୍ରମିକ ଭାବେ କାମ କରିଥିବା ବୁଦିଆ କିଷାନ (୪୯) ରାସ୍ତାରେ ପଡିଯାଇ ମାତ୍ର ଦୁଇଘଣ୍ଟା ଭିତରେ ଡାକ୍ତରଖାନାରେ ମୃତ୍ୟୁବରଣ କଲାପରେ ତାର ପରିବାର ସଦସ୍ୟକୁ ଚାକିରୀ ଦେବାକୁ ଆରଏସପି ମନାକଲା ପରେ ତାର ପରିବାର, ସମର୍ଥକ ଓ ସାଂସଦ ପ୍ରାର୍ଥୀ ଜୁଏଲ ଓରାମ ଆରଏସପିର ଡାକ୍ତରଖାନା ଆଇଜିଏଚ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି । ମୃତ ବୁଦିଆଙ୍କର ଦୁଇଟି ପିଲା । ତାଙ୍କ ଝିଅ କହିବା ଅନୁସାରେ, ବାପା ବୁଦିଆ ୪ ଦିନ ତଳେ ସକାଳ ୮ଟାରେ ଘରୁ ବାହାରି ବଜାର ଯାଏ ଯିବା କ୍ଷଣି ରାସ୍ତାରେ ପଡିଯାଇଥିଲେ । ପରେ ତାଙ୍କୁ କିଛି ଲୋକ ତୁରନ୍ତ ପାଖ ଆଇଜିଏଚକୁ ନେଇଥିଲେ । ସେ ସୁଗାର ଓ ପ୍ରେସର ବେମାରରେ ଆକ୍ରାନ୍ତ ଥିଲେ । ପ୍ରବଳ ଖରାରେ ଡ୍ୟୁଟିକୁ ଯାଉଥିବା ବେଳେ ଏଭଳି ହେବାପରେ ଡାକ୍ତରଖାନାରେ ମାତ୍ର ୨ଘଣ୍ଟାରେ ତାଙ୍କ ପ୍ରାଣବାୟୁ ଉଡିଯାଇଥିଲା । ତାଙ୍କର ହାର୍ଟ ଆଟାକ୍ ହୋଇଥିବା ନେଇ ରିପୋର୍ଟ ମଧ୍ୟ ବହାରିଛି । ତେବେ ତାଙ୍କର ଏଭଳି ମୃତ୍ୟୁ ପରେ ତାଙ୍କ ପରିବାରରୁ ଜଣକୁ ଚାକିରୀ ଦାବି ଉଠିବା ପରେ ଆରଏସପି ସିଧା ମନା କରିଦେଇଥିଲା । ନିୟମ ଅନୁସାରେ ଡ୍ୟୁଟିର ଘଣ୍ଟାକ ଆଗରୁ କିମ୍ବା ପରେ ଯଦି ଶ୍ରମିକର ମୃତ୍ୟୁ ହୁଏ ତେବେ ତା ପରିବାରର ଜଣକୁ ଚାକିରୀ ମିଳିବା କଥା । ଏ କ୍ଷେତ୍ରରେ ଆରଏସପି ନିୟମ ଉଲ୍ଲଂଘନ କରିବାରୁ ଆନ୍ଦୋଳନ ଯୋର୍ ଧରିଛି । ତେବେ କିଛି ବରିଷ୍ଠ ଅଧିକାରୀ ଏନେଇ ବୈଠକରେ ଥିବା ବେଳେ ସେଥିରେ ଜୁଏଲ ଓରାମଙ୍କ ହସ୍ତକ୍ଷେପ ମାମଲାକୁ ଅଧିକ ଯୋର୍ ଦେଇଛି । ବୁଦିଆ କୁତ୍ରା ଅଞ୍ଚଳର ବାସିନ୍ଦା, ତାର ବୟସ ୫୦ ମଧ୍ୟ ହୋଇନଥିଲା । ଛୋଟିଆ ପରିବାର ସହ ଛୋଟ ପିଲା ଦୁଇଟି, ଏଭଳି ସ୍ଥିତିରେ ତାର ପରିବାର କଣ କରିବ ସେନେଇ ଚିନ୍ତାରେ ରହିଛି । ତେବେ ଚାକିରୀ ନମିଳିବା ଯାଏ ବୁଦିଆର ମର ଶରୀର ନିଆଯିବ ନାହିଁ କିମ୍ବା ଆନ୍ଦୋଳନ ବନ୍ଦ ହେବନାହିଁ ବୋଲି ଜୁଏଲ ଓରାମ କହିଛନ୍ତି ।

# ରାସ୍ତାରେ ଛିନ୍‌ତାଇ:ମୋବାଇଲ୍, ମନିପର୍ସ ଲୁଟ୍

ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ

ବଲାଙ୍ଗିର ସଦର ବ୍ଲକ୍ ଅନ୍ତର୍ଗତ ଚନ୍ଦନଭାଟି ପାଖ ବରକାନୀ ପାଖରେ ରାତି ପ୍ରାୟ ୧୦ଟା ସମୟରେ ଏକ ଡକାୟତି ହୋଇଥିବା ସୂଚନା ମିଳିଛି । ସୂଚନା ଅନୁସାରେ ସଦାଇପାଲି ନିବାସୀ ଛବିଚନ୍ଦ୍ର ପଟେଲ ନିଜ ପୁଅଙ୍କ ସହ ଜଣେ ସମ୍ପର୍କୀୟଙ୍କ ଅନ୍ତେଷ୍ଟିକ୍ରିୟାରେ ଯୋଗ ଦେବାପାଇଁ କୁଶଙ୍ଗ ପାଖ ବଞ୍ଜାରୀ ଗାଁକୁ ଯାଇ ଫେରୁଥିବା ବେଳେ ଘଟିଛି ଏଭଳି ଅମାନବୀୟ ଘଟଣା । ଏକ ସ୍କୁଟି ସାହାଯ୍ୟରେ ଛବିଚନ୍ଦ୍ର ନିଜ ପୁଅଙ୍କ ସହ ଆସୁଥିବା ବେଳେ ଦୁର୍ବୃତ୍ତମାନେ ବରକାନୀ ପାଖରେ ପଛପଟୁ ତାଙ୍କୁ ଠେଙ୍ଗାରେ ପ୍ରହାର କରିଥିଲେ । ବାପପୁଅ ଭାରସାମ୍ୟ ହରାଇ ସ୍କୁଟିରୁ ଛିଟିକି ପଡ଼ିବା ପରେ ଦୁର୍ବୃତ୍ତମାନେ ତାଙ୍କ ପାଖରୁ ମୋବାଇଲ ଫୋନ୍, ପର୍ସ ଆଦି ଛଡାଇ ଫେରାର୍ ହୋଇଯାଇଥିଲେ । ୫ ଜଣ ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଏଭଳି କାଣ୍ଡ ଘଟାଇଥିବା କୁହାଯାଇଛି । ସୂଚନା ପାଇ ଚନ୍ଦନଭାଟି ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିବା ବେଳେ ଆହତ ଛବିଚନ୍ଦ୍ରଙ୍କୁ ତୁରନ୍ତ ଭୀମଭୋଇ ମେଡ଼ିକାଲ କଲେଜ୍ ଓ ହସ୍ପିଟାଲ୍‌କୁ ଚିକିତ୍ସା ପାଇଁ ପଠାଇଥିଲେ । ଛବିଚନ୍ଦ୍ରଙ୍କ ସାନଭାଇଙ୍କ ପୁଅ ରାମ ପଟେଲ କହିଛନ୍ତି ଯେ, ବଲାଙ୍ଗିର ସହରରୁ ଚନ୍ଦନଭାଟିକୁ ଯିବା ରାସ୍ତାରେ ଲଗାତାର ଏଭଳି ଘଟଣା ଘଟୁଥିବା ବେଳେ ଏହି ରାସ୍ତାରେ ନିଛାଟିଆ ସମୟରେ ଯିବା ଆସିବା କରୁଥିବା ନିରୀହ ଲୋକଙ୍କ ଧନ ଜୀବନ ଅସୁରକ୍ଷିତ ହୋଇପଡ଼ିଛି । ଏ ଦିଗରେ ପୋଲିସ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବାକୁ ରାମପଟେଲଓ ଅଞ୍ଚଳବାସୀ ଦାବି କରିଛନ୍ତି ।



# ହରିଦ୍ୱାରରେ ଶ୍ରୀଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ତୃତୀୟ ଦିନରେ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ପ୍ରଚାର ସମିତି ପକ୍ଷରୁ ହରିଦ୍ୱାରରେ ମହାପ୍ରଭୁଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର କାର୍ଯ୍ୟକ୍ରମ ତୃତୀୟ ଦିନରେ ପହଞ୍ଚିଛି । ମହନ୍ତ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ, ସମ୍ପାଦକ ପ୍ରଭାକର ମଲ୍ଲିକ, ଉପସଭାପତି ବୈକୁଣ୍ଠ ନାଥ ମହାପାତ୍ର, ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ, ସଂଗଠନ ସମ୍ପାଦକ ନାରାୟଣ ମହାପାତ୍ର, ଡ଼ ରାମଚନ୍ଦ୍ର ମିଶ୍ର ଓ ଅନ୍ୟମାନେ ହରିଦ୍ୱାରରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ପୂର୍ବରୁ ଏହି କାର୍ଯ୍ୟକ୍ରମ ଦେଶ ଓ ବିଦେଶରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ଦିନରେ ଏହାକୁ ବ୍ୟାପକ ଭାବେ କରାଯିବାକୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ମହାପ୍ରଭୁଙ୍କ ପୁରାଣ ସ୍କନ୍ଦ ପୁରାଣର ପ୍ରଚାର ପ୍ରସାର କରିବା ନିମନ୍ତେ ପାଞ୍ଚରାତ୍ର ପ୍ରଚାର ସମିତି ସର୍ବଦା ଚେଷ୍ଟା କରିଆସୁଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୪।୬।୨୦୨୪, ଜ୍ୟେଷ୍ଠ ଦି୨୨ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୦୫।୦୭।୨୨ ଚନ୍ଦ୍ରୋଦୟ- ରାଘ ୦୩।୪୧।୦୮

ତ୍ରୟୋଦଶୀ- ରାଘ ୧୦।୦୧ ପର୍ଯ୍ୟନ୍ତ । ଦ୍ୱିଜା ନକ୍ଷତ୍ର- ରାଘ ୧୦।୩୫ ପର୍ଯ୍ୟନ୍ତ । ମେଷ ଚନ୍ଦ୍ର- ରାଘ ୪।୧୩ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି** - ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ରାଘ ୪।୧୩ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ମେଷ ରାଶିର ରାଘ ୪।୧୩ ଗତେ ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବାଇଗଣ ରାଘ ୧୦।୦୧ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୧୧ ଗତେ ଘ ୬।୪୯ ମଧ୍ୟେ । ଦିଘ ୯।୩୪ ଗତେ ଘ ୧୨।୧୧ ମଧ୍ୟେ ।


**ମେଷ:** ସାମାଜିକ କାର୍ଯ୍ୟରେ ଯୋଗଦେବେ । ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହେବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ବିଶୃଙ୍ଖଳା ଦେଖାଦେଇପାରେ । ମହିଳାମାନେ ସୁଖୀ ହେବେ ।


**ବୃଷ:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ପାରିବାରିକ ଜୀବନ ସୁଖମୟ ହେବ । ଆର୍ଥିକ ସ୍ଥିତି ଚିନ୍ତାଜନକ ହୋଇପାରେ । ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡ଼ିପାରେ । ମନ ଅସ୍ଥିର ରହିବ ।


**ମିଥୁନ:** ବ୍ୟବସାୟରେ ଲାଭବାନ୍ ହେବେ । ନୂତନ କାର୍ଯ୍ୟ ହାତକୁ ନେଇପାରନ୍ତି । ଶୁଭ ଖବର ମିଳିପାରେ । ରେଜଗାର ଭଲ ହେବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।


**କର୍କଟ:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଦେବ ଦର୍ଶନ ନିମନ୍ତେ ଦୂରକୁ ଯାତ୍ରା କରିପାରନ୍ତି । ଆର୍ଥିକ ସ୍ଥିତି ଭଲ ରହିବ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବାର ସୂଚନା ।


**ସିଂହ:** ମାଲିମୋକଦ୍ଦମା କ୍ଷେତ୍ରରେ ବିଜୟ ହାସଲ କରିବେ । ଆୟ ଠାରୁ ବ୍ୟୟର ପରିମାଣ ସାମାନ୍ୟ ବଢ଼ିପାରେ । ପାରିବାରିକ ଜୀବନ ଶାନ୍ତିମୟ ହେବ । ସାମାଜିକ ସ୍ତରରେ ସମ୍ମାନିତ ହୋଇପାରନ୍ତି । ମହିଳାମାନେ ଗର୍ବୀ ହେବେ ।


**କନ୍ୟା:** ଦିନଟି ଆପଣଙ୍କ ପାଇଁ ସମସ୍ୟା ପୂର୍ଣ୍ଣ ହେବ । ବ୍ୟୟର ମାତ୍ରା ବଢ଼ିପାରେ । ପରିଶ୍ରମର ମାତ୍ରା ଅଧିକ ହେବ । ଘରେ ଆନନ୍ଦ ଦେଖାଦେବ । ପରୋପକାରୀ ହେବେ । ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ ।


**ତୁଳା:** ବ୍ୟବସାୟରେ ଲାଭବାନ୍ ହେବେ । ପରିବାରରେ ଶାନ୍ତି ବଜାୟ ରଖନ୍ତୁ । ରୋଜଗାର ଭଲ ହେବ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ଶରୀର ସୁସ୍ଥ ରହିବ । ମହିଳାମାନେ ସୁଖୀ ହେବେ । ମନ ଭଲ ରହିବ ।


**ବିଛା:** ଖଳ ପ୍ରକୃତିର ଲୋକଙ୍କ ଠାରୁ ଦୂରେଇ ରହିବା ଭଲ । ହଠାତ୍ କୌଣସି ଶୁଭ ଖବର ମିଳିପାରେ । ଆର୍ଥିକ ସ୍ଥିତି ସୁଦୃଢ଼ ରହିବ । ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ଦେହ ଓ ମନ ଭଲ ରହିବ ।


**ଧନୁ:** ବନ୍ଧୁ ମିଳନ ସହ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ । ପରୋପକାରୀ ହେବେ । କଚେରି ମାମଲାରେ ଶୁଣାଣି ବିଳମ୍ବ ହେବ । ଆୟ ଓ ବ୍ୟୟ ସମାନ ରହିବ । ଘରେ ଆନନ୍ଦ ଦେଖାଦେବାର ସୂଚନା ।


**ମକର:** ହଠାତ୍ କୌଣସି ଖବର ପାଇ ମାନସିକ ଚିନ୍ତା ବଢ଼ିପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ବ୍ୟବସାୟ ମଧ୍ୟମ ଧରଣର ହେବ । ଗୃହେ ଆନନ୍ଦ ଦେଖାଦେବ । ମହିଳାମାନେ ସୁଖୀ ହେବେ ।


**କୁମ୍ଭ:** ଆର୍ଥିକ ସ୍ଥିତିରେ ସୁଧାର ଆସିବ । ନୂତନ କାର୍ଯ୍ୟ ହାତକୁ ନେଇ ସଫଳ ହେବେ । ସାମାଜିକ ସ୍ତରରେ ସମ୍ମାନିତ ହେବେ । ଗୃହେ ଶାନ୍ତି ରହିବ । ପିଲାମାନେ ପାଠପଢ଼ାରେ ଆଗେଇବେ । ଦେହ ଭଲ ରହିବ ।


**ମୀନ:** ଶତ୍ରୁ ନାଶ ହେବେ । କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ । ଭ୍ରମଣ ସୁଖ ରହିଛି । ମନ ଭଲ ରହିବ । ଆୟରେ ଉନ୍ନତି ଦେଖାଦେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ମହିଳାମାନେ ସୁଖୀ ହେବେ ।

# ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୫।୬।୨୦୨୪, ଜ୍ୟେଷ୍ଠ ଦି୨୩ନ, ବୁଧବାର

ସୂର୍ଯ୍ୟୋଦୟ- ଘ୦୫।୦୭।୨୦ ଚନ୍ଦ୍ରୋଦୟ- ନିଘ ୦୪।୩୧।୨୨

ଚତୁର୍ଦ୍ଦଶୀ- ରାଘ ୭।୫୫ ପର୍ଯ୍ୟନ୍ତ । କୃତିକା ନକ୍ଷତ୍ର- ରାଘ ୯।୧୭ ପର୍ଯ୍ୟନ୍ତ । ବୃଷ ଚନ୍ଦ୍ର- ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି** - ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ବିଛା ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ**- ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ବିରି ରାଘ ୭।୫୫ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୭।୪୯ ଗତେ ଘ୮।୨୮ ମଧ୍ୟେ । ଦିଘ ୧।୫୭ ଗତେ ଘ ୫।୨୭ ମଧ୍ୟେ । **ପର୍ବୋତ୍ସବ** - ଶିବୋପାସ ବେଢ଼ା ପରିକ୍ରମା, ନିଶାପାଳନ, ନଷ୍ଟ ଚନ୍ଦ୍ରୋପବାସ ।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବିଦେଶ ମୁଦ୍ରା ଭଣ୍ଡାରରେ ବଡ଼ ହ୍ରାସ

ପୁଣିଥରେ ଭାରତରେ ବୈଦେଶିକ ମୁଦ୍ରା ଭଣ୍ଡାରରେ ତୀବ୍ର ହ୍ରାସ ଦେଖିବାକୁ ମିଳିଛି । ବୈଦେଶିକ ମୁଦ୍ରା ଭଣ୍ଡାରରେ ୫ ବିଲିୟନ ଡଲାର ହ୍ରାସ ଘଟି ୫୯୩.୯୦ ବିଲିୟନ ଡଲାରରେ ହୋଇଛି । ଏହା ୧ ସେପ୍ଟେମ୍ବର ଶେଷ ସପ୍ତାହରେ, ବୈଦେଶିକ ମୁଦ୍ରା ଭଣ୍ଡାର ୫୯୮.୮୯୭ ବିଲିୟନ ଡଲାରରେ ରହିଥିଲା । ଆରବିଆଇ ଫୋରେକ୍ସ ରିଜର୍ଭ ଡାଟାରୁ ଏହି ସୂଚନା ମିଳିଛି ।

ସୂଚନା ଅନୁଯାୟୀ ବିଦେଶୀ ମୁଦ୍ରା ନୁହେଁ, ଏହି ସମୟ ଅବଧିରେ ବିଦେଶୀ ମୁଦ୍ରା ସମ୍ପତ୍ତି (ଫରେନ କରେନ୍ସି ଆସେଟ୍ସ) ୪.୨୬ ବିଲିୟନ ଡଲାରକୁ ହ୍ରାସ ପାଇଛି । ୫୫୪ ମିଲିୟନ ଡଲାର ହ୍ରାସ ସହିତ ସୁନା ଭଣ୍ଡାର ୪୪.୩୮ ବିଲିୟନ ଡଲାରରେ ପହଞ୍ଚିଛି । ଆଇଏମ୍‌ଏଫ୍‌ର ଭଣ୍ଡାରରେ ୩୯ ମିଲିୟନ ଡଲାର ହ୍ରାସ ପାଇଛି ।

ଶୁକ୍ରବାର ଦିନ ମୁଦ୍ରା ବଜାରରେ ଡଲାର ତୁଳନାରେ ଟଙ୍କାରେ ମୂଲ୍ୟରେ ବଡ ହ୍ରାସ ହୋଇଛି । ଗୋଟିଏ ଡଲାର ତୁଳନାରେ ଭାରତୀୟ ମୁଦ୍ରା ମୂଲ୍ୟ ୮୩.୧୭ ଟଙ୍କା ହୋଇଛି । ଗତ କିଛି ଦିନ ହେବ ଟଙ୍କା ତୁଳନାରେ କ୍ରମାଗତ ଭାବେ ଡଲାର ମଜବୁତ ହୋଇଥିଲା । ବିଦେଶୀ ପୁଞ୍ଜି ନିବେଶକାରୀଙ୍କର ଶେୟାର ବିକ୍ରି ଏବଂ ଡଲାରର କ୍ରମାଗତ ମଜବୁତ ହେତୁ ଟଙ୍କା ଦୁର୍ବଳ ହୋଇଛି ବୋଲି କୁହାଯାଉଛି ।

ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାରେ ଲାଗିଛି । ବ୍ୟାରେଲ ପିଛା ୯୪ ଡଲାର ଅତିକ୍ରମ କରିଛି । ଅଶୋଧିତ ତୈଳ କିଣିବା ପାଇଁ ସରକାରୀ ତୈଳ କମ୍ପାନୀଗୁଡିକୁ ଅଧିକ ଡଲାର ଖର୍ଚ୍ଚ କରିବାକୁ ପଡିବ । ଏପରି ପରିସ୍ଥିତିରେ ଡଲାରର ଚାହିଦା ବୃଦ୍ଧି ହେତୁ ବୈଦେଶିକ ମୁଦ୍ରା ଭଣ୍ଡାର ଆହୁରି ହ୍ରାସ ହୋଇପାରେ ।

ତେବେ ବୈଦେଶିକ ମୁଦ୍ରା ଭଣ୍ଡାର ପୁଣି ୬୦୦ ବିଲିୟନ ଡଲାର ସ୍ତରରୁ ଖସି ଆସିଛି । ଅକ୍ଟୋବର ୨୦୨୧ରେ ବୈଦେଶିକ ମୁଦ୍ରା ସଂରକ୍ଷଣ ୬୪୫ ବିଲିୟନ ଡଲାର ସ୍ତରରେ ପହଞ୍ଚିଥିଲା । ଏହାପରେ, ୟୁକ୍ରେନ-ଋଷ ଯୁଦ୍ଧ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଏବଂ ନିବେଶକଙ୍କ ବିକ୍ରୟ ହେତୁ ବୈଦେଶିକ ମୁଦ୍ରା ସଂରକ୍ଷଣ ୫୨୬ ବିଲିୟନ ଡଲାର ସ୍ତରକୁ ଖସି ଆସିଥିଲା ।

# ବିଭିନ୍ନ ଦୃଷ୍ଟିକୋଣରୁ ପାଣିପାଗର ମୂଲ୍ୟାଙ୍କନ (୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର–୭
ମୋ : ୭୦୦୮୩୧୯୭୭୪

ପୂର୍ବ ଆଲେଖ୍ୟରେ ଆମେ ଭାରତରେ ଗତ କେତେ ବର୍ଷରେ ଉଚ୍ଚ ଉତ୍ତାପ ତରଙ୍ଗ (heat wave) ଉପଲବ୍ଧି କରିବାର କାରଣ ସମ୍ପର୍କରେ ବର୍ଣ୍ଣନା କରିଥିଲୁ । ସଂକ୍ଷେପରେ କହିଲେ ଏହା ମୁଖ୍ୟତଃ ପାଣିପାଗ, ଭୌଗୋଳିକ ଏବଂ ମାନବ କାରଣଗୁଡ଼ିକର ମିଶ୍ରଣ ଦ୍ୱାରା ହୋଇଥାଏ । ସାଧାରଣତଃ ମନୁଷ୍ୟକୃତ କାରଣ ଗୁଡିକୁ ଆମେ ସର୍ବାଗ୍ରେ ରଖିଥାଉ । ମାତ୍ର ପାଣିପାଗ ବିଜ୍ଞାନଜନିତ ପ୍ରକ୍ରିୟା ଯଥା ଉତ୍ତର-ପଶ୍ଚିମ ଭାରତ, ଆରବ ସାଗର ଏବଂ ବଙ୍ଗୋପସାଗରରେ ଉଚ୍ଚ ଚାପ ପ୍ରଣାଳୀ ଓ ଭୌଗୋଳିକ କାରଣ – ବିଷୁବ ରେଖା ନିକଟରେ ଅବସ୍ଥିତି ଇତ୍ୟାଦି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କ୍ରମାଗତ ଭାବେ ବୃଦ୍ଧି ପାଉଥିବା ଉତ୍ତାପ ତରଙ୍ଗକୁ 'ଏଲ୍ ନିନୋ' 'ଲା ନୀନା'ର ପ୍ରଭାବ ବୋଲି କୁହାଯାଏ । ୨୦୨୪ ମସିହାରେ ଏଲ୍ ନିନୋ ଆରମ୍ଭ ହୋଇଥିଲା, ଯାହା ଦ୍ୱାରା ପ୍ରଶାନ୍ତ ମହାସାଗରରେ ବିଷୁବ ରେଖା ଅଞ୍ଚଳ ଜଳର ଅସ୍ୱାଭାବିକ ଉତ୍ତାପ ସୃଷ୍ଟି ହୋଇଥିଲା ଏବଂ ଭାରତରେ ତୀବ୍ର ଉତ୍ତାପ ତରଙ୍ଗ ସମେତ ବିଶ୍ୱର ପାଣିପାଗ ଢାଞ୍ଚାକୁ ପ୍ରଭାବିତ କରିଥିଲା । ଏ ସମ୍ବନ୍ଧରେ ଆଉ ଗୋଟାଏ ଶବ୍ଦ ବ୍ୟବହାର କରାଯାଏ ଯାହାକୁ 'ଲା ନୀନା'କୁହାଯାଏ । ଏବେ ଜାଣିବା ଏମାନଙ୍କର ପ୍ରକୃତ ଅର୍ଥ କଣ ?

ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳ ପ୍ରଶାସନର ରିପୋର୍ଟ ଅନୁଯାୟୀ 'ଏଲ୍ ନିନୋ' ଏବଂ 'ଲା ନୀନା'ପ୍ରଶାନ୍ତ ମହାସାଗରରେ ଜଳବାୟୁ ଢାଞ୍ଚା ଯାହାକି ବିଶ୍ୱବ୍ୟାପୀ ପାଣିପାଗ ଉପରେ ପ୍ରଭାବ ପକାଇପାରେ । ପୃଥିବୀର ଗୋଟିଏ ଭାଗରେ ହାରାହାରି ସମୁଦ୍ରର ତାପମାତ୍ରା ଅପେକ୍ଷା ଉଷ୍ମ କିମ୍ବା ଥଣ୍ଡା ପୃଥିବୀର ପାଣିପାଗ ଉପରେ ପ୍ରଭାବ ପକାଇପାରେ । ମାତ୍ର ଏହା କିପରି କାମ କରେ ଦେଖିବା । ସାଧାରଣ ଅବସ୍ଥାରେ ପ୍ରଶାନ୍ତ ମହାସାଗରରେ ବାୟୁ ପ୍ରବାହ (tradewind) ବିଷୁବ ରେଖା ନିକଟ ଦେଇ ପଶ୍ଚିମ ଦିଗକୁ ପ୍ରବାହିତ ହୁଏ ଏବଂ ଦକ୍ଷିଣ ଆମେରିକାରୁ ଏସିଆ ଆଡକୁ ଉଷ୍ମ ଜଳ ନେଇଥାଏ । ସେହି ଉଷ୍ମମ ଜଳକୁ ପୁନଃଭରଣ କରିବା ପାଇଁ, ଥଣ୍ଡା ପାଣି ଗଭୀରତାରୁ ଉଠିଥାଏ –ଏ ପ୍ରକ୍ରିୟା କୁ upwelling ମଧ୍ୟ କୁହାଯାଏ । 'ଏଲ୍ ନିନୋ' ଏବଂ 'ଲା ନୀନା'ଦୁଇଟି ବିରୋଧୀ ଜଳବାୟୁ ଢାଞ୍ଚା ଯାହା ଏହି ସାଧାରଣ ଅବସ୍ଥାକୁ ଭାଙ୍ଗେ । ବୈଜ୍ଞାନିକ ମାନେ ଏହି ଘଟଣାଗୁଡ଼ିକୁ ଏଲ୍ ନିଓ-ସାଉଥ୍ ଓସିଲିଏସନ୍ (ENSO) ଚକ୍ର ବୋଲି କହିଥାନ୍ତି । 'ଏଲ୍ ନିନୋ' ଏବଂ 'ଲା ନୀନା'ଉଭୟ ପାଗ, ବନାଗ୍ନି, ବନ୍ୟପ୍ରାଣୀବିଶ୍ୱର ଇକୋସିଷ୍ଟମ୍ ଏବଂ ଅର୍ଥନୀତି ଉପରେ ପ୍ରଭାବ ପକାଇପାରେ । 'ଏଲ୍ ନିନୋ' ଏବଂ 'ଲା ନୀନା'ର ଘଟଣାବଳୀ ସାଧାରଣତଃ ୯ ରୁ ୧୨ ମାସ ପର୍ଯ୍ୟନ୍ତ ରହିଥାଏ, କିନ୍ତୁ ବେଳେବେଳେ ବର୍ଷ ବର୍ଷ ଧରି ରହିପାରେ । 'ଏଲ୍ ନିନୋ' ଏବଂ 'ଲା ନୀନା'ଘଟଣା ହାରାହାରି ପ୍ରତି ଦୁଇରୁ ସାତ ବର୍ଷରେ ଘଟେ, କିନ୍ତୁ ସେଗୁଡ଼ିକ ନିୟମିତ କାର୍ଯ୍ୟସୂଚୀରେ ହୁଏ ନାହିଁ । ସାଧାରଣତଃ,'ଲା ନୀନା'ଅପେକ୍ଷା 'ଏଲ୍ ନିନୋ' ଅଧିକ ଥର କିମ୍ବା ବାରମ୍ବାର ଘଟେ ।

'ଏଲ୍ ନିନୋ'ସମୟରେ ବାୟୁ ପ୍ରବାହ ବା Tradewind ଦୁର୍ବଳ ହୋଇଯାଏ । ଉଷ୍ମ ଜଳ ପୂର୍ବର, ଆମେରିକାର ପଶ୍ଚିମ ଉପକୂଳ ଆଡକୁ ଠେଲି ହୋଇଯାଏ । ସ୍ପେନର ଭାଷାରେ 'ଏଲ୍ ନିନୋ'ର ଅର୍ଥ ଛୋଟୋ ପିଲା ଇଂରାଜୀରେ 'Littleboy' କୁହାଯାଏ । ଦକ୍ଷିଣ ଆମେରିକାର ମତ୍ସ୍ୟଜୀବୀମାନେ ପ୍ରଥମେ ୧୬୦୦ ଦଶକରେ ପ୍ରଶାନ୍ତ ମହାସାଗରରେ ଅସାଧାରଣ ଉଷ୍ମ ଜଳର ଉପସ୍ଥିତି ଅନୁଭବ କରିଥିଲେ । ସେମାନେ ବ୍ୟବହାର କରିଥିବା ସମ୍ପୂର୍ଣ୍ଣ ନାମ 'ଏଲ୍ ନିନୋ ନାଭିଦାଦ', କାରଣ ଏଲ୍ ନିନୋ ସାଧାରଣତଃ ଡିସେମ୍ବର ମାସରେ ଶିଖରରେ ରହେ । ଏହି 'ଏଲ୍ ନିନୋ'ଆମର ପାଣିପାଗକୁ ଯଥେଷ୍ଟ ପ୍ରଭାବିତ କରିପାରେ । ପ୍ରଶାନ୍ତ ମହାସାଗରରେ ଏହି ଉଷ୍ମ ଜଳର ସ୍ରୋତ ଏହାର ନିରପେକ୍ଷ ସ୍ଥିତିର ଦକ୍ଷିଣକୁ ଗତି କରେ । ଏହି ପରିବର୍ତ୍ତନ ସହିତ, ଉତ୍ତର ଆମେରିକା ଏବଂ କାନାଡାର ଅଞ୍ଚଳଗୁଡିକ ପୂର୍ବ ଅପେକ୍ଷା ଶୁଖିଲା ଏବଂ ଉଷ୍ମ ହୁଏ । କିନ୍ତୁ ଯୁକ୍ତରାଷ୍ଟ୍ରର ଉପସାଗରୀୟ ଏବଂ ଦକ୍ଷିଣ ପୂର୍ବରେ ଏହି ଅବଧିଗୁଡିକ ସାଧାରଣ ଅପେକ୍ଷା ଅଧିକ ଓଦା ଏବଂ ବନ୍ୟା ପରିସ୍ଥିତି ବୃଦ୍ଧି ପାଏ ।

ପ୍ରଶାନ୍ତ ଉପକୂଳରେ ଥିବା ସାମୁଦ୍ରିକ ଜୀବନ ଉପରେ ମଧ୍ୟ 'ଏଲ୍ ନିନୋ'ର ଏକ ଶକ୍ତିଶାଳୀ ପ୍ରଭାବ ରହିଛି । ସାଧାରଣ ଅବସ୍ଥାରେ, ଉପରମୁଣ୍ଡ ଗଭୀରରୁ ଜଳକୁ ଭୂପୃଷ୍ଠକୁ ଆଣିଥାଏ; ଏହି ଜଳ ଥଣ୍ଡା ଏବଂ ପୁଷ୍ଟିକର ଅଟେ । 'ଏଲ୍ ନିନୋ'ସମୟରେ, ଉପରମୁଣ୍ଡ ଦୁର୍ବଳ ହୋଇଯାଏ କିମ୍ବା ବନ୍ଦ ହୋଇଯାଏ । ଗଭୀରଜଳରୁ ପୋଷକ ତତ୍ତ୍ୱ ବିନା, ଉପକୂଳରେ କମ୍ ଜଳଜ ଉଦ୍ଭିଦ (ଫାଇଟୋପ୍ଲାକ୍ଟନ୍) ଥାଏ । ଏହା ମାଛ ଉପରେ ପ୍ରଭାବ ପକାଇଥାଏ ଯାହା ଫାଇଟୋପ୍ଲାକ୍ଟନ୍ ଖାଏ ଏବଂ ପ୍ରତିବଦଳରେ ମାଛ ଖାଉଥିବା ସମସ୍ତ ଜିନିଷ ଉପରେ ପ୍ରଭାବ ପକାଇଥାଏ । ଉଷ୍ମ ଜଳ ହଳଦିଆ ଏବଂ ଟୁନା ପରି ଗ୍ରୀଷ୍ମ ମଣ୍ଡଳୀୟ ପ୍ରଜାତିଗୁଡିକ ମଧ୍ୟ ସାଧାରଣତଃ ଅତ୍ୟଧିକ ଥଣ୍ଡା ଅଞ୍ଚଳରେ ଆଣିପାରେ ।

ସରଳ ଶବ୍ଦରେ କହିଲେ 'ଏଲ୍ ନିନୋ' ହେଉଛି ଏକ ପ୍ରାକୃତିକ ଭାବରେ ଘଟୁଥିବା ଜଳବାୟୁ ଢାଞ୍ଚା ଯାହା କେନ୍ଦ୍ରୀୟ ଏବଂ ପୂର୍ବ ଗ୍ରୀଷ୍ମ ମଣ୍ଡଳୀୟ ପ୍ରଶାନ୍ତ ମହାସାଗରରେ ସମୁଦ୍ର ପୃଷ୍ଠର ତାପମାତ୍ରା ଗରମ ହେବା ସହିତ ଜଡିତ, ଯାହା ବିଶ୍ୱ ବ୍ୟାପୀ ପାଣିପାଗର ଢାଞ୍ଚା, ମହାସାଗର ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀ ଉପରେ ବିଶେଷ ପ୍ରଭାବ ପକାଇପାରେ ।

ଅନ୍ୟ ଗୋଟାଏ ଶବ୍ଦ ହେଉଛି 'ଲା ନୀନା' । ପୂର୍ବରୁ କୁହାଯାଇଛି ଯେ ସ୍ପେନର ଭାଷା (ସ୍ପାନିଶ)ରେ 'ଏଲ୍ ନିନୋ' ର ଅର୍ଥ ଛୋଟୋ ପିଲା ଇଂରାଜୀରେ 'Littleboy' କୁହାଯାଏ । ସେହିପରି 'ଲା ନୀନା'କୁ ଛୋଟ ଝିଅ 'LittleGirl' କୁହାଯାଏ । ଏହା କେବଳ ଏକ 'ଥଣ୍ଡା ଘଟଣା'କୁ ବୁଝାଏ । 'ଏଲ୍ ନିନୋ'ର ବିପରୀତ ପ୍ରଭାବ 'ଲା ନୀନା' ରେ ଅଛି । 'ଲା ନୀନା' ଘଟଣା ସମୟରେ ବାୟୁ ପ୍ରବାହ ସାଧାରଣ ସମୟ ଅପେକ୍ଷା ଅଧିକ ଶକ୍ତିଶାଳୀ ହୋଇ ଏସିଆ ଆଡକୁ ଅଧିକ ଉଷ୍ମ ଜଳକୁ ଠେଲି ଦେଇଥାଏ । ଆମେରିକାର ପଶ୍ଚିମ ଉପକୂଳରେ ବୃଦ୍ଧି, ଥଣ୍ଡା, ପୁଷ୍ଟିକର ସମୃଦ୍ଧ ଜଳକୁ ଭୂପୃଷ୍ଠକୁ ଆଣିଥାଏ ।

ପ୍ରଶାନ୍ତମହାସାଗରର ଏହି ଶୀତଳ ଜଳର ସ୍ରୋତକୁ ଉତ୍ତର ଦିଗକୁ ଠେଲିଦିଏ । ଏହା ଦକ୍ଷିଣ ଆମେରିକାର ମରୁଡ଼ି ଏବଂ ପ୍ରବଳ ବର୍ଷା ଏବଂ ପ୍ରଶାନ୍ତ ଉତ୍ତର-ପଶ୍ଚିମ ଏବଂ କାନାଡାରେ ବନ୍ୟା ପରିସ୍ଥିତି ସୃଷ୍ଟି କରେ । 'ଲା ନୀନା' ହେଉଛି ବର୍ଷରେ, ଶୀତର ତାପମାତ୍ରା ଦକ୍ଷିଣରେ ସ୍ୱାଭାବିକଠାରୁ ଅଧିକ ଉତ୍ତାପ ଏବଂ ଉତ୍ତରରେ ସାଧାରଣ ଅପେକ୍ଷା ଶୀତଳ ଅଟେ । 'ଲା ନୀନା'ମଧ୍ୟ ଅଧିକ ଘୂର୍ଣ୍ଣିବଳୟ ସୃଷ୍ଟି କରିପାରେ ।

ଏ ବିଷୟରେ ଅଧିକ ତଥ୍ୟ ଆର ଥରକୁ ।




ଚିତ୍ର : 'ଏଲ୍ ନିନୋ'ପ୍ରଶାନ୍ତ ମହାସାଗରୀୟ ସ୍ରୋତ ଦକ୍ଷିଣକୁ ଗତି କରି ପୂର୍ବ ଦିଗକୁ ବିସ୍ତାର କରେ । ଶୀତଦିନେ, ଏହା ଦକ୍ଷିଣ ଆମେରିକାର ସାଧାରଣ ଅବସ୍ଥା ଅପେକ୍ଷା ଓଦା ଏବଂ ଉତ୍ତରରେ ଉଷ୍ମ ଏବଂ ଶୁଷ୍କ ଅବସ୍ଥାକୁ ନେଇଥାଏ । ସୌଜନ୍ୟ: ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳ ପ୍ରଶାସନ, ଯୁକ୍ତରାଷ୍ଟ୍ର ଆମେରିକା ।

# ସୃଷ୍ଟିର ରକ୍ଷାକବଚ – ନାରୀ



ପ୍ରଣତି ଆର୍ଚ୍ଚର୍ଯ୍ୟ ମିଶ୍ର
ନୟାଗଡ଼
ମୋ- ୯୪୩୭୬୪୨୯୪୭

୭୦ ଦଶକର ଦାର୍ଶନିକମାନେ ନାରୀବାଦୀ ବିଚାରଧାରାରେ ଏକ ନୂତନ ତଥ୍ୟ ଯୋଡ଼ିଥିଲେ, ଯାହାକୁ 'ଇକୋ-ଫେମିନିଜିମ୍' କୁହାଯାଏ । ଏଥିରେ ପ୍ରକୃତି ଓ ମହିଳାଙ୍କ ମଧ୍ୟରେ ସମାନତା ଥିବା କହି , ସେମାନଙ୍କ ସମସ୍ୟା ଉପରେ ଆଲୋକପାତ କରାଯାଇଛି । ପରିବେଶ ଓ ନାରୀବାଦର ଧାରଣାକୁ ଫ୍ରାନ୍ସର ନାରୀବାଦୀ ଚିନ୍ତକ ଫ୍ରାନକୋଇସ୍ ଡି ୟୁବୋନଙ୍କୁ ଶ୍ରେୟ ଦିଆଯାଏ, ଯିଏ କି ୧୯୭୪ ରେ ପ୍ରକାଶିତ 'ଲେ ଫେମିନିଜମ୍ ଓ ଲା ମାର୍ଟ' ପ୍ରବନ୍ଧରେ ଏହା ଉଲ୍ଲେଖ କରିଥିଲେ । ପ୍ରାକୃତିକ ସମ୍ପଦ ଜଙ୍ଗଲ, ମାଟି ଓ ଜଳ ସହ ମହିଳାଙ୍କ ପ୍ରତ୍ୟକ୍ଷ ଓ ଗଭୀର ସମ୍ପର୍କ ରହିଛି । ପ୍ରାଚୀନ କାଳରୁ ମହିଳା ଓ ଆଦିବାସୀଙ୍କୁ ପ୍ରକୃତିର ରକ୍ଷକ ଭାବରେ ବିବେଚନା କରାଯାଏ । ଆଦିବାସୀ ସଂପ୍ରଦାୟରେ ଜଙ୍ଗଲ ସମ୍ପଦର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ମହିଳାମାନଙ୍କର ବୋଲି ବିଶ୍ୱାସ କରାଯାଏ । ମହିଳାମାନେ ପରିବେଶ ସୁରକ୍ଷା, ବିଶେଷ କରି ଜଙ୍ଗଲ ସଂରକ୍ଷଣ ବିଷୟରେ ଅଧିକ ସଚେତନ । ଆମ ଦେଶର ମହିଳାମାନେ ସେମାନଙ୍କ ଅଭିଜ୍ଞତାଠାରୁ ପରିବେଶ ପ୍ରତି ଏକ ଭିନ୍ନ ଦୃଷ୍ଟିକୋଣ ଉପସ୍ଥାପନ କରିଛନ୍ତି । କାରଣ ସେମାନେ ପରିବେଶ ପ୍ରସଙ୍ଗଗୁଡ଼ିକୁ ବ୍ୟାପକ ଏବଂ ସାମଗ୍ରିକ ଦୃଷ୍ଟିକୋଣରୁ ଦେଖନ୍ତି । ଅର୍ଥନୀତି ଓ ପରିବେଶ ପରସ୍ପର ଉପରେ ନିର୍ଭରଶୀଳ ବୋଲି ସେମାନେ ସ୍ପଷ୍ଟ ଭାବରେ ବୁଝନ୍ତି । ସେମାନେ ଜାଣନ୍ତି ଯେ ଜଳ ସଂଚୟେ ସମୃଦ୍ଧି । ମହିଳାମାନଙ୍କୁ ନିଜ ଘରର ସବୁ ଜିନିଷ (ଦରକାରୀ ହେଉ ବା ଅଦରକାରୀ) ବ୍ୟବହାର କରିବାର ଉପାୟ ଜଣା । ଉଦାହରଣ ସ୍ୱରୂପ, ପନିପରିବା ଚୋପାକୁ ଗଛରେ ଦେବା କଥା ହେଉ ବା ଚିରି ଯାଇଥିବା କପଡ଼ାରେ କାର୍ପେଟ । ପ୍ରତେକ ଜିନିଷକୁ ବ୍ୟବହାର କରିବା କୌଶଳ ତାଙ୍କ ପାଖରେ । ଆମ ଭାରତୀୟ ପରମ୍ପରାରେ ଆଦିବାସୀ ଜୀବନର ଆଧାର ହେଉଛି ପ୍ରକୃତି । ଦୁବ ଘାସଠାରୁ ଆରମ୍ଭ କରି ବାଘ ପର୍ଯ୍ୟନ୍ତ ସବୁ କିଛି ବଞ୍ଚାଇବା ପାଇଁ ସେମାନେ ସର୍ବଦା ଚେଷ୍ଟିତ । ଆମ ପୂର୍ବପୁରୁଷ ମାନେ ପ୍ରକୃତିକୁ ସମ୍ମାନ ଦେଉଥିଲେ ଏବଂ ପ୍ରକୃତି ମଧ୍ୟ ସେମାନଙ୍କୁ ସୁରକ୍ଷା ଦେଉଥିଲା । ଇତି ମଧ୍ୟରେ ହୋଇଥିବା ଗବେଷଣାରୁ ଜଣାପଡିଛି ଯେ ମହିଳାମାନେ ଅନ୍ୟର ଯତ୍ନ ନେବା କ୍ଷେତ୍ରରେ, ରିତିନୀତି, ପରମ୍ପରା, ଆଚରଣ ଇତ୍ୟାଦିର ବିଶେଷ ଧ୍ୟାନ ଦିଅନ୍ତି । ଏହି କାରଣରୁ ସେମାନଙ୍କ ମଧ୍ୟରେ ପରିବେଶ ପ୍ରତି ସମ୍ବେଦନଶୀଳତା ରହିଥାଏ । ଆଜି ବି ଅଧିକାଂଶ ମହିଳା ଘର କାମ, ଆବର୍ଜନା ନିଷ୍କାସନ, ଘରୋଇ ସଫିଂ, ଲଣ୍ଡ୍ରି ଇତ୍ୟାଦିର ଦାୟିତ୍ୱ ନେଇଥାନ୍ତି । ତେଣୁ, ପୃଥିବୀର ଅଧିକାଂଶ ଉତ୍ପାଦ ମହିଳା ଉପଭୋକ୍ତା କେନ୍ଦ୍ରୀତ ଅଟେ । ସଭ୍ୟତାର ବିକାଶ ସମୟରେ ମହିଳାମାନେ ପରିବେଶ ସୁରକ୍ଷାକୁ ଉପବାସ ପର୍ବ ସହିତ ଯୋଡ଼ିଥିଲେ, ଯାହାର ସିଧାସଳଖ ଉଦାହରଣ ଆଜି ବି ମହିଳାମାନେ ଉପବାସ ଅବସରରେ କିମ୍ବା ଦୈନନ୍ଦିନ କାର୍ଯ୍ୟରେ ଦେଖିବାକୁ ମିଳେ । ପିପଳ, ତୁଳସୀ, ଅଁଳା, ଅଶୋକ, ବେଲ, ସାମି, ନିମ, ଆମ୍ବ ଇତ୍ୟାଦି ଗଛ, ଅନେକ ଫୁଲ ଏବଂ ଗାଈ , ବଳଦ, ଷଣ୍ଢ, ମୂଷା, ଘୋଡ଼ା, ସାପ, ମାଙ୍କଡ଼, ପେଚା ଇତ୍ୟାଦିକୁ ସେମାନଙ୍କ ପୂଜା ମାଧ୍ୟମରେ ଅନ୍ତର୍ଭୁକ୍ତ କରାଯାଇ ସୁରକ୍ଷିତ ରଖାଯାଇଥାଏ । କେବଳ ଏତିକି ନୁହେଁ ନଦୀ , କୂଅ, ପୁଷ୍କରିଣୀ ପୂଜା ପ୍ରାଚୀନ କାଳରୁ ମହିଳାମାନଙ୍କ ମଧ୍ୟରେ ଜଳ ଉତ୍ସ ପ୍ରତି ସଂରକ୍ଷଣର ଭାବନା ମଧ୍ୟ ରହିଆସିଛି । ତେଣୁ ଏହା ସ୍ପଷ୍ଟ ଯେ ସମଗ୍ର ପରିବେଶର ସନ୍ତୁଳନ ବଜାୟ ରଖିବାରେ ମହିଳାମାନେ ସର୍ବଦା ଆଗରେ । ପ୍ରକୃତି ସଂରକ୍ଷଣର ଭାବନା ଆମ ଭାରତୀୟ ସଂସ୍କୃତିରେ ଅନ୍ତର୍ଭୁକ୍ତ । ଯାହା ମହିଳାମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ପିଢ଼ି ପରେ ପିଢ଼ି ଚାଲିଛି । ପ୍ରାକୃତିକ ସମ୍ପଦର ଅବକ୍ଷୟ ଏବଂ ପରିବେଶ ଅବକ୍ଷୟ ମହିଳାଙ୍କ ସମୟ, ଆୟ, ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ । ଭାରତର ସାମାଜିକ ଢାଞ୍ଚାରେ ପରିବେଶ ପ୍ରଦୂଷଣ, ବିଶେଷକରି ଗ୍ରାମାଞ୍ଚଳରେ ମହିଳାଙ୍କ ଜୀବନଶୈଳୀକୁ ଗୁରୁତର ଭାବେ ପ୍ରଭାବିତ କରିଛି । ଏହି କାରଣରୁ ପରିବେଶ ଓ ପ୍ରକୃତି ସହିତ ସିଧାସଳଖ ସଂସ୍ପର୍ଶରେ ଆସିବା କାରଣରୁ ଗ୍ରାମୀଣ ମହିଳାମାନେ ପରିବେଶ ସୁରକ୍ଷା ପ୍ରତି ଅଧିକ ସଚେତନ ହୁଅନ୍ତି । ଆଜି ଯେଉଁଠି ଅଯଥାରେ ଗଛ କଟାଯାଉଛି, ସେଠାରେ ମହିଳାମାନଙ୍କୁ ଜାଳେଣି କାଠ ସଂଗ୍ରହ ପାଇଁ ଅନେକ କିଲୋମିଟର ଚାଲିଚାଲି ଯିବାକୁ ପଡୁଛି । ବିଶେଷ କରି ମରୁଭୂମି ଅଞ୍ଚଳ, ମାଳଭୂମି ଓ ପାହାଡ଼ିଆ ଅଞ୍ଚଳରେ ପାଣି ସଂଗ୍ରହ ଦାୟିତ୍ୱ ମଧ୍ୟ ମହିଳାଙ୍କ ଉପରେ ରହିଛି ଏବଂ ସେମାନଙ୍କୁ ପାଣି ପାଇଁ ୧୦-୧୫ କିଲୋମିଟର ଚାଲିବାକୁ ପଡୁଛି । ଏହି ମହିଳାମାନେ ନିଜ ଆଖପାଖରେ ଥିବା ପରିବେଶ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି । ଭାରତର ପାହାଡ଼ିଆ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା 'ଚିପ୍‌କୋ ଆନ୍ଦୋଳନ' ପରିବେଶ ସୁରକ୍ଷା, ବିଶେଷ କରି ଜଙ୍ଗଲ ସଂରକ୍ଷଣ ଦିଗରେ ଏକ ନୂତନ ଚେତନା ସୃଷ୍ଟି କରିଛି । ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ସହ ଜଡ଼ିତ । ଆଜି ବି ପାହାଡ଼ରେ ମହିଳାମାନେ ଗଛ ବଞ୍ଚାଇବାରେ ଲାଗିପଡ଼ିଛନ୍ତି । ଉତ୍ତରାଖଣ୍ଡର ପାହାଡ଼ିଆ ଜିଲ୍ଲା ଚମୋଲି, କୁମାଉଁ, ଗଡ଼ୱାଲ, ପିଥୋରାଗଡ଼ ଇତ୍ୟାଦିରେ ଆରମ୍ଭ ହୋଇଥିବା 'ଚିପ୍‌କୋ ଆନ୍ଦୋଳନ' ଜଙ୍ଗଲ ନଷ୍ଟ ବିରୋଧରେ ଏକ ସଫଳ ଆନ୍ଦୋଳନ ଭାବେ ସମଗ୍ର ବିଶ୍ୱରେ ପ୍ରଶଂସିତ ହୋଇଛି । ପାହାଡ଼ିଆ ଗ୍ରାମାଞ୍ଚଳରେ ରହୁଥିବା ନିରକ୍ଷର ମହିଳାମାନେ ଏହି ଆନ୍ଦୋଳନ ଚଳାଇଛନ୍ତି । ପରିବେଶ ସୁରକ୍ଷାକୁ ନେଇ ଭାରତୀୟ ମହିଳାଙ୍କ ଚିନ୍ତା ୧୭୩୧ ଖ୍ରୀଷ୍ଟାବ୍ଦରେ ହିଁ ଦୃଶ୍ୟମାନ ହୋଇଥିଲା । ସେତେବେଳେ ମହାରାଜା ଅଭୟ ସିଂହ ନିଜ ଦୁର୍ଗ ନିର୍ମାଣ ପାଇଁ ବିଷ୍ଣୋଇ ସମ୍ପ୍ରଦାୟ ଦ୍ୱାରା ପୂଜା କରାଯାଉଥିବା ଖେଜରି ଗଛ କାଟିବାକୁ ଆଦେଶ ଦେଇଥିଲେ । ଏହାକୁ ବିରୋଧ କରି ଅମୃତା ଦେବୀଙ୍କ ନେତୃତ୍ୱରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେ । ଅହିଂସାତ୍ମକ ଆନ୍ଦୋଳନ କରି ଗ୍ରାମବାସୀ ଗଛକୁ ଆଲିଙ୍ଗନ କରିଥିଲେ । ଏହି ଆନ୍ଦୋଳନରେ ଅମୃତା ଦେବୀ, ତାଙ୍କର ତିନି ଝିଅ ଏବଂ ୩୬୩ ଗ୍ରାମବାସୀଙ୍କ ମୁଣ୍ଡ କାଟି ଦିଆଯାଇଥିଲା । ରାଜସ୍ଥାନର ଉଦୟପୁର ନିକଟବର୍ତ୍ତୀ ଗ୍ରାମାଞ୍ଚଳର ମହିଳାମାନେ ବାଲୁକା ଜମିକୁ ସବୁଜ କ୍ଷେତରେ ପରିଣତ କରୁଛନ୍ତି । ପରିବେଶ ସୁରକ୍ଷା କାର୍ଯ୍ୟକ୍ରମରେ ହିମାଚଳ ପ୍ରଦେଶର ମହିଳାମାନେ କାହାଠାରୁ ପଛରେ ନାହାନ୍ତି । କର୍ଣ୍ଣାଟକର ଆପିକୋ ଆନ୍ଦୋଳନ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପରିବେଶ ସୁରକ୍ଷା ଆନ୍ଦୋଳନ । ୨୦୨୧ ମସିହାରେ କର୍ଣ୍ଣାଟକର ଜଣେ ଆଦିବାସୀ ମହିଳା ତୁଳସୀ ଗୌଡ଼ାଙ୍କୁ ୩୦,୦୦୦ରୁ ଅଧିକ ଗଛ ଲଗାଇବା ପାଇଁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଜୈବ ବିବିଧତା ହଟସ୍ପଟ୍ ମଧ୍ୟରୁ ଅନ୍ୟତମ କେରଳର ପଶ୍ଚିମ ଘାଟର ଦକ୍ଷିଣ ମୁଣ୍ଡରେ 'ସାଇଲେଣ୍ଟ ଭ୍ୟାଲି' ଗୁରୁତ୍ୱପୂର୍ଣ୍ଣ । କେରଳ ସରକାରଙ୍କ ନିଷ୍ପତ୍ତି ବିରୋଧରେ ଥିଲା 'ସାଇଲେଣ୍ଟ ଭ୍ୟାଲି ମୁଭମେଣ୍ଟ' । ଜଳବିଦ୍ୟୁତ ପ୍ରକଳ୍ପ ପାଇଁ ଡ୍ୟାମ୍ ନିର୍ମାଣ ପ୍ରସ୍ତାବ ରହିଥିଲା । ମାଲାୟାଲମ୍ କବି ତଥା ପରିବେଶବିତ୍ ସୁଗତା କୁମାରୀ ଜଣେ ପ୍ରମୁଖ ନେତ୍ରୀ ଥିଲେ । ଫଳରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ପରେ କେରଳ ସରକାର ଏହି ପ୍ରକଳ୍ପକୁ ବାତିଲ କରିଥିଲେ । ୧୯୮୪ ମସିହାରେ ସାଇଲେଣ୍ଟ ଭ୍ୟାଲିକୁ ଜାତୀୟ ଉଦ୍ୟାନ ଭାବେ ଘୋଷଣା କରାଯାଇଥିଲା । ତେଣୁ ସଂସ୍କୃତି, ଧର୍ମ, ସାହିତ୍ୟରେ ନାରୀ ଓ ପ୍ରକୃତି ମଧ୍ୟରେ ସମ୍ପର୍କ ଅନୁସନ୍ଧାନ କରିବା ଭାରତର ଜୀବନଶୈଳୀରେ ରହିଛି । ଆବଶ୍ୟକ ସ୍ଥଳେ ମହିଳାମାନେ ସଂଘର୍ଷ କରିଛନ୍ତି, ନିଜ ଅପେକ୍ଷା ପ୍ରକୃତିର ସୁରକ୍ଷା ପାଇଁ ସେମାନେ ସର୍ବଦା ତତ୍ପର ।

# ଶୂନ୍ୟପ୍ରଦୂଷଣ ପୃଥ୍ୱୀର ଆତ୍ମ ଚିନ୍ତନ (୨)



ଡ.ଇଂ.ସଞ୍ଜୟ କୁମାର ପଣ୍ଡା
ଅତିଥି ଅଧ୍ୟାପକ, ପରିବେଶ ବିଜ୍ଞାନ
ସରକାରୀ ବହୁବୃତ୍ତି ଅନୁଷ୍ଠାନ, ବୌଦ୍ଧ
Email-drsanjayaeducationist@gmail.com

ଜଳ ବିଶୋଧିତ ହେଲେ ଜଳଜ ପ୍ରାଣୀଙ୍କ ବୃଦ୍ଧି ଘଟିବା ସହ ପରିବେଶ ସନ୍ତୁଳିତ ହୋଇପାରିବ । ବାୟୁ ପ୍ରଦୂଷଣ ଏକ ପ୍ରମୁଖ ସମସ୍ୟା ରୂପରେ ସାରା ବିଶ୍ୱକୁ କବଳିତ କରିବାକୁ ଲାଗିଲାଣି । ସାରା ବିଶ୍ୱରେ ଚୀନ ଗ୍ରୀନ୍ ହାଉସ ବାୟୁପ୍ରଦୁଷଣରେ ପ୍ରଥମ ଥିବାବେଳେ ଯୁକ୍ତରାଷ୍ଟ୍ର ଆମେରିକା ଜନସଂଖ୍ୟା ଓ ପ୍ରଦୂଷଣ ଅନୁପାତରେ ପ୍ରଥମ ଅଟେ । ୨୦୧୫ ପ୍ୟାରିସ ଚୁକ୍ତି ଅନୁଯାୟୀ ଦେଶମାନେ ବିଶ୍ୱ ତାପମାତ୍ରା ବୃଦ୍ଧି ପରିମାଣକୁ ଦୁଇଡିଗ୍ରୀ ତଳକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଦେଶମାନଙ୍କ ସ୍ୱେଚ୍ଛାଚାରିତା ହେତୁ ଏହା ତିନିଡିଗ୍ରୀ ପାର ହେବାକୁ ଲାଗିଲାଣି । ଏହାର ପ୍ରଭାବରେ ବର୍ତ୍ତମାନରେ ଓଡିଶାର ତାପମାତ୍ରା ୪୪ ଡିଗ୍ରୀ ପାର ହୋଇ ଏସିଆରେ ପ୍ରଥମ ହେବା ଅତ୍ୟନ୍ତ ଗମ୍ଭୀର ବିଷୟ । ଆକଳନରୁ ଜ୍ଞାତ ଯେ ବାୟୁ ପ୍ରଦୂଷଣର ମାତ୍ରା ବଢ଼ିବା ହେତୁ ପ୍ରତ୍ୟେକ ବର୍ଷ ୬.୭ ମିଲିୟନରୁ ଅଧିକ ଅକାଳ ମୃତ୍ୟୁ ହେଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ଅନୁଶୀଳନ ଅନୁଯାୟୀ ୯୯ ପ୍ରତିଶତ ଲୋକ ପ୍ରଦୂଷିତ ବାୟୁ ପରିବେଶରେ ବସବାସ କରନ୍ତି । ସମଗ୍ର ମୃତ୍ୟୁ ସଂଖ୍ୟାର ୮୯ ପ୍ରତିଶତ ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାର ଯେଉଁମାନେ ଦକ୍ଷିଣ ପୂର୍ବ ଏସିଆ ଓ ପୂର୍ବ ପ୍ରଶାନ୍ତ ମହାସାଗର ଅଂଚଳରେ ଗୁଜୁରାଣ ମେଟାନ୍ତି । ପ୍ରଦୂଷଣ ହେତୁ ସାଧାରଣତଃ କର୍କଟ, ଯକୃତ, ଫୁସ୍‌ଫୁସ୍, ହୃଦୟ, ବୃକକ୍ ରୋଗ ବିସ୍ତାରିତ ହୋଇ ଧନଜୀବନ ନଷ୍ଟ ହୁଏ । ବାୟୁ ପ୍ରଦୂଷଣରେ ବଙ୍ଗଳାଦେଶ, ପାକିସ୍ତାନ ପରେ ଭାରତର ଦୁର୍ନାମ ଅଧିକ ।

ବାୟୁ ପ୍ରଦୂଷଣ ମୁଖ୍ୟତଃ ଜୀବାଷ୍ମ ତୈଳ (ଇନ୍ଧନ), ଶିଳ୍ପଦ୍ୱାରା ପ୍ରଦୂଷଣ ନିଷ୍କାସନ, ଜଙ୍ଗଲ ନିଆଁ, ଅନ୍ତର୍ଗୃହ ପ୍ରଦୂଷଣ, ପରିବହନ, ବର୍ଜ୍ୟବସ୍ତୁର ମୁକ୍ତାଞ୍ଚଳରେ ଦହନ, ସୂକ୍ଷ୍ମ ଜୈବିକ କ୍ଷୟ, ନିର୍ମାଣ ଓ ଭଗ୍ନ, କୃଷିକାର୍ଯ୍ୟ, ରାସାୟନିକ ଉତ୍ପାଦ ଆଦି ବିଭିନ୍ନ ପ୍ରକ୍ରିୟା ଦ୍ୱାରା ବୃଦ୍ଧି ପାଇଥାଏ । କୋଇଲା, ଇନ୍ଧନ ତୈଳ ଆଦି ବ୍ୟବହାରରେ ପରିବହନ ଓ ଶିଳ୍ପକ୍ଷେତ୍ରରେ ଅଙ୍ଗାରକାମ୍ଳ, କାର୍ବନ ମନୋକ୍ସାଇଡ୍, ସଲ୍‌ଫର ଡାଇଅକ୍‌ସାଇଡ୍ , ନାଇଟ୍ରୋଜେନ୍ ଅକ୍‌ସାଇଡ୍ ଆଦି ନିର୍ଗତ ହୋଇ ପରିବେଶ ପ୍ରଦୂଷଣ ହେବା ସହ ଅମ୍ଳ ବର୍ଷାରେ ସହାୟକ ହୁଏ । ଏହାଦ୍ୱାରା ବିଶ୍ୱ ତାପମାତ୍ରା ବୃଦ୍ଧି କରିବା ସହ ଓଜନ ସ୍ତରରେ ଛିଦ୍ର ସୃଷ୍ଟି ହୁଏ । ପୁନଶ୍ଚ ଶୀତଳ ଯନ୍ତ୍ର, ବାତାନୁକୁଳ ଯନ୍ତ୍ରର ବ୍ୟବହାର ହେତୁ କ୍ଲୋରଫ୍ଲୁରୋ କାରବନ୍ ନିର୍ଗତ ହେବାରୁ ଓଜନ ସ୍ତର ଦୁର୍ବଳ ହେଉଛି । ଫଳରେ ସୂର୍ଯ୍ୟର ପ୍ରକୋପ ବୃଦ୍ଧି ପାଇବା ସହ ଅଲଟ୍ରା ଭାୟୋଲେଟ୍ ରଶ୍ମି ପ୍ରବାହରେ ଚର୍ମ, ଚକ୍ଷୁ ଆଦି ରୋଗ ବୃଦ୍ଧି ପାଇବ । କାରବନ୍ ବୃଦ୍ଧି ଫଳରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି । ଜଙ୍ଗଲରେ ନିଆଁ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ହେବା ବାୟୁ ପ୍ରଦୂଷଣର କାରଣ ହେବା ସହ ବିଭିନ୍ନ ରୋଗ ସୃଷ୍ଟି କରେ । ଅତ୍ୟଧିକ ଗାଡି ସଂଖ୍ୟା ବୃଦ୍ଧିରେ କାର୍ବନ ମନୋକ୍ସାଇଡ୍, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍ ସୃଷ୍ଟି କରି ବାୟୁ ପ୍ରଦୂଷଣ ହୋଇଥାଏ ।

ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ, ଧାର୍ମିକ ଅନୁଷ୍ଠାନ, ସମୁଦ୍ର ତଟ, ବ୍ୟବସାୟିକ ଅନୁଷ୍ଠାନ ଆଦିରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ବାୟୁ ପ୍ରଦୂଷଣର ମୁଖ୍ୟ କାରଣ । ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ବାୟୁ ପ୍ରଦୂଷଣର ପ୍ରମୁଖ ଭୂମିକା ଗ୍ରହଣ କରେ । ଗୃହ ଜୈବିକ ବର୍ଜ୍ୟବସ୍ତୁକୁ ଭର୍ମିକମ୍ପୋଷ୍ଟ କରିବା ବିଧେୟ । ଏହାକୁ ଜରି ଥଳିରେ ପୁରାଇ ମୁକ୍ତ ପ୍ରାଙ୍ଗଣରେ ଫିଙ୍ଗିଲେ ପ୍ଲାଷ୍ଟିକ ଦ୍ୱାରା ବାୟୁ ପ୍ରଦୂଷଣ ଥାଏ । ଏଣୁ ବର୍ତ୍ତମାନ ଯୁଗରେ ପ୍ଲାଷ୍ଟିକର ବ୍ୟବହାରରେ ଶକ୍ତି ଉତ୍ପନ୍ନ କରିବାର ଜ୍ଞାନ କୌଶଳ ଉଦ୍ଭାବନ କରିବା ଏକ ଆହ୍ୱାନ । ପ୍ଲାଷ୍ଟିକ ତତ୍ତ୍ୱକୁ ବିଭାଜନ କରିବା କୌଶଳକୁ ତ୍ୱରାନ୍ୱିତ କରି ବିଭିନ୍ନ ବୋତଲ, ମୁଣା ଆଦି ଦ୍ରବ୍ୟ ପ୍ରସ୍ତୁତ କରିବା ଆବଶ୍ୟକ । ପ୍ଲାଷ୍ଟିକର ପୁନଃ ପ୍ରସ୍ତୁତିକରଣ ହୋଇ ଏହା ସୌନ୍ଦର୍ଯ୍ୟ ବସ୍ତୁ ନିର୍ମାଣରେ ବ୍ୟବହାର କରିବା କଥା । ଆନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍ଥାନ(ଆଇ ଏ ଇ ଏ) ଅନୁଶୀଳନ ଅନୁଯାୟୀ ୨୦୫୦ ମସିହା ବେଳକୁ ସମୁଦ୍ରରେ ମତ୍ସ୍ୟ ତୁଳନାରେ ପ୍ଲାଷ୍ଟିକ ଅନୁପାତ ଅଧିକ ଦୃଶ୍ୟମାନ ହେବ । ଏଥିପାଇଁ ଆଣବିକ ବିକିରଣ ବୈଷୟିକ ପଦ୍ଧତି ଅବଲମ୍ବନ କରି ସମୁଦ୍ରରେ ପ୍ଲାଷ୍ଟିକ ପ୍ରଦୂଷଣ ହ୍ରାସ କରିବା ପ୍ରଚେଷ୍ଟା ଜାରି ରହିଛି । ଆଣବିକ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ କ୍ଷୁଦ୍ର ଦାନାଯୁକ୍ତ ପ୍ଲାଷ୍ଟିକକୁ ଚିହ୍ନଟ କରି ତାହାର ବିଭାଜୀକରଣ କରିବାରେ ସହାୟକ ହୋଇଥାଏ । ବିଭିନ୍ନ ଏନ୍‌ଜାଇମ୍ ବ୍ୟବହାର ଦ୍ୱାରା ପ୍ଲାଷ୍ଟିକର ମୌଳିକ ରୂପାନ୍ତରିକରଣ ସମ୍ଭବ, ଯଦ୍ଦ୍ୱାରା ପ୍ରଦୂଷଣ ହ୍ରାସ ପାଇବ । ବିଭିନ୍ନ ପ୍ରକାର ଫଙ୍ଗସ୍ ବ୍ୟବହାର କରାଯାଇ ପ୍ଲାଷ୍ଟିକର ରସାୟନିକ ଶିକୁଳିକୁ ଭଗ୍ନ କରାଯାଇପାରେ । ବିବୋଟ, ରୋବଟ ସାହାଯ୍ୟରେ ମଧ୍ୟ ସାମୁଦ୍ରିକ ପ୍ରଦୂଷଣ ହ୍ରାସ କରାଯାଇପାରେ । ଯଦ୍ଦ୍ୱାରା ଜଳଦ ପ୍ରାଣୀଙ୍କୁ ବଂଚାଇବା ସହ ଅର୍ଥନୈତିକ ବିକାଶ ମଧ୍ୟ କରାଯାଇପାରିବ । ଭାସମାନ ବର୍ଜ୍ୟବସ୍ତୁ ସଂଗ୍ରାହକ (ଯାହାକି ପବନ ଫୋଟକା ବ୍ୟବହାର କରିଥାଏ ।) ଦ୍ୱାରା ମଧ୍ୟ ସମୁଦ୍ରରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ପାରିବ । ପୃଥିବୀକୁ ଜଳ, ସ୍ଥଳ ଆକାଶର ପ୍ରଦୂଷଣରୁ ମୁକ୍ତ କରି ଶୂନ୍ୟ ପ୍ରଦୂଷଣ କରିବାକୁ ହେଲେ ସମଗ୍ର ବିଶ୍ୱବାସୀଙ୍କୁ ଏକତ୍ରିତ ହୋଇ ଗାମ୍ଭୀର୍ଯ୍ୟପୂର୍ଣ୍ଣ, ଅନୁଶାସନାତ୍ମକ, ପ୍ରଯୁକ୍ତ ବିଦ୍ୟା ସମ୍ବଳିତ ପଦକ୍ଷେପ ଗ୍ରହଣ କରିବାକୁ ପଡିବ । ପ୍ରାଥମିକ ବିଦ୍ୟାଳୟ ସ୍ତରରୁ ପ୍ରଦୂଷଣର ବର୍ଗ, କାରଣ ଓ ନିବାରଣ ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରି ବିଶ୍ୱବିଦ୍ୟାଳୟ ସ୍ତରରେ ଗବେଷଣାକୁ ପ୍ରୋତ୍ସାହିତ କରିବା ବିଧେୟ । ପ୍ରତ୍ୟେକ ଗ୍ରାମ, ସହର, ଗଳିକନ୍ଦିରେ ପ୍ରଦୂଷଣ ପରିଚାଳନା ପାଇଁ ଜନ ସଚେତନତା, ପଥପ୍ରାନ୍ତ ନାଟକ, ସଙ୍ଗୀତ, କର୍ମଶାଳା ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା ନିତାନ୍ତ ଜରୁରୀ । ଏଥି ସହ ସାଧାରଣ ପରିବହନ, ସରଳ ଜୀବନ ଯାପନ, ବୃକ୍ଷରୋପଣ, ସୌରଶକ୍ତି ବ୍ୟବହାର, ଶକ୍ତି ଅପଚୟରୁ ବିରତ, ପ୍ଲାଷ୍ଟିକ ବ୍ୟବହାର ନିଷେଧ, ଗୋଷ୍ଠୀ ଜୀବନ ଯାପନ, ବିଜ୍ଞାନ ଉପଯୋଗ ଆଦିର ସଫଳ ପ୍ରୟୋଗ ସାମାଜିକ ସ୍ତରରେ ତ୍ୱରାନ୍ୱିତ କରାଗଲେ ପ୍ରଦୂଷଣ ପରିମାଣକୁ ହ୍ରାସ କରାଯାଇ ପାରିବ । ବୃକ୍ଷରୋପଣ ଓ ସୌରଶକ୍ତିର ପ୍ରଚୁର ଅବଲମ୍ବନ ପ୍ରମୂଖ ଭୂମିକା ଗ୍ରହଣ କଲେ ପ୍ରଦୂଷଣରୁ ପରିବେଶ ବଂଚିବ । ଉଭୟ ଉଦ୍ଭିଦ ଓ ପ୍ରାଣୀଜଗତ ସହ ଜୈବିକ ସନ୍ତୁଳନ ବଜାୟ ରହିଲେ ଉତ୍ତର ପିଢୀଙ୍କ ପାଇଁ ପରିବେଶ, ପ୍ରାକୃତିକ ସମ୍ପଦ ସଂରକ୍ଷିତ ହୋଇ ରହିପାରିବ । ଆଜିର ବିଶ୍ୱ ପୃଥିବୀମାତା ଦିବସ (ୱାର୍‌ଲଡ୍ ମଦର ଆର୍ଥ ଡେ) ରେ ପୃଥିବୀରୁ ପ୍ରଦୂଷଣ ହ୍ରାସ କରିବା ସହ ୨୦୪୦ ମସିହା ସୁଦ୍ଧା ୬୦ ପ୍ରତିଶତ ପ୍ଲାଷ୍ଟିକ ମୁକ୍ତ ପୃଥିବୀ ସୃଷ୍ଟି କରିବାର ଶପଥ ନେବା ବିଧେୟ । ଏହା ସମ୍ଭବ ହେଲେ ୧୯୭୦ ମସିହାରେ ଆମେରିକା ସିନେଟର ଗେଲର୍ଡ ନେଲସନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପୃଥିବୀ ବଂଚାଅ ଆନ୍ଦୋଳନ ସଫଳ ରୂପାୟନ ହେବାର ଗୌରବ ଅର୍ଜନ କରିବ । ବିଶ୍ୱ ଉତ୍ତାପ ପ୍ରଶମନ ପ୍ରଦୂଷଣକୁ ହ୍ରାସ କରି ପ୍ରାପ୍ତ କରିବା ଲକ୍ଷ୍ୟରେ ସମଗ୍ର ବିଶ୍ୱ ଏକତ୍ରିତ ହେବା ସହ ପ୍ରକୃତିର ସଂରକ୍ଷଣକୁ ବିକାଶର ଅନ୍ୟତମ ଭବିଷ୍ୟତ ଦିଶା ରୂପେ ବିବେଚନା କଲେ ଉତ୍ତରପିଢି ଉପକୃତ ହେବେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ହେ ଭଗବାନ**
ଗଢିବା ଭାଙ୍ଗିବା
ସବୁ ତୁମରି ଇଚ୍ଛା
ମିଛେ ଖାଲି ଭକ୍ତେ
କରୁଛୁ ପରୀକ୍ଷା
ହେ ଭଗବାନ
ଏହି କି ତୁମ୍ଭର ଲୀଳା ଦୁନିଆଁ
**ଭଗବାନ**



ଶ୍ରୀ ଅଭିରାମ ସରସ୍ୱତୀ

ଆତ୍ମାକୁ ବହୁ କଷ୍ଟ ଦେଲି
ନିଜ ଠାକୁର ନଚିହ୍ନିଲି (୧୦୦)
ଏପରି ମନଦୁଃଖ କରି
ଶୋଇଲି ବୃକ୍ଷ ଆଶ୍ରା କରି
(୧୦୧)
ଆତ୍ମାକୁ କଷ୍ଟ ହେଲା ଯେଣୁ
ଆତ୍ମାରୁ ବାଣୀ ହେଲା ତେଣୁ
(୧୦୨)
ଅନ୍ତର ବାହାରେ ଅନନ୍ତ
ମୁଁ ସବସ୍ତ ଭୂତରେ ଉଦିତ (୧୦୩)

ତୋ ହୃଦ କମଳେ ମୁଁ ଅଛି
ନାମ ଅନନ୍ତ ପ୍ରକାଶୁଛି (୧୦୪)
ଏ ନାମ ହୃଦେ ତୁହି ଧରି
ଘୋର ସଂସାରୁ ହୁଅ ପାରି
(୧୦୫)

ଜୀବ ଜଗତ ମଧ୍ୟେ ଥାଇ
ଅନନ୍ତ ନାମ ଅଭିବାଇ (୧୦୬)

ଜାଣଇ ନାହିଁ ଦୁଃଖ ସୁଖ
ଜାଣଇ ନାହିଁ ଯୋଗ ଭୋଗ
(୧୦୭)

ଜାଣଇ ନାହିଁ ମନ୍ତ୍ର ଯନ୍ତ୍ର
ଜାଣଇ ନାହିଁ ମୁହିଁ ତନ୍ତ୍ର (୧୦୮)

କେବଳ ନାମ ମୋ ଭରସା
ଅନନ୍ତ ଛଡା ନାହିଁ ଆଶା (୧୦୯)

ବୁଝୁ ନ ବୁଝୁ ଏ ଜଗତ
କେବଳ ସାକ୍ଷୀ ମୋ ଅନନ୍ତ
(୧୧୦)

ଏ ଭାବେ ଜୀବନ କାଟୁଛି
ଅଭି ନ ଜାଣେ ଆନ କିଛି
(୧୧୧)

ସେ ଦିନୁ ଭକ୍ତ ଆତଜାତ
ଯେଣୁ ଅଛନ୍ତି ଶ୍ରୀ ଅନନ୍ତ (୧୧୨)

ଭକତ ଭଗବାନ ଖେଳ
ଭାବରେ ଖାଲି ମୁହିଁ ଭୋଳ
(୧୧୩)

ଯେଉଁଠି ପ୍ରଭୁ ଶ୍ରୀ ଅନନ୍ତ
ମୁହିଁ ତ ସେଠାରେ ନିମିତ୍ତ
(୧୧୪)

ଭକତ ଭାବେ ଭାବଗ୍ରାହୀ
ଉଚିତ ଫଳ ଦେବେ ସେହି (୧୧୫)

ବିଚାର କଉସା ମୋର ପ୍ରଭୁ
ଭାବ ଅଭାବ ସେହି ସବୁ (୧୧୬)
ସବସ୍ୱ ସମର୍ପିସ୍ୱ ବସି ଅଛି
ନାମ କେବଳ ହୃଦେ ଅଛି(୧୧୭)

ଅନନ୍ତ ନାମ ସାକ୍ଷୀ ରଖି
ଭକତ ନାବ ବାହୁ ଅଛି (୧୧୮)
ମୁଁ ମୂଢ ଅଜ୍ଞାନୀ କୁନର
କରେ ନି ପ୍ରଭୁଙ୍କୁ ଜୁହାର (୧୧୯)

ଜାଣେନି ଦାସ ଭାବ ମୁହିଁ
ଜାଣିନି ଭଗବାନ କାହିଁ (୧୨୦)

ପ୍ରଚାର ପ୍ରସାର ଜାଣିନି
ଧୂପ ନୈବେଦ୍ୟ ମୁଁ ଜାଣିନି(୧୨୧)

ଅନ୍ତର ଆତ୍ମାରେ ଭଜୁଛି
କେବଳ ଭକ୍ତିରେ ଡାକୁଛି (୧୨୨)

ବିଶ୍ୱାସ ଫୁଲମାଳ ଧରି
ଡାକୁଛି ଆହେ ବଂଶଧାରୀ (୧୨୩)

ଶାନ୍ତିର ଜଳ ହସ୍ତ ରଖି
ଦେଉଛି ଆହେ ନନ୍ଦବସ୍ତି (୧୨୪)

ଶ୍ରଦ୍ଧାର ଫଳ ତୋତେ ଦେଇ
ଭକ୍ତିରେ ନୈବେଦ୍ୟ କରଇ (୧୨୫)

ଆଉମୋ ପାଶେ କିଛି ନାହିଁ
ରଖିଲେ ରଖ ଭାବଗ୍ରହୀ (୧୨୬)

ଏଥିରେ ଯଦି ତୁ ଆନନ୍ଦ
ତୋ ଭକ୍ତ ରଖ ଆଦିକନ୍ଦ (୧୨୭)

(କ୍ରମଶଃ)

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

30 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୪ ଜୁନ୍ ୨୦୨୪ ମଙ୍ଗଳବାର







କେନ୍ଦୁଝର: କାଦୁଅ ପଚ ପଚରେ ଖାଲିଆବେଣ୍ଟା ମୁଖ୍ୟ ରାସ୍ତା, ଲୋକ ହନ୍ତସନ୍ତ



ମା' ତାରିଣୀଙ୍କ ହୁଣ୍ଡି ଗଣତି



ପଙ୍ଗା-ଗୋଡ଼ିନର୍ଦା ରାସ୍ତା ଶୋଚନୀୟ ଅବସ୍ଥା



ସହରରେ ଦେଶୀ ଆମ୍ବର ପସରା **(ଫଟୋ: ସୁରଜିତ ନ୍ୟୁଜ୍)**

# ରାଜନୈତିକ ହିଂସାରୁ ନିବୃତ୍ତ ରହିବାକୁ ପ୍ରଫୁଲ୍ଲ ସାମଲଙ୍କ ନିବେଦନ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭୋଟ୍ ଦେବାକୁ ଯାଉଥିବା ସମୟରେ ସ୍ୱାମୀର ଭୁଜାଲି ମାଡ଼ରେ ସ୍ତ୍ରୀର ମୃତ୍ୟୁ ହୋଇଥିବା ଘଟଣାରେ ଭଦ୍ରକ ବିଧାନସଭା ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶବ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ରହି ଦୁଃଖ ପ୍ରକାଶ କରିବା ସହ ଲୋକଙ୍କୁ ରାଜନୈତିକ ହିଂସାରୁ ନିବୃତ ରହିବାକୁ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଭଦ୍ରକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କାଉପୁର ପଞ୍ଚାୟତ ମୁକ୍ତାଡିହି ଗ୍ରାମର ପ୍ରଭାକର ରାଉତ ଓ ତାଙ୍କ ପତ୍ନୀ ରଶ୍ମିରେଖାଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ସେ ୨ ବର୍ଷ ହେବ ବାପଘରେ ରହିଆସୁଥିଲେ । ସାଧାରଣ ନିର୍ବାଚନ ଥିବାରୁ ରଶ୍ମିରେଖା ଶାଶୁଘର ମୁକ୍ତାଡିହି ଗ୍ରାମକୁ ନିଜ ଦାଦା ଖଗେଶ୍ୱରଙ୍କ ସହ ଆସି ଭୋଟ୍ ଦେବା ପାଇଁ ଧାଡିରେ ଛିଡା ହୋଇଥିବା ବେଳେ ସ୍ୱାମୀ ପ୍ରଭାକର ରକ୍ତମୁଖା ହୋଇ ଏକ ଧାରୁଆ ଭୁଜାଲିରେ ତାର ମୁଣ୍ଡକୁ ୪/୫ ଥର ଶକ୍ତ ଆଘାତ କରିଥିଲା । ଫଳରେ ରଶ୍ମିରେଖା ସେଠାରେ ପଡିଯିବା ସହ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକେ ତାକୁ ତୁରନ୍ତ ପ୍ରଥମେ ବରପଦା ଓ ପରେ ଭଦ୍ରକ ଡାକ୍ତରଖାନାକୁ ଆଣିଥିଲେ ମଧ୍ୟ ଡାକ୍ତରମାନେ ତାକୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ଶ୍ରୀ ସାମଲ ମେଡିକାଲରେ ପହଞ୍ଚି ଦୁଃଖ ପ୍ରକାଶ କରିବା ସହ ଏଭଳି ଏକ ପାରିବାରିକ ଜନିତ ହତ୍ୟାକାଣ୍ଡକୁ କୌଣସି ରାଜନୈତିକ ରୂପ ଦେଇ କୌଣସି ହିଂସାକାଣ୍ଡରୁ ନିବୃତ ରହିବାକୁ ସ୍ଥାନୀୟ ଜନସାଧାରଣଙ୍କୁ ନିବେଦନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି ।

# ବାଲିଗୁଡ଼ା କଲେଜ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେବ ଭୋଟ୍ ଗଣତି

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ସମଗ୍ର ଓଡ଼ିଶାରେ ଆସନ୍ତା ୪ ତାରିଖରେ ଭୋଟ୍ ଗଣତି ହେବ । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ୪ ତାରିଖରେ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ କଲେଜରେ ହେବ ଭୋଟ୍ ଗଣତି । ଏଥିପାଇଁ ଏଜେଣ୍ଟଙ୍କ ସମ୍ପର୍କରେ ତଥ୍ୟ ଓ କାଗଜପତ୍ର ପ୍ରାର୍ଥୀମାନଙ୍କୁ ମଗାଯାଇଛି । ଗଣତି ଦାୟିତ୍ୱରେ ରହିଥିବା ଅଧିକାରୀମାନଙ୍କୁ ସମ୍ପୂର୍ଣ୍ଣ ତାଲିମ ପ୍ରଦାନ କାର୍ଯ୍ୟ ସମାପ୍ତ ହୋଇଛି । ଭୋଟ୍ ଗଣତି କେନ୍ଦ୍ର ମଧ୍ୟକୁ ଯିବାକୁ ଥିବା ପାସ୍ଧାରୀ ବ୍ୟକ୍ତି ବିଶେଷଙ୍କୁ କଡ଼ାକଡ଼ି ଯାଞ୍ଚ କରି ଭିତରକୁ ପ୍ରବେଶ କରାଯିବ । ବାଲିଗୁଡ଼ାର ୨ଟି ସ୍ଥାନରେ ଭୋଟ୍ ଗଣତି କରାଯିବ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । କନ୍ଧମାଳ ଲୋକସଭା କ୍ଷେତ୍ରର ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏବଂ ଜି. ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସ୍ଥାନୀୟ ଆଦିବାସୀ ମହାବିଦ୍ୟାଳୟ ପରିସରରେ ୪ ତାରିଖ ସକାଳ ୮ଟାରୁ ଭୋଟ୍ ଗଣତି ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଭୋଟ୍ ଗଣତି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରକାଶ ଯେ, ସମଗ୍ର କନ୍ଧମାଳ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ୨୦ ତାରିଖରେ ମତଦାନ ହୋଇଥିଲା । ମତଦାନ ପରେ ଇଭିଏମ୍ ଗୁଡିକ ଷ୍ଟ୍ରଙ୍ଗରୁମ୍ରେ ତ୍ରିସ୍ତରୀୟ ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି । ଷ୍ଟ୍ରଙ୍ଗରୁମ୍ ମଧ୍ୟରେ ସିସି ଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି ।

# ଆଇ.ଏନ.ଏସ. ଚିଲିକା ଦିନିକିଆ ଗସ୍ତରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଅନୀଲ ଚୌହାନ

**ଖୋର୍ଦ୍ଧା, ନ୍ୟୁଜ୍ ବ୍ୟୁରୋ**

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ) ଅନୀଲ ଚୌହାନ ଆଇ.ଏନ.ଏସ. ଚିଲିକା ଦିନିକିଆ ଗସ୍ତରେ ଆସି ଭାରତୀୟ ନୌସେନାର ଅଗ୍ନିବୀରମାନଙ୍କ ଅଗ୍ରଣୀ ତାଲିମ ଅନୁଷ୍ଠାନ ପରିଦର୍ଶନ କରିଛନ୍ତି । ଭାରତୀୟ ନୌସେନାର ନୌବୀର ମାନଙ୍କ ଭବିଷ୍ୟତ ଗଠନ କରିବାରେ ଆଇଏନଏସ ଚିଲିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ନେଇ ସିଡିଏସଙ୍କୁ ଅବଗତ କରାଇଥିଲେ । ଚିଲିକାରେ ଅଗ୍ନିବୀରମାନଙ୍କୁ ଏପର୍ଯ୍ୟନ୍ତ ବିଭିନ୍ନ ବ୍ୟାଚ୍ରେ ଦିଆଯାଇଥିବା ତାଲିମ କାର୍ଯ୍ୟକ୍ରମ ସମ୍ପର୍କରେ ସାମଗ୍ରିକ ବିଶ୍ଳେଷଣାତ୍ମକ ସୂଚନା ପ୍ରଦାନ କରାଯାଇଥିଲା । ଏହି ଗସ୍ତ ଅବସରରେ ସିଡିଏସ ଅଗ୍ନିବୀରମାନଙ୍କ ସହିତ ଭାବ ବିନିମୟ କରିଥିଲେ । ସେମାନଙ୍କୁ ଉଦ୍‌ବୋଧନ ଦେବା ଅବସରରେ ସେ 'ଅଗ୍ନିବୀର ଯୋଜନା' ପ୍ରବର୍ତ୍ତନ କରିବା ପଛରେ ସେନାର ଯୁବ ମାନସିକତାକୁ ବଜାୟ ରଖିବା କାରଣ ରହିଛି ବୋଲି ଉଲ୍ଲେଖ କରିବା ସହିତ ରାଷ୍ଟ୍ର ନିର୍ମାଣ ନିମନ୍ତେ କୁଶଳୀ, ଶୃଙ୍ଖଳିତ ଏବଂ ଉତ୍ସର୍ଗୀକୃତ ଯୁବଶକ୍ତିଙ୍କର ଆବଶ୍ୟକତା ରହିଛି ବୋଲି କହିଥିଲେ । ସିଡିଏସ ଦୃଢ଼ୋକ୍ତି ବ୍ୟକ୍ତ କରି କହିଥିଲେ ଯେ ଅଗ୍ନିବୀରମାନେ ତାଲିମ ଉପରେ ଅଧିକ ମନୋନିବେଶ କରିବା ଉଚିତ୍ ଏପରିକି ପ୍ରଯୁକ୍ତି ଦୃଷ୍ଟିରୁ କୁଶଳୀ ନୌଯୋଦ୍ଧାରେ ପରିଣତ ହୋଇପାରିବେ । ଏହି ଭାବ ବିନିମୟ କାର୍ଯ୍ୟକ୍ରମ ଅବସରରେ ସେ ଅଗ୍ନିବୀରମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ନୌସେନାର ଅଗ୍ନିବୀର ତାଲିମ ଭିତ୍ତିଭୂମି ସମ୍ପର୍କରେ ଅବଗତ ହେବା ନିମନ୍ତେ, ସିଡିଏସ୍ ତାଲିମ ସଂସାଧନ ସ୍ଥଳୀ ପରିଦର୍ଶନ କରିଥିଲେ । ପରବର୍ତ୍ତୀ ପିଢ଼ିର ନୌଯୋଦ୍ଧା ଗଠନ ନିମନ୍ତେ ଉଚ୍ଚ ଗୁଣାତ୍ମକ ମାନଯୁକ୍ତ ତାଲିମ ପ୍ରଦାନ କରୁଥିବାରୁ ସିଡିଏସ ପ୍ରଶିକ୍ଷଣ ଅନୁଷ୍ଠାନର ତାଲିମଦାତା ମାନଙ୍କୁ ଶ୍ରୀ ଚୌହାନ ଅଭିନନ୍ଦନ ଜ୍ଞାପନ କରିଥିଲେ ।

# ରାୟଗଡ଼ାରେ ସହାୟତା ଅପେକ୍ଷାରେ ଦୁଇ ଅସହାୟ ମେଟ୍ରିକ୍ ପାସ୍ ଛାତ୍ର

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**

ଶକ୍ତି ଆଗରେ ହାର ମାନିଛି ଅନାଥପଣ ସାଙ୍ଗକୁ ଦିବ୍ୟାଙ୍ଗତା । ଏଭଳି ଦୁଇ ଭିନ୍ନ ଭିନ୍ନ ଚିତ୍ର ଆସିଛି ରାୟଗଡ ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଅମଲାଭଟ୍ଟା ଏବଂ କଲ୍ୟାଣ ସିଙ୍ଗପୁର ସିରିପୁର ଅଞ୍ଚଳରୁ । ସିରିପୁର ଗାଁର କାମେଶ କାଡ୍ରାକା । ବାପା ଲଛପତି କାଡ୍ରାକା, ମା' ସାଲାଇ କାଡ୍ରାକାଙ୍କ ପୁଅ କାମେଶ । ଗତ ଛଅ ବର୍ଷ ପୂର୍ବେ ହୃଦ୍‌ଘାତରେ କାମେଶଙ୍କ ବାପା ଲଛପତି ଆରପାରିକୁ ଚାଲିଗଲେ । କାମେଶଙ୍କ ମା' ସାଲାଇ ଆଦିବାସୀ ସମ୍ପ୍ରଦାୟ ଗରିବ ଶ୍ରେଣୀର ହୋଇଥିବାରୁ କୁଲି ମଜୁରୀ କରି ପୁଅକୁ କଷ୍ଟେ ମଷ୍ଟେ ପେଟକୁ ଦାନା ଯୋଗାଡ କରିଦେଉଥିଲେ, ଏ ମଧ୍ୟରେ ପୁଅ କାମେଶ ଆଦର୍ଶ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ବିଧିର ବିଡମ୍ବନା କାମେଶଙ୍କ ମା' ସାଲାଇ ଡାଇବେଟିସ୍ ରୋଗାକ୍ରାନ୍ତ ହୋଇ ଚାରି ମାସ ପୂର୍ବେ ଆରପାରିକୁ ଚାଲିଗଲେ । ମା'ଙ୍କ ଦେହାନ୍ତ ସମୟରେ ଦଶମ ପରୀକ୍ଷା ରହିଥିଲା କାମେଶଙ୍କ ମୁଣ୍ଡ ଉପରେ । ନାବାଳକ କାମେଶଙ୍କ ମୁଣ୍ଡରେ ପାହାଡ଼ ଛିଡିବା ଭଳି ଦୁଃଖ ମାଡ଼ି ଆସିଲା । ଫଳରେ ପାଠ ପଢ଼ାରେ ବ୍ୟାଘାତ ଘଟିଲା । ଏଭଳି ସ୍ଥିତିରେ ସମ୍ପର୍କୀୟ ମାମୁଁ ସମା କୃଷିକା ଏବଂ ମାଇଁ କୁଲି ମଜୁରୀ କରି କାମେଶଙ୍କ ପେଟକୁ ଦୁଇ ଓଳି ଦାନା ମୁଠାଏ ଯୋଗାଉଥିଲେ । ଅନାଥ କାମେଶ ଦୁଃଖ ସହ ଝୁଝୁଥିଲେ ବି ଦଶମ ପରୀକ୍ଷା ଦେଇ ପାସ୍ ହୋଇଛନ୍ତି । କିନ୍ତୁ ଦଶମ ପାସ୍ ହୋଇଥିଲେବି କାମେଶଙ୍କ ଅନାଥପଣ ସାଙ୍ଗକୁ ସମ୍ପର୍କୀୟ ମାମୁଁ ସମାଙ୍କ ଗରିବୀ କଲେଜ ପାଠ ପଢ଼ିବାକୁ ଅନ୍ଧାରକୁ ଟାଣି ନେଇଛି । ସେହିଭଳି ଅନ୍ୟ ଜଣେ ରାୟଗଡ ଚାନ୍ଦିଲି ଥାନା ଅନ୍ତର୍ଗତ ଅମଲାଭଟ୍ଟାରେ ରୁହନ୍ତି ଶିବମ ତିୱାରି । ସେ ଜଣେ ଜନ୍ମରୁ ଦିବ୍ୟାଙ୍ଗ । କଥା କହିପାରନ୍ତି ନାହିଁ କି ତାଙ୍କ କାନକୁ ଶୁଭେ ନାହିଁ । ତଥାପି ନିଜର ଦୃଢ଼ ମନୋବଳ ଓ ଇଚ୍ଛାଶକ୍ତି ଆଗରେ ହାର ମାନିଛି ଭିନ୍ନକ୍ଷମତା ଓ ଆର୍ଥିକ ଅନାଟନ । ଚଳିତ ବର୍ଷ ପ୍ରକାଶିତ ମାଟ୍ରିକ୍ ପରୀକ୍ଷାରେ ୭୩ ପ୍ରତିଶତ ମାର୍କ ରଖି ସେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଆଗକୁ ଉଚ୍ଚ ଶିକ୍ଷା ପାଇଁ କଲେଜରେ ନାମ ଲେଖାଇ ପଢିବା ପାଇଁ ଇଚ୍ଛା ଥିଲେ ମଧ୍ୟ ଅର୍ଥ ସାଜିଛି ବାଧକ । ବାପାଙ୍କ ମୃତ୍ୟୁ ପରେ ମାଆ କଷ୍ଟ କରି ଗୋଟିଏ ଛୋଟ ଲୁଗା ଦୋକାନରୁ ଯାହା ଉପାର୍ଜନ କରନ୍ତି ସେଥିରେ ଦୋକାନ ଓ ଘର ଭଡା ଦେଇ ଘର ଚଳାଇବା କଷ୍ଟକର । ସେଥିରେ ପୁଣି ବଡ ପୁଅ ଡିପ୍ଲୋମା ପଢୁଥିବା ବେଳେ ଏବେ ସାନ ପୁଅକୁ କଲେଜରେ ନାମ ଲେଖାଇବା ପାଇଁ ମାଆଙ୍କ ପକ୍ଷେ କଷ୍ଟକର ବୋଲି ଶିବମ୍ଙ୍କ ମାଆ ଆରତୀ ତିୱାରୀ କହିଛନ୍ତି । ସେ କହିଛନ୍ତି ଯେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ବହୁ କଷ୍ଟରେ ଦିନ ରାତି ପରିଶ୍ରମ କରି ନିଜ ଘର ଚଳାଇବା ସହ ଦୁଇ ପୁଅଙ୍କୁ ପାଠ ପଢ଼ାଇ ଆସିଛନ୍ତି । ହେଲେ ଆଗକୁ ଆଉ ପିଲାଙ୍କୁ ପାଠ ପଢ଼ାଇବା ତାଙ୍କ ପକ୍ଷେ ସମ୍ଭବପର ନୁହେଁ । ଶିବମ୍ଙ୍କର ଜିଦ୍ ଯେ ସିଏ ଆଗକୁ ପାଠ ପଢିବ ହେଲେ ଘରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ସରକାର, ଜିଲ୍ଲା ପ୍ରଶାସନ କିମ୍ବା କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଶିବମ୍ଙ୍କ ମାଆ ଆରତୀ ନିବେଦନ କରିଛନ୍ତି । ଏଭଳି ଖବରପାଇ ରାୟଗଡ ନାଗରିକ ମଞ୍ଚ, ଜିଲ୍ଲା ସାମ୍ବାଦିକ ସଂଘ ଓ ସକ୍ଷମ ଅନୁଷ୍ଠାନ ତରଫରୁ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ଡ଼ଃ ବାଦଲ ତାଙ୍କ ନେତୃତ୍ୱରେ ଶ୍ୟାମ ଦାଶ, ଯୁବ ସାମ୍ବାଦିକ ତପନ କୁମାର କାଡ୍ରାକା, ଯୁବ ସାମ୍ବାଦିକ କୈଳାସ ସ୍ୱାଇଁ, ଅଜୟ ରଥ ପ୍ରମୁଖ କାମେଶ କାଡ୍ରାକା ଏବଂ ଶିବମ ତିୱାରିଙ୍କ ସହ ସାକ୍ଷାତ କରି ପ୍ରତ୍ୟେକଙ୍କୁ ୧୦ ହଜାର ଆର୍ଥିକ ରାଶି ପ୍ରଦାନ କରିଛନ୍ତି । ଉକ୍ତ ତିନୋଟି ଅନୁଷ୍ଠାନର ମିଳିତ ଉଦ୍ୟମରେ ଜିଲ୍ଲାରେ ରହିଥିବା ତିନୋଟି ଶିକ୍ଷ ଅନୁଷ୍ଠାନ ଏବଂ ସରକାରଙ୍କ ରହିଥିବା ସହାୟତା ପ୍ରଦାନ କରିବାକୁ ପ୍ରୟାସ ରହିବ ବୋଲି କହିଛନ୍ତି ଡ଼ଃ ବାଦଲ ତା ।

# କଳା ଏକାଡ଼େମୀ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା

**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**

ଧନୁପାଲି ସ୍ଥିତ ଚିତ୍ରକଳା ଅନୁଷ୍ଠାନ ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ସମ୍ବଲପୁର ଜିଲ୍ଲା ଗ୍ରୀଷ୍ମ କାଳୀନ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଗ୍ରୀଷ୍ମଋତୁ ଏବଂ ସହରୀ ଜୀବନ, ଗ୍ରୀଷ୍ମରେ ଗ୍ରାମ୍ୟ ଜୀବନଧାରା, ସମୁଦ୍ର କୂଳ, ପାହାଡ଼ି ଉପତ୍ୟକା, ଜଳ ପ୍ରପାତ, ଗ୍ରାମୀଣ ଜୀବନ, ସୂର୍ଯ୍ୟାସ୍ତ ପ୍ରଭୃତି ବିଷୟ ବସ୍ତୁ ଉପରେ ବିଭିନ୍ନ ବିଦ୍ୟାଳୟ, ମହା ବିଦ୍ୟାଳୟ ଓ ବିଶ୍ୱ ବିଦ୍ୟାଳୟର ପ୍ରାୟ ୧୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ପ୍ରଦତ୍ତ ବିଷୟ ଉପରେ ସୁନ୍ଦର ସୁନ୍ଦର ଚିତ୍ର ଅଙ୍କନ କରିଥିଲେ । ଆୟୋଜିତ ପ୍ରତିଯୋଗିତାକୁ ଅନୁଷ୍ଠାନର ସଭାପତି ସଞ୍ଜୟ ସାହୁ, ପ୍ରଶାନ୍ତ ମାଝୀ, ପବିତ୍ର ବେରିହା, ବଳରାମ ହୋତା, ସୁବ୍ରତ ବେହେରା, ରବି ସାହା, ଆଶିଷ ମେହେର, ଆୟୁଷ୍ମାନ ଦାସ, ନମ୍ରତା ନାୟକ, ଆକୃତି ଦାଶ ଓ ଶିବାନୀ ଭୋଇ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ଶିଶୁ ବିକାଶ କେନ୍ଦ୍ରରେ ବିଶ୍ୱ ଶିଶୁ ଦିବସ ପାଳନ

**ବଲାଙ୍ଗୀର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶୁ ବିକାଶ କେନ୍ଦ୍ର ତରଫରୁ ଟିକ୍ରାପଡା ରାମ ମନ୍ଦିର ଠାରେ ଅନୁଷ୍ଠାନର ଉପଦେଷ୍ଟା ବିଶିଷ୍ଟ ଆଇନଜୀବୀ ଜୟରାମ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଗିରିଜା ଶଙ୍କର ରଥ ଓ ସାମାଜିକ କର୍ମୀ ଅରୁଣ ଖୁଆସ ବକ୍ତା ଭାବରେ ଯୋଗ ଦେଇଥିଲେ । ଶ୍ରୀ ରଥ କହିଥିଲା ଯେ ଶିଶୁର ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶ ପାଇ ପିତା ମାତା, ଶିକ୍ଷକ ଓ ସମାଜର ସଚେତନଶୀଳ ନାଗରିକମାନେ ସମ୍ମିଳିତ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ଶ୍ରୀ ଖୁଆସ ସରକାରୀ ସ୍ତରରେ ଓ ବେସରକାରୀ ସ୍ତରରେ ଶିଶୁମାନଙ୍କର ସୁରକ୍ଷା ଓ ଅଧିକାର ଉପରେ ଯେଉଁ କାମମାନ କରାଯାଇଛି ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ସଭାରେ ଶିଶୁ ବିକାଶ କେନ୍ଦ୍ରର ସଭାପତି ମଦନ ମୋହନ ରଥ ମଧ୍ୟ ନିଜର ମତବ୍ୟକ୍ତ କରିଥିଲେ । ସଭାକୁ ପରିଚାଳନା କରିଥିଲେ ସମ୍ପାଦକ ମଧୁ ସାହୁ । ଏହି ସଭାରେ ଆଦ୍ୟାଶକ୍ତି ନାରୀ ସଂଗଠନର ସଭ୍ୟାମାନେ ଏବଂ ଡ. ପ୍ରେମଚାନ୍ଦ ମହାନ୍ତି, କପିଳ ପତି, ଧର୍ମବ୍ରତ ରଥ, ଦୁର୍ଗା ଚରଣ ସାହୁ, ଶୀତାଂଶୁ ନାୟକ, ଚୁଡେନ୍ଦ୍ର କୁମାର ବେହେରା, ପ୍ରଦୀପ ପଶାୟତ, କସ୍ତୁରି ରଥ, କବିତା ମିଶ୍ର, ସଂଯୁକ୍ତା ମିଶ୍ର, ଅନୁପ୍ରିୟା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । କବି ତପସ୍ୱିନୀ ପସାୟତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ସଭାରେ ବହୁତ ମାଣ୍ୟଗନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ରତୁସ୍ରାବ ସଚେତନତା ପାଇଁ ବଣ୍ଡା ଘାଟିରେ ପେଡ଼ ବ୍ୟାଙ୍କ ପ୍ରତିଷ୍ଠା

**ମାଲକାନଗିରି, ନ୍ୟୁଜ୍ ବ୍ୟୁରୋ**

ମାସିକ ରତୁସ୍ରାବ ବା ପିରିୟଡ୍ସ ଜଣେ କିଶୋରୀ ବା ନାରୀ ଜୀବନର ଏକ ପ୍ରାକୃତିକ ତଥା ସ୍ୱାଭାବିକ ପ୍ରକ୍ରିୟା । କିନ୍ତୁ ଏହାକୁ ନେଇ ଏବେବି ମହିଳାଙ୍କ ଭିତରେ ଲାଜ, ସଙ୍କୋଚ ରହିଥିବା ବେଳେ ଅନେକ କ୍ଷେତ୍ରରେ ସେମାନେ ବିଭିନ୍ନ ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି । ରତୁସ୍ରାବ ବିଷୟରେ କିଶୋରୀ, ମହିଳା ତଥା ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବଡି ଦିଦି ଅନୁଷ୍ଠାନ ପକ୍ଷରୁ ବଣ୍ଡା ଘାଟିରେ ପେଡବ୍ୟାଙ୍କ ଖୋଲାଯାଇଛି । ବିଶେଷ କରି ବଣ୍ଡାଘାଟିରେ ବାସ କରୁଥିବା ଯୁବତୀ ଓ ମହିଳାମାନେ ଅସ୍ୱଚ୍ଛ କପଡ଼ା ବ୍ୟବହାର କରନ୍ତି । ତେଣୁ ସେମାନଙ୍କୁ କିପରି ଆଧୁନିକତା ସହ ତାଳ ଦେଇ ଚଳିବେ ଏବଂ ସ୍ୱଚ୍ଛତା କଣ ବଡି ଦିଦିର ସଦସ୍ୟାମାନେ ବୁଝାଇଥିଲେ । ଗାଁ ଗାଁ ବୁଲି ବଡି ଦିଦିର ସଦସ୍ୟାମାନେ କିପରି ରତୁସ୍ରାବ ଦିନ କଣ ପିନ୍ଧିବେ ସେନେଇ ବୁଝାଇଥିଲେ । ଏଥିସହ ପେଡ଼ ବିଷୟରେ ସେମାନଙ୍କୁ ଜ୍ଞାନ ଦେଇଥିଲେ । ବଣ୍ଡାଘାଟିର ବଡପଡ଼ା ଏବଂ ଜାକଲକୁଣ୍ଡିରେ ଦୁଇଟି ପେଡ ବ୍ୟାଙ୍କ ପ୍ରତିଷ୍ଠା କରିଥିଲେ । ଏହି ପେଡ ବ୍ୟାଙ୍କରେ ପେଡଗୁଡ଼ିକ ରହିଥିବ । ମହିଳା ହେଉ କି ଯୁବତୀ ସେମାନେ ରତୁସ୍ରାବ ସମୟରେ ଏହି ପେଡ ମାଗଣାରେ ଏଠାରୁ ନେଇ ପିନ୍ଧିବେ ବୋଲି କୁହାଯାଇଛି । ଏଥିପାଇଁ ବଡି ଦିଦିଙ୍କୁ ବିଭିନ୍ନ ସଂଗଠନ ପକ୍ଷରୁ ସହଯୋଗ ମିଳୁଛି । ବଡିଦିଦିର ସଭାନେତ୍ରୀ ଜୟନ୍ତୀ ବୁରୁଦାଙ୍କ ନେତୃତ୍ୱରେ ବହୁ ଯୁବତୀ ବଡ଼ିଦିଦି ସଂଗଠନରେ ସାମିଲ ହୋଇ ଆଦିବାସୀ ମହିଳାମାନଙ୍କୁ ସଚେତନ କରାଉଛନ୍ତି । କିଶୋରୀ ବାଳିକା ହେଉ ବା ଗାଉଁଲି ମହିଳା ସମସ୍ତେ କପଡ଼ା ବ୍ୟବହାର କରନ୍ତି । ତେଣୁ ଏହି ସଂଗଠନ ପକ୍ଷରୁ କପଡ଼ା ହଟାଓ, ପେଡ ପିନ୍ଧ ବୋଲି ସ୍ଲୋଗାନ ଦେଉଛନ୍ତି । ବଡିଦିଦିର ସଭାନେତ୍ରୀ ଜୟନ୍ତୀ ବୁରୁଦାଙ୍କ ନେତୃତ୍ୱରେ ବହୁ ଯୁବତୀ ବଡ଼ିଦିଦି ସଂଗଠନରେ ସାମିଲ ହୋଇ ଆଦିବାସୀ ମହିଳାମାନଙ୍କୁ ସଚେତନ କରାଉଛନ୍ତି । ଗତ ୮ ବର୍ଷ ହେଲା ସରକାର ଏହି ଦିବସକୁ ପାଳନ କରିବା ସହ ମହିଳା ଓ ଯୁବତୀଙ୍କୁ ସଚେତନ କରାଉଛନ୍ତି । ଗ୍ରାମାଞ୍ଚଳରେ ମହିଳା ସଚେତନ ନଥିବାରୁ ଅସ୍ୱଚ୍ଛ ରହୁଥିବା ବେଳେ ସହରାଞ୍ଚଳରେ ମହିଳା ବେଶ୍ ସଚେତନ ରହିଛନ୍ତି । ବଡିଦିଦିର ସଦସ୍ୟାମାନଙ୍କ ମଧ୍ୟରୁ ସମ୍ଵାରି ବଡନାୟକ, ଚକ୍ଳି ବଡ଼ନାୟକ, ଆଦିବାରି ଶିଶା, ଲକ୍ଷ୍ମୀ କିରସାନୀ, ମୁସକାନ କିରସାନୀ ବଣ୍ଡାଘାଟିରେ ଏହି ଦିବସ ପାଳନ ସହ ସଚେତନ କରାଇଛନ୍ତି ।

# ଫୁଲବାଣୀର ୨୩୦ଟି ବୁଥ୍ ପାଇଁ ୨୩ ରାଉଣ୍ଡ ହେବ ଗଣତି

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଚଳିତବର୍ଷ ଅନୁଷ୍ଠିତ ସାଧାରଣ ନିର୍ବାଚନ ପାଇଁ ମଙ୍ଗଳବାର ହେବ ଭୋଟ୍ ଗଣତି । ଫୁଲବାଣୀ ନିର୍ବାଚନ ମଣ୍ଡଳୀ ପାଇଁ ଏନେଇ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବା ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଫୁଲବାଣୀ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ କନ୍ଧମାଳ ଲୋକସଭା ଆସନ ଓ ଫୁଲବାଣୀ ବିଧାନସଭା ଆସନ ପାଇଁ ପଲିଟେକ୍‌ନିକ୍ ଠାରେ ଭୋଟ୍ ଗଣତି କରାଯିବ । ସେହିପରି ବାଲିଗୁଡ଼ା ବିଧାନସଭା ଆସନ ଓ ଜି.ଉଦୟଗିରି ପାଇଁ ବାଲିଗୁଡ଼ା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ଆଦିବାସୀ ମହାବିଦ୍ୟାଳୟରେ ଗଣତି କରାଯିବ ବୋଲି ମଧ୍ୟ କୁହାଯାଇଛି । ଫୁଲବାଣୀରେ ସୁରୁଖୁରୁରେ ଗଣତି କାର୍ଯ୍ୟ ସମ୍ପାଦନ ପାଇଁ ପ୍ରାୟ ୩୦୦ କର୍ମଚାରୀ ନିୟୋଜିତ ହେବେ । ଫୁଲବାଣୀ ବିଧାନସଭା ଆସନ ପାଇଁ ୧୦ଟି ଓ ଲୋକସଭା ଆସନ ପାଇଁ ୧୦ଟି ଟେବୁଲରେ ଗଣତି ହେବ । ଫୁଲବାଣୀର ୨୩୦ଟି ବୁଥ୍ ପାଇଁ ୨୩ ରାଉଣ୍ଡ ଗଣତି ହେବ । ସେହିଭଳି ପୋଷ୍ଟାଲ ବ୍ୟାଲଟ୍ ପାଇଁ ଆଉ ୧୦ଟି ଟେବୁଲ ରହିବ । ଫୁଲବାଣୀ ବିଧାନସଭା ଆସନରେ ଏଥରକ ୧ ଲକ୍ଷ ୪୫ ହଜାର ୧୨୪ ଜଣ ଓ ପୋଷ୍ଟାଲ ମାଧ୍ୟମରେ ୧୪୫୦ ଭୋଟର ମତଦାନ କରିଥିବା ସୂଚନା ଦିଆଯାଇଛି । ଆସନ୍ତା ୪ ତାରିଖ ସକାଳ ୮ଟାରୁ ଗଣତି ଆରମ୍ଭ ହେବ । ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି ।

# ୧୯୮୬ ମସିହା ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ଗୁରୁପୂଜନ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୯୮୬ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କ ବନ୍ଧୁ ମିଳନ ଉତ୍ସବ ଓ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଡାକ୍ତର ଅଜିତ୍ ପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ସହକାରୀ ଶିକ୍ଷା ଅଧିକାରୀ ହେମେନ୍ଦ୍ର ନାଥ ମହାନ୍ତି ସଂଯୋଜନା କରିଥିଲେ । ଧାମନଗର ବାଳକ ଓ ବାଳିକା ଉଚ୍ଚ ବିଦ୍ୟାଳୟ ୧୯୮୬ ମସିହା ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀ ମାନଙ୍କ ବନ୍ଧୁ ମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବାଇଧର ସାମଲ, ନିରାକାର ମହାନ୍ତି, ଚକ୍ରଧର ବାରିକ, ମହେଶ୍ୱର ସ୍ୱାଇଁ, ଶ୍ୟାମସୁନ୍ଦର ମହାରାଜ, ଆନନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଗୁରୁ ଶିଷ୍ୟଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ନିଶ୍ଚିତ ଭାବରେ ସଂସ୍କାର ମଧ୍ୟ ମାର୍ଜିତ ହେବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନ୍‌ଜୀବୀ ଅମରେନ୍ଦ୍ର ମହାନ୍ତି, ରଂଜିତ ମହାନ୍ତି, ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗଦେଇଥିଲେ । ପୁରାତନ ଛାତ୍ର ହେମନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୁରାତନ ଛାତ୍ରୀ ରେବତୀ ଷଡଙ୍ଗୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସମାଜସେବୀ ସଞ୍ଜୟ କୁମାର ଷଡଙ୍ଗୀ ପ୍ରାୟ ୪୯ ଥର ରକ୍ତଦାନ କରିଥିବା ସହ ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ ଉଚ୍ଚ ନମ୍ବର ରଖି ସଫଳ ହୋଇଥିବାରୁ ପୁରାତନ ଛାତ୍ରଛାତ୍ରୀ ସଂଗଠନ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ବରିଷ୍ଠ ସାମ୍ବାଦିକ ପ୍ରଦୀପ କୁମାର ମହାପାତ୍ର, ସେକ୍ ଜାଫର ଅଲ୍ଲୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଭାବ ବିନିମୟ କରାଯାଇଥିଲା । ଉପସ୍ଥିତ ଗୁରୁଙ୍କୁ ପୂଜା କରିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ପୁରାତନ ଛାତ୍ର ନରେନ୍ଦ୍ର କୁମାର ଭୂୟାଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ତେଲେଙ୍ଗାନା ରାଜ୍ୟର ସ୍ଥାପନା ଦିବସର ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ତେଲେଙ୍ଗାନା ରାଜ୍ୟର ସ୍ଥାପନା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ତେଲେଙ୍ଗାନା ବାସୀଙ୍କୁ ସେମାନଙ୍କ ରାଜ୍ୟ ଗଠନ ଦିବସରେ ଶୁଭେଚ୍ଛା । ଏକ ଅନନ୍ୟ ସଂସ୍କୃତି, ସମୃଦ୍ଧ ଐତିହ୍ୟ ଏବଂ ପରିଶ୍ରମୀ ଲୋକମାନଙ୍କ ସହିତ ଆଶୀର୍ବାଦ ପ୍ରାପ୍ତ ତେଲେଙ୍ଗାନା ପରମ୍ପରା ଏବଂ ଆଧୁନିକତାର ଏକ ସମ୍ପୂର୍ଣ୍ଣ ମିଶ୍ରଣ ଅଟେ । ତେଲେଙ୍ଗାନାର କ୍ରମାଗତ ଅଭିବୃଦ୍ଧି ଏବଂ ଏଠାକାର ଲୋକଙ୍କ ସମୃଦ୍ଧତା ପାଇଁ ମୁଁ ପ୍ରାର୍ଥନା କରୁଛି ।

# ଦୁର୍ବୃତ୍ତଙ୍କ ସଂଘବଦ୍ଧ ଆକ୍ରମଣରେ ଗଣମାଧ୍ୟମ ପ୍ରତିନିଧି ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ସାମ୍ବାଦିକତାରେ କୌଣସି ଶିକ୍ଷାଗତ ଯୋଗ୍ୟତା କିମ୍ବା ଅଭିଜ୍ଞତା ନଥାଇ ବିଭିନ୍ନ ୱେବ୍ ଚ୍ୟାନେଲ ମାଧ୍ୟମରେ ବିବାଦମାନ ଘଟଣାରେ ହଇଚଇ ସୃଷ୍ଟି କରୁଥିବା କେତେକ ଅସାମାଜିକ ତଥା ଅଣ ସାମ୍ବାଦିକଙ୍କ ପ୍ରବେଶ ଏବେ କାମଳ ସାମ୍ବାଦିକତାକୁ ପ୍ରୋତ୍ସାହନ ଦେବା ସହ ଏହି ପେଶାକୁ କଳଙ୍କିତ କରିଚାଲିଛି । ଯାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଭଦ୍ରକ ସହରର ଜନଗହଳିପୂର୍ଣ୍ଣ ମୁଖ୍ୟ ଡାକଘର ସମ୍ମୁଖରେ । ଏହିଭଳି କିଛି ଅସାମାଜିକ ଅଣ ସାମ୍ବାଦିକ ଯୁବକଙ୍କ ଭୁଜାଲି ମାଡ଼ରେ ଅନ୍ୟ ଜଣେ ୱେବ୍ ଚ୍ୟାନେଲର ସାମ୍ବାଦିକ ଗୁରୁତର ଆହତ ହୋଇ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି । ତେବେ ଘଟଣାରୁ ଯାହା ଜଣାଯାଏ ପ୍ରତିଦିନ ଭଳି ଭଦ୍ରକର 'ପ୍ରତିଦିନ ଟିଭି' ୱେବ୍ ଚ୍ୟାନେଲର ପ୍ରତିନିଧି ଶୁଭଦୀପ ମଲ୍ଲିକ ଭଦ୍ରକ ମୁଖ୍ୟ ଡାକଘର ନିକଟରେ ଖବର ସଂଗ୍ରହ ପାଇଁ ପହଞ୍ଚିଥିଲେ । ତେବେ ସେହି ସ୍ଥାନରେ ତାଙ୍କର କିଛି ୱେବ୍ ଚ୍ୟାନେଲର ପ୍ରତିନିଧିଙ୍କ ସହ ତାଙ୍କର ପୂର୍ବ ଆକ୍ରୋଶରୁ ଯୁକ୍ତିତର୍କ ଆରମ୍ଭ ହୋଇଥିଲା । ଶୁଭଦୀପ ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ହଠାତ୍ ସାଙ୍ଗରେ ଆଣିଥିବା ଭୁଜାଲିରେ ତାଙ୍କୁ ମାରିବାକୁ ଗୋଡାଇଥିଲେ । ସେଠାରେ ଉପସ୍ଥିତ ଥିବା କିଛି ବ୍ୟକ୍ତି ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଶୁଣିନଥିଲେ । ଫଳରେ ଶୁଭଦୀପ ଭୟରେ ଦୌଡିବା ସମୟରେ ଏକ ଦୋକାନ ସମ୍ମୁଖରେ ପଡିଯିବାରୁ ଯୁବକମାନେ ତାଙ୍କୁ ଭୁଜାଲିରେ ଆକ୍ରମଣ କରି ଘୋଷାରି ଘୋଷାରି ତଳେ ଆଣ୍ଠେଇ ଗୋଇଠା ମାରିଥିଲେ । ଶୁଭଦୀପ ନିଜକୁ ବଞ୍ଚାଇବାକୁ ଯାଇ ସେମାନଙ୍କ ନିକଟରେ ହାତଯୋଡି ଗୁହାରି କରିଥିଲେ ମଧ୍ୟ ସେମାନେ ଏଭଳି ହିଂସ୍ର ହୋଇଯାଇଥିଲେ ଯେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ । ତେବେ ଗୁରୁତର ଭାବେ ଶୁଭଦୀପଙ୍କୁ ସ୍ଥାନୀୟ ଲୋକେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ । ଭଦ୍ରକ ବିଧାୟକ ତଥା ଭଣ୍ଡାରିପୋଖରୀ ବିଧାୟକ ପ୍ରାର୍ଥୀ ସଂଜୀବ ମଲ୍ଲିକ ଖବରପାଇ ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଶୁଭଦୀପଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଯାହା ଜଣାଯାଏ କାଉପୁର ପତ୍ନୀ ହତ୍ୟା ଘଟଣାର ଖବର ସଂଗ୍ରହ ବେଳେ ହିଂସାକାଣ୍ଡ ଘଟାଇଥିବା ଯୁବକଙ୍କ ସହ ଶୁଭଦୀପଙ୍କର କଥା କଟାକଟି ହୋଇଥିଲା । ସେହି ରାଗରୁ ସେମାନେ ଏଭଳି ଘଟଣା ଘଟାଇଥିବା ବିଷୟ ଶୁଭଦୀପ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ତେବେ ହିଂସାକାଣ୍ଡ ବେଳର ଦୃଶ୍ୟ କେତେ ଭୟଙ୍କର ଥିଲା, ଯାହା ସିସିଟିଭି ଫୁଟେଜ୍‌ରୁ ଜଣାପଡିଛି । ଏଭଳି ଘଟଣା ପରେ ଭଦ୍ରକ ସହରାଞ୍ଚଳ ଥାନାରେ ଏକ ଅଭିଯୋଗ ଦିଆଯାଇଛି । ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ କିଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉଛି, ତାହା ଦେଖିବାକୁ ବାକି ରହିଲା । ଏହି ଘଟଣାକୁ ଭଦ୍ରକ ଜିଲ୍ଲାର ବହୁ ସାମ୍ବାଦିକ ଘୋର ନିନ୍ଦା କରିଛନ୍ତି ।

# ସର୍ବପୁରାତନ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକର ସର୍ବପୁରାତନ ଅସୁରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ୧୦୫ ବର୍ଷର ଏହି ବ୍ରିଟିଶ ଅମଳର ସ୍ୱାସ୍ଥ୍ୟକେନ୍ଦ୍ର ଅଚଳ ହୋଇପଡିଥିଲେ ମଧ୍ୟ ଏହାର ପ୍ରତିକାର ଦିଗରେ ପ୍ରଶାସନିକ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ପୁରାତନ ବର୍ହି ବିଭାଗ ଗୃହ ମରାମତି କରାଯିବା ନିମନ୍ତେ ୩ ବର୍ଷ ତଳୁ ଭଙ୍ଗା ଯାଇଥିଲା । ମାତ୍ର ଠିକାଦାରଙ୍କ ମନ୍ଥର ଗତିରେ କାର୍ଯ୍ୟ ଓ ପ୍ରଶାସନର ଆନ୍ତରିକତା ଅଭାବରୁ ଆଜି ପର୍ଯ୍ୟନ୍ତ ଏହି କେନ୍ଦ୍ରଟି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିରହିଥିବାର ଅଭିଯୋଗ ହୋଇଛି । ଯାହାଦ୍ୱାରାକି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକ ଗୃହରେ ୩ ବର୍ଷ ହେବ ଗୋଟିଏ ସ୍ଥାନରେ ଡାକ୍ତର ରୋଗୀଙ୍କୁ ଦେଖିବା ସହ ଔଷଧ ଦେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନା ଅଛି ରୋଗୀଙ୍କ ପାଇଁ ଶଯ୍ୟା, ନା ଅଛି ଡାକ୍ତର ବସି ରୋଗୀଙ୍କୁ ଦେଖିବା ପାଇଁ ଉପଯୁକ୍ତ ଗୃହ । ଏଠାରେ ନାମକୁ ମାତ୍ର ଜଣେ ଡାକ୍ତର ନିଯୁକ୍ତି କରାଯାଇଥିଲା ବେଳେ ଦିନ ୧୨ଟା ବାଜିଲା ମାତ୍ରେ ଏଠାରେ କୌଣସି ଡାକ୍ତର କିମ୍ବା କର୍ମଚାରୀଙ୍କୁ ଦେଖିବାକୁ ମିଳେନାହିଁ । ପୁଣି ସେହି ଡାକ୍ତର ଜଣକ ହେଉଛନ୍ତି ଆୟୁଷ ଡାକ୍ତର । କୌଣସି ଜରୁରୀ କାଳୀନ ଦୁର୍ଘଟଣା ଜନିତ ରୋଗୀ ଚିକିତ୍ସା ନିମନ୍ତେ ଆସିଲେ ଡାକ୍ତର ଅଭାବରୁ ନିରାଶରେ ଫେରିବାକୁ ବାଧ୍ୟ ହେଉଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଫାର୍ମାସିଷ୍ଟ ଓ ଷ୍ଟାଫନର୍ସ ସପ୍ତାହରେ ୩ ଦିନ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରୁଥିଲା ବେଳେ ୩ ଦିନ ଏଠାରେ ନାମକୁ ମାତ୍ର କାଗଜ କଲମରେ ରୋଗୀ ସେବା କରିଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚିକିତ୍ସା ନିମନ୍ତେ ସ୍ଥାନୀୟ ସୁକରପଡା, କେଣ୍ଟାଲୋ, ଅସୁରେଶ୍ୱର, କଟିକଟା, ତରତ ସର୍ବୋପରି ଡେରାବିଶ ଜଅଁରା ବାରିମୂଳ ଗ୍ରାମ ପଞ୍ଚାୟତର ଶହ ଶହ ରୋଗୀ ସ୍କୁଲ କଲେଜ ଛାତ୍ର ଛାତ୍ରୀମାନେ ଚିକିତ୍ସା ନିମନ୍ତେ ନିର୍ଭର କରିଥାନ୍ତି । ତେବେ ରାତ୍ରରେ ଏଠାରେ କୌଣସି କର୍ମଚାରୀ କିମ୍ବା ଡାକ୍ତର ରହୁନଥିବା କାରଣରୁ ଜରୁରୀ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀମାନେ ଚିକିତ୍ସା ଅଭାବରୁ ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ଏପରିକି ଏହି ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ମଧ୍ୟ କୌଣସି ଆମ୍ବୁଲାନ୍ସ ବ୍ୟବସ୍ଥା ନାହିଁ । ସ୍ୱାସ୍ଥ୍ୟକେନ୍ଦ୍ର ଚାରିପାଖରେ କୌଣସି ପାଚେରୀ ନଥିବା କାରଣରୁ ଡାକ୍ତରଖାନାରୁ ଏକ ପ୍ରକାଶ ମଦ୍ୟପ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ସେହିପରି ଭାବେ ବହୁ ସମୟରେ ବାହାରର ବୁଲା ଗାଈଗୋରୁ ଛେଳି ମେଣ୍ଢାଙ୍କର ଏହା ଅଭୟାରଣ୍ୟରେ ପରିଣତ ହୋଇଛି । ଏପରିକି ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ଭଡ଼ାସୂତ୍ରରେ ଲାଗିଥିବାର ଅଭିଯୋଗ ହୋଇଛି । ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଇ ଗୃହ ନିର୍ମାଣ କରାଯାଇଥିଲା ବେଳେ ଡାକ୍ତର ଓ କର୍ମଚାରୀ ନଥିବା କାରଣରୁ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଛି । କର୍ମଚାରୀ ନଥିଲା ବେଳେ କୋଟି କୋଟି ଟଙ୍କା ବ୍ୟୟରେ ଗୃହନିର୍ମାଣ କରାଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସେହିପରି ଭାବେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପାନୀୟ ଜଳର ସୁବନ୍ଦୋବସ୍ତ ମଧ୍ୟ ନାହିଁ । ଟୋପାଏ ପାନୀୟ ଜଳ ନିମନ୍ତେ ଲୋକେ ନାହିଁନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥାନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ ନିମନ୍ତେ ସ୍ଥାନୀୟ ଲୋକେ ଏକାଧିକବାର ଦାବିପତ୍ର ଓ ଆପତ୍ତି ଅଭିଯୋଗ କରିଥିଲେ ମଧ୍ୟ ତାହା ପ୍ରଶାସନର ନାଲି ଫାଇଲତଳେ ଚାପି ହୋଇ ରହିଯାଇଛି । ଯନ୍ତ୍ରୀ ଓ ଠିକାଦାରଙ୍କ ଭାଗ୍ୟର ପରିବର୍ତ୍ତନ ଘଟୁଥିଲା ବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ପରିବର୍ତ୍ତନ କଣ ପାଇଁ ହୋଇପାରୁନି ସେଥିନେଇ ସାଧାରଣରେ ବିସ୍ମୟ ସୃଷ୍ଟି ହୋଇଛି । ପ୍ରଶାସନ ତରଫରୁ ତୁରନ୍ତ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମାଧାନ କରାନଗଲେ ଆଗାମୀ ଦିନରେ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି । ତେବେ ବିଭାଗୀୟ ଅଧିକାରୀ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଅବସ୍ଥା ସୁଧାରିବା ଦିଗରେ କେତେଦୂର ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଭବିଷ୍ୟତ ହିଁ କହିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# କୋହଲିଙ୍କୁ ୨୦୨୩ ଆଇସିସି ଦିନିକିଆ ଶ୍ରେଷ୍ଠ ଖେଳାଳି ପୁରସ୍କାର

**ନୂଆଦିଲ୍ଲୀ**



ଭାରତୀୟ କ୍ରିକେଟ ଦଳର ବ୍ୟାଟ୍ସମ୍ୟାନ ବିରାଟ କୋହଲିଙ୍କୁ ୨୦୨୩ ବର୍ଷର ଆଇସିସି ଦିନିକିଆ ଶ୍ରେଷ୍ଠ ଖେଳାଳି (ଆଇସିସି ପ୍ଲେୟାର ଅଫ୍ ଦ ଇୟର ୨୦୨୩) ପୁରସ୍କାର ପ୍ରଦାନ କରାଯାଇଛି । ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଏ ନେଇ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଜାରି କରାଯାଇଛି । ଟି-୨୦ ବିଶ୍ୱକପ୍ ପାଇଁ ବିରାଟ ଏବେ ଭାରତୀୟ ଦଳ ସହିତ ଆମେରିକା ଗସ୍ତରେ ଅଛନ୍ତି । ଚଳିତ ବିଶ୍ୱକପ୍‌ରେ କୋହଲି ଭାରତୀୟ ଦଳର ଅନ୍ୟତମ ପ୍ରମୁଖ ଖେଳାଳି, ଯାହାଙ୍କଠାରୁ ଦଳ ଭଲ ଇନିଂସ ଆଶା ରଖିଛି ।

୨୦୨୩ରେ କୋହଲିଙ୍କ ପ୍ରଦର୍ଶନ ବେଶ୍ ଭଲ ଥିଲା । ସେ ୨୭ଟି ଦିନିକିଆ ଖେଳି ୭୨.୪୭ ହାରରେ ୧୩୭୭ ରନ୍ ସଂଗ୍ରହ କରିଛନ୍ତି । ଏହା ମଧ୍ୟରେ ୬ଟି ଶତକ ଏବଂ ୮ଟି ଅର୍ଦ୍ଧଶତକ ସାମିଲ ରହିଛି । ସେ ଗୋଟିଏ ଇନିଂସରେ ସର୍ବାଧିକ ୧୬୬ ରନ୍ ସଂଗ୍ରହ କରିଥିଲେ । ଗତବର୍ଷ ଏସିଆ କପ୍‌ରେ ଭାରତର ବିଜୟରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ସେ ୯୪ ବଲ୍ ଖେଳି ୧୨୨ ରନ୍ ସଂଗ୍ରହ କରିଥିଲେ । ଏହା ପରେ ଦିନିକିଆ ବିଶ୍ୱକପ୍‌ରେ ବି ସେ ଭଲ ପ୍ରଦର୍ଶନ କରିଥିଲେ । ୧୧ ଇନିଂସରେ ସେ ୭୬୫ ରନ୍ ସଂଗ୍ରହ କରିଥିଲେ । ଦିନିକିଆରେ ତାଙ୍କ ନାମରେ ୫୦ଟି ଶତକ ଏବଂ ୭୨ ଅର୍ଦ୍ଧଶତକ ରହିଛି ।

# ଆଇସିସି ଘୋଷଣା କଲା ଟି-୨୦ ବିଶ୍ୱକପ୍ ପୁରସ୍କାର ରାଶି

**ନ୍ୟୁୟର୍କ**




ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ସୋମବାର ଚଳିତ ଟି୨୦ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି ୧୧.୨୫ ନିୟୁତ ଆମେରିକୀୟ ଡଲାର ଘୋଷଣା କରିଛି । ବିଜେତା ଦଳ ଅତି କମ୍‌ରେ ୨.୪୫ ନିୟୁତ ଡଲାର ପୁରସ୍କାର ରାଶି ପାଇବ ।

ରନର୍ସଅପ୍ ଦଳ ଅତିକମ୍‌ରେ ୧.୨୮ ନିୟୁତ ଆମେରିକୀୟ ଡଲାର ପାଇବାକୁ ଥିବା ବେଳେ ପ୍ରତ୍ୟେକ ପରାଜିତ ସେମିଫାଇନାଲିଷ୍ଟ ପାଇଁ ୭୮୭,୫୦୦ ଡଲାର ବ୍ୟବସ୍ଥା ରହିଛି ।

୨୦୨୨ରେ ପୂର୍ବ ସଂସ୍କରଣରେ ମୋଟ୍ ପୁରସ୍କାର ରାଶି ୫.୬ ନିୟୁତ ଆମେରିକୀୟ ଡଲାର ରହିଥିଲା । ଟାଇଟଲ ବିଜେତା ଇଂଲଣ୍ଡ ୧.୬ ନିୟୁତ ଡଲାର ନେଇଥିଲା । ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ୨୦ଟି ଦଳ ଅଂଶଗ୍ରହଣ କରୁଛନ୍ତି । ବିଜେତା ଦଳ ଟ୍ରଫି ସହ ଅତିକମ୍‌ରେ ୨.୪୫ ନିୟୁତ ଡଲାର ପାଇବେ, ଯାହାକି ଟୁର୍ଣ୍ଣାମେଣ୍ଟ ଇତିହାସରେ ସର୍ବାଧିକ ବୋଲି ଆଇସିସି କହିଛି ।

ଫାଇନାଲ ମ୍ୟାଚ୍ ଜୁନ୍ ୨୯ରେ ବାର୍ବାଡୋସର କେନସିଙ୍ଗଟନ ଓଭାଲଠାରେ ହେବ । ସୁପର-୮ରୁ ବାଦ୍ ପଡ଼ିଥିବା ୪ଦଳ ପ୍ରତ୍ୟେକ ୩୮୨,୫୦୦ ଆମେରିକୀୟ ଡଲାର ଲେଖାଏଁ ପାଇବାକୁ ଥିବା ବେଳେ ୯ମ, ୧୦ମ, ୧୧ଶ, ୧୨ତମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୪୭,୫୦୦ ଆମେରିକୀୟ ଡଲାର ଲେଖାଏଁ ପାଇବେ । ଅଂଶଗ୍ରହଣକାରୀ ଦଳଗୁଡ଼ିକ ମଧ୍ୟରୁ ୧୩ରୁ ୨୦ତମ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ଦଳ ୨୨୫,୦୦୦ ଡଲାର ଲେଖାଏଁ ପାଇବେ ।

ଏହାଛଡ଼ା ସେମିଫାଇନାଲ ଓ ଫାଇନାଲକୁ ଛାଡ଼ି ପ୍ରତିଟି ମ୍ୟାଚ୍‌ରେ ବିଜୟ ପାଇଁ ଦଳକୁ ଅତିରିକ୍ତ ୩୧.୧୫୪ ଆମେରିକୀୟ ଡଲାର ପୁରସ୍କାର ବ୍ୟବସ୍ଥା ରହିଥିବା ଖେଳର ପରିଚାଳନା ପରିଷଦ କହିଛି । ୫୫ ମ୍ୟାଚ୍ ବିଶିଷ୍ଟ ଇଭେଣ୍ଟ ୨୮ ଦିନ ଧରି ୱେଷ୍ଟଇଣ୍ଡିଜ ଓ ୟୁଏସ୍‌ର ୯ଟି ଭେନ୍ୟୁରେ ଖେଳାଯିବ । ଏହା ହେଉଛି ସର୍ବ ବୃହତ୍ ଟି୨୦ ବିଶ୍ୱକପ୍ । ଏଥିରେ ରେକର୍ଡ ୨୦ଟି ଦଳ ଭାଗ ନେଉଛନ୍ତି । ୟୁଏସ୍‌ଏ, କାନାଡ଼ା ଓ ଉଗାଣ୍ଡା ଏଥିରେ ପ୍ରଥମ ଥର ଭାଗନେଉନ୍ତି । ଏହି ବର୍ଷର ଟୁର୍ଣ୍ଣାମେଣ୍ଟରେ ୪୦ଟି ପ୍ରଥମ ରାଉଣ୍ଡ ମ୍ୟାଚ୍ ଖେଳାଯିବ । ଶ୍ରେଷ୍ଠ ୮ ଦଳ ସୁପର ୮କୁ ଉନ୍ନୀତ ହେବେ । ତନ୍ମଧ୍ୟରୁ ଚାରୋଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ । ବାର୍ବାଡୋସରେ ଫାଇନାଲ ପୂର୍ବରୁ ତ୍ରିନିଦାନ ଓ ଟବାଗୋ ଏବଂ ଗୁୟାନାରେ ସେମିଫାଇନାଲ ଅନୁଷ୍ଠିତ ହେବ ।

## ଆଜି ଟି-୨୦ ବିଶ୍ୱକପ୍‌ରେ...

ଆଫଗାନିସ୍ତାନ ସହିତ ଉଗାଣ୍ଡା : ସକାଳ ୬ଟା
ଇଂଲଣ୍ଡ ସହିତ ସ୍କଟଲାଣ୍ଡ : ସନ୍ଧ୍ୟା ୮ଟା
ନେଦର୍ଲାଣ୍ଡସ୍ ସହିତ ନେପାଳ : ରାତି ୯ଟା

# ଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିଜୟୀ ହେବାପାଇଁ ଗୁରୁମନ୍ତ୍ର ଦେଲେ ଯୁବରାଜ



**ନୂଆଦିଲ୍ଲୀ**

ଆଇସିସି ମ୍ୟାନ୍ସ ଟି-୨୦ ବିଶ୍ୱକପ୍-୨୦୨୪ର ଆରମ୍ଭ ହୋଇଯାଇଛି । ଚଳିତଥର ଟି୨୦ ବିଶ୍ୱକପ ୱେଷ୍ଟଇଣ୍ଡିଜ ଓ ୟୁଏସଏରେ ଖେଳାଯିବ । ଏହି କ୍ରମରେ ଟି୨୦ ବିଶ୍ୱକପରେ ଭାରତୀୟ ଦଳ ଉପରେ ସମସ୍ତଙ୍କ ଧ୍ୟାନ ରହିଛି । ସେହିପରି ଭାରତୀୟ ଦଳର ଲକ୍ଷ୍ୟ ଦିତ୍ୱୀୟଥର ଟି୨୦ ବିଶ୍ୱକପରେ କିପରି ବିଜୟୀ ହେବେ ସେଥିପ୍ରତି ରହିଛି ।

ଏହି କ୍ରମରେ ଦେଖିବାକୁ ଗଲେ ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ଯୁବରାଜ ସିଂହ ଟି୨୦ ବିଶ୍ୱକପକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି । ଭାରତ ୨୦୦୭ରେ ପ୍ରଥମ ଟି-୨୦ ବିଶ୍ୱକପ ଜିତିଥିଲା ଯେଉଁଥିରେ ଯୁବରାଜ ଇଂଲଣ୍ଡର ବିରୋଧରେ ଖୁବ୍ ସୁନ୍ଦର ପ୍ରଦର୍ଶନ କରିଥିଲେ ।

ଟି-୨୦ ବିଶ୍ୱକପ୍ ମ୍ୟାଚ୍‌କୁ ନେଇ ଯୁବରାଜଙ୍କୁ ପ୍ରଶ୍ନ କରାଯାଇ ଥିଲା । ଭାରତ ଗତ ଏକ ଦଶକରୁ ଅଧିକ ସମୟ ହେବ ଆଇସିସି ଟ୍ରଫି କାହିଁକି ଜିତି ପାରୁନାହିଁ ?

ଏହାର ଉତ୍ତରରେ ଯୁବରାଜ କହିଥିଲେ, ମୋର ବିଶ୍ୱାସ ବଡ଼ ଟୁର୍ଣ୍ଣାମେଣ୍ଟ ଜିତିବା ପାଇଁ ଆମଦଳର ପ୍ରତ୍ୟେକ ସଦସ୍ୟଙ୍କ ପାଖରେ ଦୃଢ଼ ଆତ୍ମବିଶ୍ୱାସ ରହିଛି । ତେଣୁ ଏହି ଆତ୍ମବିଶ୍ୱାସର ସମ୍ପୂର୍ଣ୍ଣ ଟିମ୍ ଯଦି ନିଜନିଜ କ୍ଷମତା ଅନୁଯାୟୀ ଖେଳିବେ । ତେବେ ନିଶ୍ଚୟ ବିଜୟୀ ହେବେ । ମୁଁ ଭାବୁଛି ଆମ ଦଳ ବିଜୟୀ ହେବାର ଯେଉଁ ଆଶା ରଖିଛି ଚଳିତ ଥର ତାହା ନିଶ୍ଚୟ ପୂରା ହେବ ।

# କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କଲେ କେଦାର ଯାଦବ




**ନୂଆଦିଲ୍ଲୀ**

ଅଜବ ବୋଲିଂ ଆକ୍ସନକୁ ନେଇ ପରିଚିତ ଭାରତୀୟ ଅଲରାଉଣ୍ଡର କେଦାର ଯାଦବ କ୍ରିକେଟର ସମସ୍ତ ଫର୍ମାଟରୁ ସନ୍ନ୍ୟାସ ଘୋଷଣା କରିଛନ୍ତି । ୨୦୧୪ରେ ଶ୍ରୀଲଙ୍କା ବିପକ୍ଷରେ ଡେବ୍ୟୁ କରିଥିଲେ । ସେ ଏଯାବତ୍ ଭାରତ ପାଇଁ ୭୩ ଦିନିକିଆ ଏବଂ ୯ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ କ୍ରମଶଃ ୧୩୮୯ ଏବଂ ୧୨୨ ରନ୍ କରିଥିଲେ । ଏବେ ସେ ଧୋନୀଙ୍କ ଷ୍ଟାଇଲ୍‌ରେ ନିଜର ସନ୍ନ୍ୟାସ ଘୋଷଣା କରିଛନ୍ତି । ସେ ନିଜର ସମସ୍ତ ସାଥୀ ଖେଳାଳିଙ୍କୁ ଧନ୍ୟବାଦ ଜଣାଇ ଲେଖିଛନ୍ତି, ମୋର ୧୫୦୦ ଘଣ୍ଟାର ଦୀର୍ଘ କ୍ୟାରିୟରରେ ଭଲପାଇବା ଏବଂ ସମର୍ଥନ ଦେବା ପାଇଁ ଆପଣ ସମସ୍ତଙ୍କୁ ଧନ୍ୟବାଦ । ମୋତେ ଏବେ କ୍ରିକେଟର ସମସ୍ତ ଫର୍ମାଟରୁ ଅବସରପ୍ରାପ୍ତ ବୋଲି ଧରିନିଅନ୍ତୁ । ତେବେ ସେ ଆଇପିଏଲ୍‌ରେ ଧୋନୀଙ୍କ ଅଧିନାୟକତ୍ୱରେ ସିଏସ୍‌କେ ପାଇଁ ଖେଳିଛନ୍ତି ।

ଆଇପିଏଲ୍‌ରେ ଗୋଟିଏ କିମ୍ବା ଦୁଇଟି ନୁହନ୍ତି ବରଂ ୪ ଟିମ୍ ପାଇଁ ଖେଳିଥିଲେ କେଦାର । ସେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଆଇପିଏଲ୍ ଖେଳିଛନ୍ତି । ଯାଦବଙ୍କ ଆଇପିଏଲ୍ କ୍ୟାରିୟର ବିଷୟରେ କହିଲେ ସେ ୯୫ ମ୍ୟାଚ୍‌ର ୮୧ ଇନିଂସରେ ୧୨୦୮ ରନ୍ କରିଛନ୍ତି, ଯେଉଁଥିରେ ତାଙ୍କର ୪ ଅର୍ଦ୍ଧଶତକ ରହିଛି । ଶେଷ ଥର ପାଇଁ ଆଇପିଏଲ୍‌ରେ ସେ ଆରସିବି ପକ୍ଷରୁ ଖେଳିଥିଲେ ।

ଘରୋଇ କ୍ରିକେଟରେ ଯାଦବଙ୍କ ପ୍ରଦର୍ଶନ ବେଶ୍ ଭଲ ରହିଥିଲା । ସେ ୮୭ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ୬୦୦୦ ରନ୍ କରିଛନ୍ତି । ଏଥିରେ ୧୭ ଶତକ ଏବଂ ୨୩ ଅର୍ଦ୍ଧଶତକ ରହିଥିଲା ।

# ରୋହିତ, ବିରାଟ, ସୂର୍ଯ୍ୟକୁମାର ଯାଦବ ଟିମ୍‌କୁ ପଙ୍ଗୁ କରି ଦିଅନ୍ତି : ଇରଫାନ ପଠାନ

**ନୂଆଦିଲ୍ଲୀ**



ଚଳିତ ଆଇସିସି ଟି-୨୦ ବିଶ୍ୱକପ୍‌ରେ ୫ ତାରିଖରୁ ତା'ର ଅଭିଯାନ ଆରମ୍ଭ କରିବ ଭାରତ । ପ୍ରଥମ ମ୍ୟାଚ୍‌ରେ ଦଳ ଆୟରଲ୍ୟାଣ୍ଡକୁ ଭେଟିବ । ତେବେ ତା'ପୂର୍ବରୁ ଟିମ୍ ଇଣ୍ଡିଆର ଚୂଡ଼ାନ୍ତ ଏକାଦଶ ବା ପ୍ଲେଇଂ ଇଲେଭେନ୍‌ରେ କେଉଁ ଖେଳାଳିଙ୍କୁ ସାମିଲ କରାଯିବା ଦରକାର, ତାକୁ ନେଇ ତର୍କ-ବିତର୍କ ଆରମ୍ଭ ହୋଇଛି । ଏହି କ୍ରମରେ ଚର୍ଚ୍ଚାରେ ରହିଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଲ୍-ରାଉଣ୍ଡର ଇରଫାନ ପଠାନ । ସେ କହିଛନ୍ତି ଯେ ପ୍ଲେଇଂ ଇଲେଭେନ୍‌ରେ ଅଧିକ ବୋଲିଂ ବିକଳ୍ପ ରହିବା ଉଚିତ୍ । କାରଣ ରୋହିତ ଶର୍ମା, ବିରାଟ କୋହଲି ଓ ସୂର୍ଯ୍ୟ କୁମାର ଯାଦବ ବୋଲିଂ କରନ୍ତି ନାହିଁ ଏବଂ ସେମାନେ ଟିମ୍‌କୁ ପଙ୍ଗୁ କରି ଦିଅନ୍ତି ।

ଇରଫାନ ପଠାନ କହିଛନ୍ତି, ଯେଉଁ ଟିମ୍ ଚୟନ କରାଯାଇଛି, ତାକୁ ନେଇ ଦୁଇଟି କମ୍ବିନେସନରେ ଖେଳାଯାଇପାରିବ । ଗୋଟିଏରେ ୬ ଜଣ ବୋଲରଙ୍କୁ ଚୂଡ଼ାନ୍ତ ଏକାଦଶରେ ସାମିଲ କରିବାକୁ ପଡ଼ିବ । ଆଉ ସେମାନଙ୍କ ମଧ୍ୟରେ ଅକ୍ଷର ପଟେଲଙ୍କୁ ରଖିବାକୁ ହେବ । ତାଙ୍କୁ ରଖିଲେ ବ୍ୟାଟିଂ ଲାଇନ ଦୃଢ଼ ହୋଇଯିବ । ଆଉ ଗୋଟିଏ କମ୍ବିନେସନ ହେଉଛି- ୪ ଜଣ ଫ୍ରଣ୍ଟ ଲାଇନ ବୋଲରଙ୍କୁ ନେଇ ଦଳ ଖେଳି ପାରିବ । ଶିବମ ଦୁବେ ଓ ହାର୍ଦ୍ଦିକ ପାଣ୍ଡ୍ୟା ବୋଲିଂ କରିବେ । ଟିମ୍ ଇଣ୍ଡିଆ ପାଖରେ ଅନ୍ୟ ଏକ ବିକଳ୍ପ ମଧ୍ୟ ରହିଛି । ସେ ହେଉଛନ୍ତି ଯଶସ୍ୱୀ ଜୈସାଲ । ସେ ନେଟ୍‌ସରେ ବୋଲିଂ କରନ୍ତି କିନ୍ତୁ ମ୍ୟାଚ୍‌ରେ ବୋଲିଂ କରନ୍ତି ନାହିଁ । ଶିବମ ଦୁବେ ମଧ୍ୟ ଆଇପିଏଲ ବେଳେ କହିଥିଲେ ଯେ ସେ ନିୟମିତ ଭାବେ ନେଟ୍‌ସରେ ବୋଲିଂ କରନ୍ତି । ବିଶ୍ୱକପ୍‌ରେ ଦୁଇରୁ ତିନି ଓଭର ବୋଲିଂ କରିବା ଲକ୍ଷ୍ୟରେ ସେ ନିୟମିତ ନେଟ୍‌ସରେ ବୋଲିଂ ଅଭ୍ୟାସ କରୁଥିଲେ ବୋଲି କହିଥିଲେ ।

ସେ ଆହୁରି କହିଛନ୍ତି, ଯଦି ହାର୍ଦ୍ଦିକ ତିନିରୁ ଚାରି ଓଭରର ବୋଲିଂ ବିକଳ୍ପ ଦିଅନ୍ତି, ତା'ହେଲେ ବହୁ ମାତ୍ରାରେ ସମସ୍ୟାର ସମାଧାନ ହୋଇଯିବ । ଆମର ଅନ୍ୟ ବ୍ୟାଟ୍‌ସମ୍ୟାନ, ଯେମିତିକି- ରୋହିତ, ବିରାଟ ଅବା ସୂର୍ଯ୍ୟ କୁମାର ଯାଦବ ବୋଲିଂ କରିପାରିବେ ନାହିଁ, ଯାହା ଆମକୁ ଏକ ପ୍ରକାର ପଙ୍ଗୁ କରି ଦିଏ । ଯଦି ଏହି ଖେଳାଳିମାନଙ୍କ ମଧ୍ୟରୁ କେହି ବୋଲିଂ କରିପାରୁଥାନ୍ତେ, ତା'ହେଲେ ଟିମ୍ ପାଇଁ ବହୁତ ଲାଭ ହୋଇଥାଆନ୍ତା । ଆମେ ଅଷ୍ଟ୍ରେଲିଆ କଥା କହୁ, କିନ୍ତୁ ଇଂଲଣ୍ଡରେ ଟପ୍ ୭ ଖେଳାଳିଙ୍କ ମଧ୍ୟରେ ବି ଅନେକ ଅଲ୍-ରାଉଣ୍ଡର ଥାଆନ୍ତି । ଅଧିକ ବୋଲିଂ ବିକଳ୍ପ ରଖିବା ସବୁବେଳେ ଭଲ । ଏବକାର ସ୍ଥିତିରେ ଆମେ ନିଶ୍ଚିତ ଭାବେ ପଙ୍ଗୁ ।

# ଟି-୨୦ ବିଶ୍ୱକପ୍‌ରେ ଇତିହାସ ରଚିଲେ ନାମିବ୍ୟା ବୋଲର

**ନ୍ୟୁୟର୍କ**




ଓମାନ ବିପକ୍ଷ ମ୍ୟାଚ୍‌ରେ ନାମିବ୍ୟାର ବୋଲର ରୁବେନ ଟ୍ରମ୍ପେଲମ୍ୟାନ ଇତିହାସ ରଚିଛନ୍ତି । ଟି-୨୦ ବିଶ୍ୱକପ୍‌ର ତୃତୀୟ ମ୍ୟାଚ୍‌ରେ ଓମାନ ପ୍ରଥମେ ବ୍ୟାଟିଂ କରି ୧୧୦ ରନ ସଂଗ୍ରହ କରିଥିଲା । ନାମିବ୍ୟାର ବୋଲର ରୁବେନ ଟ୍ରମ୍ପେଲମ୍ୟାନ ଚମତ୍କାର ବୋଲିଂ କରି ୪ ୱିକେଟ ନେବାରେ ସଫଳ ହୋଇଥିଲେ । ମ୍ୟାଚ୍‌ରେ ନାମିବ୍ୟା ପାଇଁ ବୋଲିଂ କରିଥିଲେ । ଇନିଂସର ପ୍ରଥମ ଓଭରର ପ୍ରଥମ ଦୁଇଟି ବଲରେ ୱିକେଟ ନେଇ ଧମାକା ହୋଇଥିଲା । ରୁବେନ ଟ୍ରମ୍ପେଲମ୍ୟାନ ପ୍ରଥମେ କାଶ୍ୟପ ପ୍ରଜାପତି (୦) ଏବଂ ପରେ ଓମାନ ଅଧିନାୟକ ଆକିବ ଇଲିୟାସଙ୍କୁ ଆଉଟ୍ କରି ନିଜର ଚମତ୍କାର ବୋଲିଂ ପ୍ରଦର୍ଶନ କରିଥିଲେ ।

ଏଥି ସହିତ ଯଦିଓ ଟ୍ରମ୍ପେଲମ୍ୟାନ ତୃତୀୟ ବଲରେ ୱିକେଟ ନେଇପାରି ନ ଥିଲେ ଏବଂ ହ୍ୟାଟ୍ରିକ ୱିକେଟ ନେବାକୁ ବଞ୍ଚିତ ହୋଇଥିଲେ ହେଁ ବୋଲିଂ ସମୟରେ ଇତିହାସ ସୃଷ୍ଟି କରିଥିଲେ ।

ବିଶ୍ୱକପ ମ୍ୟାଚ୍‌ରେ ଦୁଇଥର ଇନିଂସର ପ୍ରଥମ ବଲରେ ୱିକେଟ ନେଇ ରେକର୍ଡ ରଖିଥିବା ଟ୍ରମ୍ପେଲମ୍ୟାନ ବିଶ୍ୱ କ୍ରିକେଟର ପ୍ରଥମ ବୋଲର ହୋଇଛନ୍ତି । ଏହାପୂର୍ବରୁ ଏହି ନାମିବ୍ୟା ବୋଲର ସ୍କଟଲ୍ୟାଣ୍ଡ ବିପକ୍ଷରେ ୨୦୨୧ ଟି-୨୦ ବିଶ୍ୱକପ ମ୍ୟାଚ୍‌ରେ ଏଭଳି ସଫଳତା ହାସଲ କରିଥିଲେ । ଏଥି ସହିତ ଟ୍ରମ୍ପେଲମ୍ୟାନ ମଧ୍ୟ ବିଶ୍ୱର ପ୍ରଥମ ବୋଲର ଭାବେ ପୁରୁଷ ଟି-୨୦ରେ ପ୍ରଥମ ବଲରେ ୱିକେଟ ନେଇ ରେକର୍ଡ କରିଛନ୍ତି ।

# ୧୨ ବର୍ଷ ପରେ ଟି-୨୦ ବିଶ୍ୱକପ୍‌ରେ ଖେଳାଗଲା ତୃତୀୟ ସୁପର ଓଭର

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ଇତିହାସରେ ଏପର୍ଯ୍ୟନ୍ତ ୩ଟି ସୁପର ଓଭର ମ୍ୟାଚ୍ ହୋଇଛି । ତୃତୀୟ ସୁପର ଓଭର ଟି-୨୦ ବିଶ୍ୱକପ ୨୦୨୪ରେ ହୋଇଛି । ଏଥିରେ ନାମିବ୍ୟା ଓମାନକୁ ସୁପର ଓଭରରେ ପରାସ୍ତ କରିଥିଲା । ୧୨ ବର୍ଷ ପରେ ଟି-୨୦ ବିଶ୍ୱକପରେ ସୁପର ଓଭର ଘଟିଛି । ଶେଷ ସୁପର ଓଭର ୨୦୧୨ରେ ଖେଳାଯାଇଥିଲା । ନ୍ୟୁଜିଲାଣ୍ଡ ଦଳ ହେଉଛି ଏକମାତ୍ର ଦଳ, ଯିଏକି ଟି-୨୦ ବିଶ୍ୱକପରେ ଦୁଇଟି ସୁପର ଓଭର ମ୍ୟାଚ୍ ଖେଳିଛନ୍ତି ଏବଂ ଉଭୟ ଥର ପରାଜୟର ସାମ୍ନା କରିବାକୁ ପଡ଼ିଛି ।

ଟି-୨୦ ବିଶ୍ୱକପରେ ପ୍ରଥମ ସୁପର ଓଭର ୨୭ ସେପ୍ଟେମ୍ବର ୨୦୧୨ରେ ନ୍ୟୁଜିଲାଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରି ୧୭୪ ରନ ସଂଗ୍ରହ କରିଥିଲା । ଏହା ପରେ ଶ୍ରୀଲଙ୍କା ମଧ୍ୟ ବ୍ୟାଟିଂ ବେଳେ ୧୭୪ ରନ ସଂଗ୍ରହ କରିଥିଲା । ତା'ପରେ ମ୍ୟାଚ୍ ସୁପର ଓଭରରେ ହେଲା । ଶ୍ରୀଲଙ୍କା ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରି ୧୩ ରନ ସ୍କୋର କରିଥିଲା ଏବଂ ଜିତିବା ପାଇଁ କି ଦଳକୁ ୧୪ ରନ ଲକ୍ଷ୍ୟ ଦେଇଥିଲା । ନ୍ୟୁଜିଲାଣ୍ଡ ଦଳ ସୁପର ଓଭରରେ ମାତ୍ର ୭ ରନ ସ୍କୋର କରିପାରିଥିଲା ।

ଏହା ପରେ ଦ୍ୱିତୀୟ ସୁପର ଓଭର ମଧ୍ୟ ଟି-୨୦ ବିଶ୍ୱକପ ୨୦୧୨ରେ ଘଟିଥିଲା । ତା'ପରେ ୱେଷ୍ଟଇଣ୍ଡିଜ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ପ୍ରଥମେ ବ୍ୟାଟିଂ କରି ୧୩୯ ରନ ସ୍କୋର କରିଥିଲା । ତା'ପରେ ନ୍ୟୁଜିଲାଣ୍ଡ ମଧ୍ୟ ୧୩୯ ରନ ସ୍କୋର କରିଥିଲା । ସୁପର ଓଭରରେ ନ୍ୟୁଜିଲାଣ୍ଡ ପାଇଁ ରସ୍ ଟେଲର ଭଲ ପ୍ରଦର୍ଶନ କରିଥିଲେ । ତାଙ୍କ ଯୋଗୁ କି ଦଳ ସୁପର ଓଭରରେ ୧୭ ରନ ସ୍କୋର କରିବାରେ ସଫଳ ହୋଇଥିଲା । ଏବଂ ୱେଷ୍ଟଇଣ୍ଡିଜ ଜିତିବା ପାଇଁ ୧୮ ରନ ଲକ୍ଷ୍ୟ ହାସଲ କରିଥିଲା । ଏହା ପରେ ୱେଷ୍ଟଇଣ୍ଡିଜ ଗୋଟିଏ ଓଭରରେ ୧୯ ରନ ସ୍କୋର କରି ମ୍ୟାଚ୍ ଜିତିଥିଲା । ଟି-୨୦ ବିଶ୍ୱକପରେ ନ୍ୟୁଜିଲାଣ୍ଡ ଦୁଇଟି ସୁପର ଓଭର ଖେଳିଥିଲା ଏବଂ ଦଳକୁ ଉଭୟ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା ।

ନାମିବ୍ୟା ଏବଂ ଓମାନ ମଧ୍ୟରେ ଟି-୨୦ ବିଶ୍ୱକପ ଇତିହାସରେ ତୃତୀୟ ସୁପର ଓଭର ଖେଳାଯାଇଥିଲା । ଏହି ମ୍ୟାଚ୍‌ରେ ଓମାନ ଦଳ ପ୍ରଥମେ ବ୍ୟାଟିଂ କରି ୧୦୯ ରନ ସଂଗ୍ରହ କରିଥିଲା । ଲାଗୁଥିଲା ଯେ ନାମିବ୍ୟା ଦଳ ସହଜରେ ମ୍ୟାଚ୍ ଜିତିବ । କିନ୍ତୁ ଓମାନ କଡ଼ା ମୁକାବିଲା କରିଥିଲେ ଏବଂ ନାମିବ୍ୟା ଦଳ ମଧ୍ୟ ମାତ୍ର ୧୦୯ ରନ ସ୍କୋର କରିପାରିଥିଲା ।

ଏହା ପରେ ସୁପର ଓଭରରେ ନାମିବ୍ୟା ଦଳ ପ୍ରଥମେ ବ୍ୟାଟିଂ କରି ୨୧ ରନ ସଂଗ୍ରହ କରିଥିଲା । ତା'ପରେ ନାମିବ୍ୟା ବୋଲର ଡେଭିଡ୍ ସୁପର ଓଭରରେ ଭଲ ବୋଲିଂ କରିଥିଲେ, ଯେଉଁ କାରଣରୁ ଓମାନ ଦଳ ମାତ୍ର ୧୦ ରନ ସ୍କୋର କରିପାରିଥିଲା । ଏହିପରି ନାମିବ୍ୟା ଦଳ ସୁପର ଓଭରରେ ମ୍ୟାଚ୍ ଜିତିଥିଲା ।

# ଛାଡ଼ପତ୍ର ନେଇ ମୁଁହ ଖୋଲିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ନ୍ୟୁୟର୍କ**

ଆଜିକାଲି ହାର୍ଦ୍ଦିକ ପାଣ୍ଡ୍ୟା ଅନେକ ଚର୍ଚ୍ଚାରେ ଅଛନ୍ତି । ଗୋଟିଏ ପଟେ ଆଇପିଏଲରେ ତାଙ୍କର ପ୍ରଦର୍ଶନ ଖରାପ ଥିଲା, ଅନ୍ୟ ପଟେ ତାଙ୍କ ସ୍ତ୍ରୀ ନତାଶା ଷ୍ଟାନ୍‌କୋଭିକ୍‌ଙ୍କ ସହ ଛାଡ଼ପତ୍ର ହେବାର ଖବର ସୋସିଆଲ ମିଡିଆରେ ଅନେକ ଆଲୋଡ଼ନ ସୃଷ୍ଟି କରିଛି । ତେବେ ହାର୍ଦ୍ଦିକ ଏବଂ ନତାଶା (ହାର୍ଦ୍ଦିକ ପାଣ୍ଡ୍ୟା ସ୍ତ୍ରୀ ନତାଶା ଷ୍ଟାନକୋଭିକ) ଏହି ଚର୍ଚ୍ଚାକୁ ଖୋଲାଖୋଲି ପ୍ରତିକ୍ରିୟା କରିନାହାନ୍ତି । ଏଥି ସହିତ ହାର୍ଦ୍ଦିକ ଟି-୨୦ ବିଶ୍ୱକପ ଖେଳିବାକୁ ଆମେରିକା ଆସିଛନ୍ତି । ବାଂଲାଦେଶ ବିପକ୍ଷ ୱାର୍ମ ଅପ୍ ମ୍ୟାଚ୍‌ରେ ହାର୍ଦ୍ଦିକ ପୁଣିଥରେ ବ୍ୟାଟିଂ କରି ପ୍ରଶଂସକଙ୍କ ହୃଦୟ ଜିତିଥିଲେ । ବାଂଲାଦେଶ ବିପକ୍ଷ ମ୍ୟାଚ୍‌ରେ ହାର୍ଦ୍ଦିକ ୨୩ଟି ବଲରେ ୪୦ ରନର ଅପରାଜିତ ଇନିଂସ ଖେଳିଥିଲେ । ଏଥିସହିତ ହାର୍ଦ୍ଦିକ ତାଙ୍କ କଷ୍ଟଦାୟକ ସମୟ ବିଷୟରେ କହିଛନ୍ତି, ମୁଁ ବିଶ୍ୱାସ କରେ ଯେ ଶେଷରେ ଆପଣଙ୍କୁ ଯୁଦ୍ଧରେ ରହିବାକୁ ପଡ଼ିବ, ବେଳେବେଳେ ଜୀବନ ଆପଣଙ୍କୁ ଏପରି ପରିସ୍ଥିତିରେ ରଖେ ଯେଉଁଠାରେ ଜିତିବା କଷ୍ଟକର । କିନ୍ତୁ ମୁଁ ବିଶ୍ୱାସ କରେ ଯେ ଯଦି ଆପଣ ଖେଳ କିମ୍ବା କ୍ଷେତ୍ର ଛାଡ଼ି ଯାଆନ୍ତି, ତେବେ ଆପଣ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିବେ ନାହିଁ । ତେଣୁ ଯୁଦ୍ଧ କର ।

ପାଣ୍ଡ୍ୟା ଆହୁରି କହିଛନ୍ତି, ହଁ ଏହା ମୋ ପାଇଁ କଷ୍ଟସାଧ୍ୟ ହୋଇଛି । କିନ୍ତୁ ସେହି ସମୟରେ ମୁଁ ଏହି ପ୍ରକ୍ରିୟା ଦ୍ୱାରା ଉତ୍ସାହିତ ହୋଇସାରିଛି । ମୁଁ ପୂର୍ବରୁ ଅନୁସରଣ କରିଆସୁଥିବା ସମାନ ରୁଟିନ ଅନୁସରଣ କରିବାକୁ ଚେଷ୍ଟା କରିଛି । ଗୀବନରେ ଖରାପ ପର୍ଯ୍ୟାୟ ଯାହା ଆସେ ଏବଂ ଯାଏ ମୁଁ ଅନେକ ଥର ଏହା ଦେଇ ଗତି କରିଛି ଏବେ ମୁଁ ମଧ୍ୟ ନିଶ୍ଚିନ୍ତ ଏଥିରୁ ବାହାରି ଆସିବି । ହାର୍ଦ୍ଦିକ ଏହା ମଧ୍ୟ କହିଛନ୍ତି, ସଫଳତାରେ ମୁଁ ବେଶି ଖୁସି ହୁଏ ନାହିଁ ଏବଂ ବିଫଳତା ମଧ୍ୟ ମୋତେ ଅଧିକ ପ୍ରଭାବିତ କରେ ନାହିଁ । ମୁଁ ଯାହା ଭଲ କରିଛି, ମୁଁ ସଙ୍ଗେ ସଙ୍ଗେ ଏହାକୁ ଭୁଲିଯାଏ ଏବଂ ଆଗକୁ ବଢ଼େ ।

# ବ୍ରହ୍ମପୁର ବଜାରରେ ଏବେ ପଶ୍ଚିମବଙ୍ଗର ଲିଚୁ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ଗ୍ରୀଷ୍ମ ପ୍ରଭାବ ଜାରି ରହିଛି । ଏହି ସମୟରେ ରେଶମ ସହରରେ କିଛି ଦିନ ହେବ ପ୍ରବେଶ କରିଛି ଖରାଦିନିଆ ଫଳ ଲିଚୁ । ନୂଆ ନୂଆ ବଜାରକୁ ଆସିଥିବାରୁ ଲିଚୁ ଚାହିଦା ଓ ଦର ଉଭୟ ଉଚ୍ଚରେ ରହିଛି । ବ୍ରହ୍ମପୁର ବଜାରରେ ବିକ୍ରି ହେଉଥିବା ଲିଚୁ ମୁଖ୍ୟତଃ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ବିହାର ଓ ଉତ୍ତର ପ୍ରଦେଶରୁ ଆମଦାନୀ ହୋଇଥାଏ । ଏହା ସହ ଓଡ଼ିଶାର ଫୁଲବାଣୀ, ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଓ ଦେବଗଡ଼ ଜିଲ୍ଲାରେ ଉତ୍ପାଦିତ ଲିଚୁ ମଧ୍ୟ ବ୍ରହ୍ମପୁର ବଜାରରେ ଉପଲବ୍ଧ ହୋଇଥାଏ । ଓଡ଼ିଶା ଲିଚୁ ଅପେକ୍ଷା ପଶ୍ଚିମବଙ୍ଗ ଲିଚୁ ଦେଖିବାକୁ ଆକର୍ଷଣୀୟ ଓ ଅଧିକ ସ୍ୱାଦଯୁକ୍ତ ହୋଇଥିବାରୁ ଏହାର ଚାହିଦା ଓ ମୂଲ୍ୟ ସାମାନ୍ୟ ଉଚ୍ଚ ରହିଥାଏ । ବର୍ତ୍ତମାନ ବଜାରରେ ମିଳୁଥିବା ପଶ୍ଚିମବଙ୍ଗ ଲିଚୁ କେଜି ପିଛା ୨ଶହ ଟଙ୍କା ରହିଛି । ଫୁଲବାଣୀ ଓ ସମ୍ବଲପୁର ଲିଚୁ ଅଧିକ ପରିମାଣରେ ବଜାରକୁ ଆସି ନ ଥିବାରୁ ଦର ସାମାନ୍ୟ ଉଚ୍ଚ ରହିଥିବା ଲିଚୁ ବ୍ୟବସାୟୀ କହିଛନ୍ତି । ବ୍ରହ୍ମପୁରର ବଡ଼ବଜାର, ସାନବଜାର ଛକ, ଖଲ୍ଲିକୋଟ କଲେଜ ଛକ, ଅନ୍ନପୂର୍ଣ୍ଣା ବଜାର, ଚର୍ଚ୍ଚ ରୋଡ୍ ସମେତ ରାସ୍ତାକଡ଼ ବିଭିନ୍ନ ଫଳ ଦୋକାନରେ ଏବେ ବିକ୍ରି ହେଉଛି ଏହି ଖରାଦିନିଆ ସୁସ୍ୱାଦୁ ଫଳ । ହେଲେ ଗତ ବର୍ଷ ଅପେକ୍ଷା ଖୁଚୁରା ଦର ଉଚ୍ଚ ଥିବାରୁ ଲିଚୁ ବିକ୍ରି କମ୍ ରହିଛି । ଦୈନିକ ଜଣେ ବ୍ୟବସାୟୀ ୧୦ ରୁ ୨୦ କେଜି ବିକ୍ରି କରିବାରେ ସଫଳ ହେଉଛନ୍ତି । ଲିଚୁ ଦରବୃଦ୍ଧି ଯୋଗୁଁ ଗ୍ରାହକ କିଣିବାକୁ ପଛଘୁଞ୍ଚା ଦେଉଥିବା ବେପାରୀମାନେ କହିଛନ୍ତି ।

# ଜଳ ବିଭାଜିକା ପିଡିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**



କେନ୍ଦୁଝର ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ କୁମାର ମଲ୍ଲିକ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ୩୬ ବର୍ଷର ସରକାରୀ କାର୍ଯ୍ୟ ମଧ୍ୟରେ ସେ ନୂଆପଡ଼ା, ବରଗଡ଼, କଳାହାଣ୍ଡି, ରାୟଗଡ଼ା, ଗଜପତି ଏବଂ କେନ୍ଦୁଝର ଜିଲ୍ଲାରେ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ବେଶ୍ ପ୍ରଶଂସିତ ହୋଇଥିଲେ । ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ, କେନ୍ଦୁଝର ପ୍ରଦୀପ କୁମାର ରାଉତଙ୍କ ସଭାପତିତ୍ୱରେ ଶୁକ୍ରବାର କାର୍ଯ୍ୟାଳୟ ପରିସରରେ ତାଙ୍କୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ନୂତନ ଭାବରେ ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଥିବା ମୟୂରଭଞ୍ଜ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଶିବଚରଣ ଜେଠୀ, ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ସୌମେନ୍ଦ୍ର ନାରାୟଣ ପାଣିଗ୍ରାହୀ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଚିନ୍ତାମଣୀ ଜେନା, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ବନମାଳୀ ପାତ୍ର, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଦିପ୍ତୀମୟୀ ଦାସ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଅଶେଷ କୁମାର ଦାଶ ପ୍ରମୁଖ ଯୋଗଦେଇ ଶ୍ରୀ ମଲ୍ଲିକଙ୍କ କର୍ତ୍ତବ୍ୟ ନିଷ୍ଠା, ବ୍ୟକ୍ତିତ୍ୱ, ସମସ୍ତଙ୍କୁ ଭଲ ପାଇବା, ଉତ୍ତମ ବ୍ୟବହାର, ଉଲ୍ଲେଖନୀୟ ସେବା ଓ କାର୍ଯ୍ୟ କରିବାର ଶୈଳୀକୁ ପ୍ରଶଂସା କରି ତାଙ୍କର ବ୍ୟକ୍ତିତ୍ୱ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଥିଲେ । ଜଣେ କର୍ତ୍ତବ୍ୟନିଷ୍ଠ ଏବଂ ସରକାରୀ କାର୍ଯ୍ୟରେ ଅଙ୍ଗୀକାର କର୍ମଚାରୀ ଭାବେ ତାଙ୍କର ବିଭାଗରେ ସୁନାମ ରହିଥିବା ସହ ସମସ୍ତ କର୍ମଚାରୀ ଏବଂ ଜନସାଧାରଣଙ୍କ ମିଷ୍ଟଭାଷୀ ବ୍ୟବହାର ପାଇଁ ଶ୍ରୀ ମଲ୍ଲିକ ପ୍ରିୟପାତ୍ର ହୋଇ ପାରିଥିଲେ । ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ସହକାରୀ ଯନ୍ତ୍ରୀ ଇଂ ଶିବାନୀ ମହାରଣା, ମୁଖ୍ୟ କିରାଣୀ ଶ୍ୟାମ ସୁନ୍ଦର ସି, କନିଷ୍ଠ କିରାଣୀ କିଚେନ୍ଦ୍ର ରାଉତ ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରି ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରି ସୁଖମୟ ଅବସର ଜୀବନ କାମନା କରିଥିଲେ ।

# କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଅବସର ଗ୍ରହଣ

**କଟକ, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ରଞ୍ଜନ କୁମାର ଦାସ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସଭାଗୃହରେ ଏକ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରି ଉପବିଭାଗୀୟ ଅଧିକାରୀ ପ୍ରମୋଦ କୁମାର ଓଝା ଆରଡିସିଙ୍କ ପ୍ରଶାସନିକ ଦକ୍ଷତା ଉପରେ ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ । ଆରଡିସି ଶ୍ରୀ ଦାସ ତାଙ୍କର କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ପଦମଣ୍ଡନ ସମୟର ଅନେକ ଅନୁଭୂତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପ୍ରଶାସନ କିପରି ଲୋକାଭିମୁଖୀ ହୋଇପାରିବ ସେଥିପାଇଁ ପରାମର୍ଶମୂଳକ ପ୍ରେରଣା ଦେଇଥିଲେ । ଏହି ଅବସରକାଳୀନ ସଭାରେ ଆୟୁକ୍ତଙ୍କ ସଚିବ ତୁଷାରକାନ୍ତ ମହାନ୍ତି, ଅତିରିକ୍ତ ସଚିବ ଆଶୁତୋଷ ସାମଲ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଦିଲୀପ ଦାସ, ଯୁଗ୍ମ ନିର୍ଦ୍ଦେଶକ ପଦ୍ମଚରଣ ନାୟକ, ପ୍ରଶାସନିକ ଅଧିକାରିଣୀ ଅଞ୍ଜଳି ରାୟତରାୟ ଏବଂ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ । ବରିଷ୍ଠ ସହାୟକ ବିଦେଶୀ କୁମାର ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।



# ଗୋଷ୍ଠୀ ଶୌଚାଳୟ ଅଚଳ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ବୌଦ୍ଧ ବ୍ଲକ୍ ମୁଣ୍ଡାପଡ଼ା ପଞ୍ଚାୟତ ଅନ୍ତର୍ଗତ କମିରା ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା ପାଇଁ କମିରା ଛକ ନିକଟରେ ୨୦୨୧ ମସିହାରେ ୫ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ଅଟକଳରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି । ଏଠାରେ ପୁରୁଷ, ମହିଳା ଓ ଦିବ୍ୟାଙ୍ଗଙ୍କ ପାଇଁ ବ୍ୟବସ୍ଥା ରହିଛି । ଏହାକୁ ୧୮.୧୧.୨୦୨୧ ତାରିଖ ଦିନ ସ୍ଥାନୀୟ ସରପଞ୍ଚ ମଧ୍ୟ ଉଦଘାଟନ କରିଥିଲେ । ଉଦଘାଟନ ପରେ କିଛିଦିନ ଲୋକ ବ୍ୟବହାର କଲେ । ଏହା ପରେ ଶୌଚାଳୟ ଅଚଳ ହୋଇପଡିଛି । ବର୍ତ୍ତମାନ ଏହାର ପ୍ୟାନ୍ ଭାଙ୍ଗିରୁଜି ଗଲାଣି । ଅଢେଇ ବର୍ଷରୁ ଅଧିକ ହେଲା ଏହା ଲୋକଙ୍କ କାମରେ ଲାଗୁ ନାହିଁ । ଫଳରେ ପୂର୍ବପରି ଲୋକେ ଖୋଲାରେ ମଳତ୍ୟାଗ କରୁଛନ୍ତି । ତେଣୁ ୪ ଲକ୍ଷ ଟଙ୍କା ପାଣିରେ ପଡ଼ିଲା ବୋଲି ଲୋକେ ଅଭିଯୋଗ କରୁଛନ୍ତି । ତୁରନ୍ତ ଏହି ଗୋଷ୍ଠୀ ଶୌଚାଳୟ ମରାମତି କରି ଲୋକଙ୍କ କାର୍ଯ୍ୟରେ ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଇଭିଏମ୍ ବଦଳେଇବା ଗୁଜବ ନେଇ ବ୍ଲକ୍ ପରିସରରେ ଉତ୍ତେଜନା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଧର୍ମଶାଳା ବ୍ଲକ୍ ପରିସରକୁ ଇଭିଏମ୍ ଗାଡ଼ି ପଶିବାରୁ ସ୍ୱାଧୀନପ୍ରାର୍ଥୀ ସମର୍ଥକମାନେ ବ୍ଲକ୍ ଅଫିସ୍ ସମ୍ମୁଖରେ ହୋ'ହାଲ୍ଲା କରିଥିଲେ । ରାତି ୧୧ଟା ପର୍ଯ୍ୟନ୍ତ ଉତ୍ତେଜନା ଲାଗି ରହିଥିଲା । ଇଭିଏମ୍ ଅଦଳବଦଳ ସନ୍ଦେହକୁ ନେଇ ଉତ୍ତେଜିତ ସମର୍ଥକମାନେ ମିଶନ ଶକ୍ତିଗୃହ ଓ ବ୍ଲକ୍ ପରିସରରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ବ୍ଲକ୍ ସମ୍ମୁଖ ରାସ୍ତାରେ ଟାୟାର ଜାଳି ପ୍ରତିବାଦ କରିଥିଲେ । ଧର୍ମଶାଳା ବ୍ଲକ୍ ପ୍ରଶାସନ ପକ୍ଷରୁ ଏହି ଡମି ଇଭିଏମ୍ ସମ୍ପର୍କରେ ସଫେଇ ଦିଆଯାଇଥିଲା । କିନ୍ତୁ କର୍ମୀମାନେ କୌଣସି କଥା ବୁଝିବାକୁ ପ୍ରସ୍ତୁତ ନଥିଲେ । ଘଟଣାଳରେ ଯାଜପୁର ଜିଲ୍ଲାପାଳ ନିଖିଲ ପବନ କଲ୍ୟାଣ ଏସ୍‌ପି ଭିନିତ୍ ଅଗ୍ରୱାଲ, ଅତିରିକ୍ତ ଏସ୍‌ପି ଓ ଏକ ପ୍ଲାଟୁନ୍ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ଉତ୍ତେଜିତ କର୍ମୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାର୍ଜ କରିଥିଲା । ଭୟରେ କର୍ମୀମାନେ ଛତ୍ରଭଙ୍ଗ ଦେଇ ପଳାଇ ଥିଲେ । କୌଣସି ଗୁଜବକୁ କେହି ବିଶ୍ୱାସ ନ କରିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସୂଚନା ଅନୁଯାୟୀ ଶନିବାର ଦିନ ଅନୁଷ୍ଠିତ ନିର୍ବାଚନରେ ଭୋଟଗ୍ରହଣ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିବା ବେଳେ କେତେକ ସ୍ଥାନରେ ଏଭିଏମ୍ ଜନିତ ତ୍ରୁଟିପାଇଁ ରାତି ୯ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା ।



# ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟ: କମ୍ ଯୋଗାଣ, ଦୁର୍ବଳ ଷ୍ଟକ୍ ଯୋଗୁଁ ବଜାର ମହଙ୍ଗା

## ଗହମ, ଚାଉଳ, ଡାଲିର ଉଚ୍ଚ ଦର ମୁଦ୍ରାସ୍ଫୀତି ବଢ଼ାଉଛି




ନୂଆଦିଲ୍ଲୀ,
ଦେଶରେ ସାଧାରଣ ଲୋକଙ୍କ ଖାଇବା ପ୍ଲେଟ ମହଙ୍ଗା ହେବାରେ ଲାଗିଛି। ମହଙ୍ଗା ରୂପୀ ଏହି ଡାଆଣୀ ଖାଉଟିଙ୍କ ପିଛା ଛାଡୁନାହିଁ। ସରକାରୀ କାଗଜପତ୍ର ଏବଂ ହିସାବରେ ମୁଦ୍ରାସ୍ଫୀତି କମୁଛି ହେଲେ ସାଧାରଣ ଖାଉଟିଙ୍କ ପାଇଁ ବଜାର ଦର କମିବାର ନାମ ଧରୁନାହିଁ। ଏହାର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏହାର ସର୍ବଶେଷ ବାର୍ଷିକ ରିପୋର୍ଟରେ ଏହାର ଖୁଲାସା ହୋଇଛି। ଏଥିରେ ଖାଉଟି ବଜାର ମହଙ୍ଗା ହେବାର କାରଣ ସ୍ପଷ୍ଟ କରିଛି ରିଜର୍ଭ ବ୍ୟାଙ୍କ। ଖାଦ୍ୟ ସାମଗ୍ରୀର ଯୋଗାଣ ହ୍ରାସ ପାଇବା ଏବଂ ଦୁର୍ବଳ ଷ୍ଟକ୍ ବା ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଦେଶରେ ଗହମ, ଚାଉଳ ଏବଂ ଡାଲି ଭଳି ପ୍ରମୁଖ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି। ଗତ ବର୍ଷ ଦୀର୍ଘ ସମୟ ଧରି ଦେଶରେ ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ରହିଥିଲା। ମୁଦ୍ରାସ୍ଫୀତି ବା ଦରଦାମ୍‌କୁ ନିୟନ୍ତ୍ରଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏହାର ପ୍ରମୁଖ ସୁଧ ହାର ରେପୋ ହାରକୁ ଏକ ବର୍ଷରୁ ଅଧିକ ସମୟ ପାଇଁ ୬.୫ ପ୍ରତିଶତରେ ସ୍ଥିର ରଖିଛି। ଦେଶରେ ମୁଦ୍ରାସ୍ଫୀତି ଏକଦା ୭ ପ୍ରତିଶତକୁ ବୃଦ୍ଧି ପାଇ ୫ ପ୍ରତିଶତକୁ ଖସିଆସିଛି। ତଥାପି, ସାଧାରଣ ଲୋକଙ୍କ ପାଇଁ ଖାଇବା ଥାଳି ମହଙ୍ଗା ହୋଇରହିଛି। ଆରବିଆଇ ରିପୋର୍ଟରେ ଖାଉଟି ବଜାର ମହଙ୍ଗା ହେବାର କାରଣ ଏବେ ସ୍ପଷ୍ଟ ହୋଇଯାଇଛି। ଖାଉଟିଙ୍କ ପ୍ରମୁଖ ଖାଦ୍ୟ ଗହମ, ଚାଉଳ ଏବଂ ଡାଲିର ଉଚ୍ଚ ଦର ବା ମୁଦ୍ରାସ୍ଫୀତି ଫଳରେ ବଜାର ମହଙ୍ଗା ହେଉଛି। ଦେଶର ମୂଳ ମୁଦ୍ରାସ୍ଫୀତି ହାରରେ ଖାଦ୍ୟ ସାମଗ୍ରୀର ଅଂଶ ୬୦.୩ ପ୍ରତିଶତକୁ ବୃଦ୍ଧି ହୋଇଛି, ଯାହା ୨୦୨୨-୨୩ରେ ମାତ୍ର ୪୬ ପ୍ରତିଶତ ରହିଥିଲା। ଏହି କାରଣରୁ, ମୂଳ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ରହିବା ସ୍ଥାନରେ ପାଖାପାଖି ୭ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତି ୮.୫ ପ୍ରତିଶତରୁ ଅଧିକ ସ୍ତରକୁ ଅତିକ୍ରମ କରିଛି।

# ନନ୍ଦନକାନନରେ ଯୁବକର ଆତଙ୍କରାଜ : ସୁରକ୍ଷା କର୍ମଚାରୀଙ୍କୁ ଆକ୍ରମଣ



ବାରଙ୍ଗ, ନ୍ୟୁଜ ବ୍ୟୁରୋ
ପ୍ରାଣୀଉଦ୍ୟାନ ନନ୍ଦନକାନନ ଭିତରେ ପସି ଦୁଇଜଣ ଯୁବକ ମାରଣାସ୍ତ୍ର ଧରି ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କୁ ଆକ୍ରମଣ କରିବା ଘଟଣାର ଗୋଟିଏ ମାସ ପରେ ପୁଣି ଏହାର ପୁନରାବୃତ୍ତି ଘଟିଛି। ସୋମବାର ନନ୍ଦନକାନନ ବନ୍ଦ ରହିଥିବା ବେଳେ ଜଣେ ମଦ୍ୟପ ଯୁବକ ନିଜର ମୋଟର ସାଇକେଲ ନେଇ ପରିସରକୁ ପ୍ରବେଶ କରି ବାଘ ଦେଖୁଥିବା ଭଳି ଘଟଣା ସୋମବାର ନନ୍ଦନକାନନରେ ଘଟିଛି। ସେଠାରେ ଦାୟିତ୍ୱରେ ଥିବା ଜଣେ ଅସ୍ଥାୟୀ କର୍ମଚାରୀ ବିରୋଧ କରିବାରୁ ତାଙ୍କୁ ମାରଧର କରିବା ସହ ଅଶାଳୀନ ବ୍ୟବହାର କରି ଜୀବନରେ ମାରିଦେବାକୁ ଧମକ ଦେଇଥିବାର ନନ୍ଦନକାନନ ଥାନରେ ଅଭିଯୋଗ ହୋଇଛି। ପୋଲିସ ୧୩୩/୨୪ ନଂରେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ସୋମବାର ନନ୍ଦନକାନନ ବନ୍ଦ ରହିଥିବା ବେଳେ ସକାଳ ପ୍ରାୟ ୯ଟା ସମୟରେ ରଘୁନାଥପୁର ଗ୍ରାମର ବପୁନି ଓରଫ ମାନସ ରଞ୍ଜନ ସାହୁ ନାମକ ଯୁବକ ତା'ର ମୋଟର ସାଇକେଲ ନେଇ ନନ୍ଦନକାନନକୁ ପ୍ରବେଶ କରିଥିଲା। ବାଘ ରହୁଥିବା ଖୁଆଡ଼ ପାଖରେ ଗାଡିରଖି ବାଘ ଦେଖୁଥିବା ବେଳେ ସେଠାରେ ନିୟୋଜିତ ଥିବା ଅସ୍ଥାୟୀ କର୍ମଚାରୀ ମଳୟ ରଞ୍ଜନ ନାୟକଙ୍କ ନଜରକୁ ଆସିଥିଲା। ମଳୟ ଆସି ବାପୁନିକୁ ଫେରିଯିବାକୁ କହିବାରୁ ମଦ୍ୟପାନ କରିଥିବା ବାପୁନି ମାରଧର ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଜୀବନରେ ମାରିଦେବାକୁ ଧମକ ଦେଇଥିଲା। ଭୟଭୀତ ହୋଇ ମଳୟ ଏ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବାକୁ ପକେଟରୁ ମୋବାଇଲ ବାହାର କରିବାରୁ ବାପୁନି ତାଙ୍କ ମୋବାଇଲ ଛଡାଇନେଇଥିଲା। ପାଟିଶୁଣି ଦୂରରେ ଥିବା ଅବସରପ୍ରାପ୍ତ ସେନା କର୍ମଚାରୀ ଓ କିଛି କର୍ମଚାରୀ ଆସିବାରୁ ବାପୁନି ପଳାଇ ଯାଇଥିଲା। ସୁରକ୍ଷା ବିଭାଗର ଅଧିକାରୀ ଏ ବିଷୟରେ ଜାଣିବା ପରେ ନନ୍ଦନକାନନ ଥାନାକୁ ଜଣାଇଥିଲା। ପରେ ସୁରକ୍ଷା ବିଭାଗର କର୍ମଚାରୀମାନଙ୍କ ସହ ମଳୟ ଆସି ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୁଚନାଯୋଗ୍ୟ ଯେ, ଅପ୍ରେଲ ୨୯ତାରିଖ ସୋମବାର ଦିନ ସନ୍ତୋଷ ପାହଡସିଂ ଓ ତା'ର ସହଯୋଗୀ ସନ୍ତୋଷ ସାମଲ ନାମକ ଦୁଇ ଯୁବକ ମାରଣାସ୍ତ୍ର ଧରି ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଅଧଘଣ୍ଟା କାଳ ଉତ୍ପାତ କରିବା ସହ ଦୁଇଜଣ ଏସିଏଫଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିଥିଲ। ଏହି ଘଟଣାରେ ସନ୍ତୋଷ ଓ ତା'ର ସହଯୋଗୀଙ୍କୁ ପୋଲିସ ଅଦାଲତ ଚାଲାଣ କରିଥିଲା। ଏହାପରେ ନନ୍ଦନକାନନର ସୁରକ୍ଷାକୁ କର୍ତ୍ତୃପକ୍ଷ ବଢ଼ାଇ ଦେଇଥିଲେ। ମାସିକ ୫ଲକ୍ଷ ୩୦ହଜାର ଟଙ୍କା ବିନିମୟରେ ୧୦ଜଣ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ଦୁଇଟି ଫାଟକର ପ୍ରବେଶ ପଥରେ ମୁତୟନ କରାଯାଇଥିଲା। ଏହାସହ ସୁରକ୍ଷା ବିଭାଗର କର୍ମଚାରୀ ମଧ ନନ୍ଦନକାନନକୁ ଜଗି ରହିଲେ। ଏହା ସତ୍ତ୍ୱେ ଏତେବଡ ସୁରକ୍ଷା ବଳୟକୁ ଅତିକ୍ରମ କରି ଜଣେ ମଦ୍ୟପ ଯୁବକ ମୋଟର ସାଇକେଲ ଧରି କିପରି ନନ୍ଦନକାନନ ବନ୍ଦଥିବା ଦିନ ଭିତରକୁ ପଶିଲା ଓ କେଉଁ ଉଦ୍ଦେଶ୍ୟ ନେଇ ବାଘ ଖୁଆଡ଼ ପାଖକୁ ଯାଇଥିଲା। ଯଦିକିଛି ଅଘଟଣ ଘଟିଥାନ୍ତା ସେଥିପାଇଁ ଦାୟୀ କିଏ ରହିଥାନ୍ତେ, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟିକରିଛି। ପୋଲିସ ଗୋଟିଏ ପଟେ ଏକ ମକଦ୍ଦମା ରୁଜୁକରି ତଦନ୍ତ ଆରମ୍ଭ କରିଥିବା ବେଳେ ସୁରକ୍ଷା ବିଭାଗ ପକ୍ଷରୁ ଜଙ୍ଗଲ ବିଭାଗ ଆଇନ ଅନୁଯାୟୀ ଏକ ମକଦ୍ଦମା ରୁଜୁ କରାଯିବ ବୋଲି ନନ୍ଦନକାନନ ସୁରକ୍ଷା ବିଭାଗ ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ କହିଛନ୍ତି।

# ବଢ଼ିଲା ଟୋଲ୍ ପ୍ଲାଜା ଚାର୍ଜ




ନୂଆଦିଲ୍ଲୀ,
ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) କର୍ତ୍ତୃପକ୍ଷ ସୋମବାର ମଧ୍ୟରାତ୍ରରୁ ସାରା ଦେଶରେ ଟୋଲ୍ ଚାର୍ଜ ୩ରୁ ୫ ପ୍ରତିଶତ ବୃଦ୍ଧି କରିଛନ୍ତି। ସମଗ୍ର ଦେଶରେ ପାଖାପାଖି ୧୧୦୦ ଟୋଲ୍ ପ୍ଲାଜାରେ ଏହି ବୃଦ୍ଧି ଲାଗୁ ହେବ। ଜାତୀୟ ରାଜପଥ ପ୍ରାଧିକରଣର ଜଣେ ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଦେଶରେ ନିର୍ବାଚନ ପରେ ଟୋଲ ଚାର୍ଜ ବୃଦ୍ଧି ଲାଗୁ ହେବ ବୋଲି ପୂର୍ବରୁ ସ୍ଥିର ହୋଇଥିଲା। ଦେଶରେ ଜାତୀୟ ରାଜପଥର ସଂପ୍ରସାରଣ ପାଇଁ ଆବଶ୍ୟକ ପଡୁଥିବା ଅର୍ଥର ଭରଣା ପାଇଁ ଏଭଳି ପଦକ୍ଷେପ ନିଆଯିବାକୁ ସ୍ଥିର ହୋଇଛି। ଭାରତ ବର୍ଷରେ ପ୍ରାୟ ୧୪୬,୦୦୦ କିଲୋମିଟର ରାସ୍ତା ନେଟ୍‌ୱାର୍କ ରହିଛି। ଯାହାକି ସମଗ୍ର ବିଶ୍ୱରେ ଦ୍ୱିତୀୟ ବୋଲି କୁହାଯାଉଛି। ୨୦୧୮-୧୯ ଆର୍ଥିକ ବର୍ଷରେ ୨୫୨ ବିଲିୟନ ଟୋଲ୍ ଆଦାୟ ହୋଇଥିବା ବେଳେ ୨୦୨୨-୨୩ ଆର୍ଥିକ ବର୍ଷରେ ଏହି ପରିମାଣ ୫୪୦ ବିଲିୟନରୁ ଅଧିକ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅଢ଼େଇ କୋଟି ...

ଇଭିଏମ ଭୋଟ୍ ଗଣତି କରାଯିବ। ଗୋଟିଏ କେନ୍ଦ୍ରରେ ପୋଷ୍ଟାଲ ବାଲଟ ଗଣତି କରାଯିବ। ୬୦ଟି ହଲରେ ଉଭୟ ବିଧାନସଭା ଓ ସଂସଦୀୟ କ୍ଷେତ୍ରର ଭୋଟ ଗଣତି ହେବ । ଭାରତୀୟ ନିର୍ବାଚନ କମିଶନଙ୍କ ତରଫରୁ ୧୨୪ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତି ହୋଇଛନ୍ତି ।

ସେ କହିଛନ୍ତି ଛତ୍ରପୁରରେ ଆସ୍କା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ପୋଷ୍ଟାଲ ବାଲଟ ଗଣତି ହେବ। ୧ ଲକ୍ଷ ୪୬ ହଜାର ପୋଷ୍ଟାଲ ବାଲଟ ଗଣତି ହେବ । ପ୍ରତି ଟେବୁଲରେ ୫୦୦ ବାଲଟ ଗଣତି ହେବ । ୩୫୮୯ ଇଭିଏମ ଗଣତି ଟେବୁଲ ରହିଛି । ୮ଟି ବିଧାନସଭାରେ ରାଉଣ୍ଡ ସଂଖ୍ୟା ୩୦ରୁ ଅଧିକ । ସମସ୍ତ ଗଣତି କେନ୍ଦ୍ରରେ ସିସିଟିଭି ଓ ଏସିର ବ୍ୟବସ୍ଥା ହୋଇଛି। ୬୦ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୁତୟନ ହୋଇଛନ୍ତି। ଆଉ ୮୯ କମ୍ପାନୀ ଅଧିକ କେନ୍ଦ୍ରୀୟ ବାହିନୀ ମୁତୟନ ହେବେ। ୬ ତାରିଖ ଯାଏଁ ୧୬ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବାହିନୀ ମୁତୟନ ହେବେ । ଭୋଟ ଗଣତି କେନ୍ଦ୍ରରେ ଆମ୍ବୁଲାନ୍ସ ଓ ଡାକ୍ତର ରହିବେ ବୋଲି ଶ୍ରୀ ଧଳ ସୂଚନା ଦେଇଥିଲେ।

## ଅଂଶୁଘାତ...

ସୂଚନା ଦେଇଥିଲେ ଯେ, ସୁନ୍ଦରଗଡ଼ ଓ ଝାରସୁଗଡ଼ା ଆଦି ଖଣି ଅଞ୍ଚଳରୁ ଅଧିକ ହିଟ୍‌ୱେଭ ମାମଲା ଆସୁଛି। ରାଉରକେଲାରେ ମୃତକଙ୍କ ଭିତରୁ ହସ୍ପିଟାଲ ଆସିବା ପୂର୍ବରୁ କିଛି ରୋଗୀ ପ୍ରାଣ ହରାଇଥିଲେ। ଆଉ କିଛି ମୃତକଙ୍କ ପୋଷ୍ଟମର୍ଟମ ଚାଲିଛି। ଅସ୍ୱାଭାବିକ ମୃତ୍ୟୁର ଯୁଗ୍ମ ତଦନ୍ତ ଚାଲିଛି। ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଜିଲ୍ଲାପାଳ ଓ ସିଡିଏମଓ ମାନଙ୍କୁ ସତର୍କ ରହିବାକୁ କୁହାଯାଇଛି।

## ଇନଫର୍ମର ...

ଘରର ପଛପଟେ କାଠ ଫାଳିଆରେ ପିଟିପିଟି ହତ୍ୟା କରିଥିଲେ।

ପରିବାର ଲୋକଙ୍କ ସାମ୍ନାରେ ହିଁ ନକ୍ସଲ ଏଭଳି ହତ୍ୟାକାଣ୍ଡ ଘଟାଇଥିଲେ। ପ୍ରକାଶ ଥାଉକି ଗ୍ରାମକୁ ବହୁ ସଂଖ୍ୟାରେ ନକ୍ସଲ ଘେରି ରହିଥିଲେ। ସାଲୁ ନକ୍ସଲ ଆସିଥିବା ଜାଣିପାରିଥିଲେ। କିନ୍ତୁ ଖସି ପଳାଇବାର କୌଣସି ବାଟ ନଥିଲା। ଶବକୁ ଜଙ୍ଗଲ ନିକଟରେ ନେଇ ଫିଙ୍ଗି ଦେଇଥିଲେ। ସୋମବାର ସକାଳେ ସୁରକ୍ଷାକର୍ମୀ ଶବକୁ ଜବତ କରିବା ସହ ପୁଲିସକୁ ହସ୍ତାନ୍ତର କରିଥିଲେ। ପୁଲିସ ଘଟଣାର ତଦନ୍ତ କରୁଛି। ତେବେ ଶବ ନିକଟରେ ଛାଡିଯାଇଥିବା ପୋଷ୍ଟରରେ ନକ୍ସଲ ପୁଲିସ ସହ ମିଶି ସାଲୁ ନକ୍ସଲଙ୍କୁ ଦମନ କରିବାକୁ ଚେଷ୍ଟା କରୁଥିଲା, ତେଣୁ ତାକୁ ମୃତ୍ୟୁ ଦଣ୍ଡ ଦିଆଗଲା ବୋଲି ଉଲ୍ଲେଖ ରହିଛି।

## ଓଡ଼ିଶା ବିଧାନସଭା ...

ନିର୍ବାଚନର ଭୋଟ ଗଣତି ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ଭୋଟ ଗଣତି ପୂର୍ବରୁ ମନ୍ତ୍ରିମଣ୍ଡଳ ଭଙ୍ଗ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା । ଭୋଟ ଗଣତି ପରେ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ଦଳ ସରକାର ଗଢ଼ିବା ନେଇ ରାଜ୍ୟପାଳଙ୍କୁ ଅବଗତ କରାଇବେ। ଭାରତର ନିର୍ବାଚନ ଆୟୋଗଙ୍କ ନିର୍ବାଚନ ପ୍ରକ୍ରିୟା ଅନୁଯାୟୀ, ଜୁନ ୪ରେ ଭୋଟ ଗଣତି ରହିଥିବାରୁ ଏହା ପୂର୍ବରୁ ରାଜ୍ୟ ସରକାର ତାଙ୍କର କାର୍ଯ୍ୟକାଳ ପୂରଣ ନେଇ ଅବଗତ କରାଇଛନ୍ତି।

## ତାଜ୍ ଏକ୍ସପ୍ରେସ୍‌ରେ...

ବଗିରେ ନିଆଁ ଲାଗିଯାଇଥିଲା। କୋଚରୁ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାର କରାଯାଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଏହି ଟ୍ରେନଟି ନୂଆଦିଲ୍ଲୀ ରେଲଷ୍ଟେସନରୁ ଝାନ୍ସି ଅଭିମୁଖେ ଯାତ୍ରା ସମୟଠାରୁ ପ୍ରାୟ ୮ ଘଣ୍ଟା ବିଳମ୍ବରେ ବାହାରିଥିଲା। ଏହା ସକାଳ ୬ଟା ୫୫ରେ ଛାଡ଼ିବାର ଥିଲା। କିନ୍ତୁ ନୂଆଦିଲ୍ଲୀ ରେଳ ଷ୍ଟେସନରୁ ଅପରାହ୍ନ ୩ଟା ୨୪ରେ ନିଆଁ ଲାଗିଯାଇଥିଲା। ନିଆଁ ଡି-୩, ଡି-୪ ଓ ଡି-୨ ନମ୍ବର ବଗିରେ ଲାଗିଥିଲା। ଅଗ୍ନିକାଣ୍ଡ ଯୋଗୁଁ ଏହି ରୁଟରେ ପାଖାପାଖି ୪ଟି ଟ୍ରେନ ଚଳାଚଳ ପ୍ରଭାବିତ ହୋଇଛି।

## ଆଜିଠାରୁ ପୁଣି ...

କରିଛି ପାଣିପାଗ ବିଭାଗ। ସୋନପୁର, ବୌଦ୍ଧ, ବଲାଙ୍ଗୀର, ବରଗଡ଼, ନୂଆପଡା କନ୍ଧମାଳ ଜିଲ୍ଲାରେ ୪୨ ଡିଗ୍ରୀ ଉପରେ ତାପମାତ୍ରା ରହିବା ସହ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ବିଶେଷ କରି ଉପକୂଳ ଜିଲ୍ଲା ଏବଂ ମାଲକାନଗିରି, କୋରାପୁଟ, ରାୟଗଡା ,ଗଜପତି ,ଗଞ୍ଜାମ, କନ୍ଧମାଳ, ନୟାଗଡ, ଅନୁଗୁଳ , ଢେଙ୍କାନାଳ, କଟକ, ଯାଜପୁର ,ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ମୟୁରଭଞ୍ଜରେ ଗ୍ରୀଷ୍ମ ପ୍ରବାହ ରହିବ ବୋଲି ଆକଳନ କରିଛି ପାଣିପାଗ ବିଭାଗ । ଏହାସହ ମଙ୍ଗଳବାର ଉଷ୍ମ ଓ ଆର୍ଦ୍ର ସ୍ଥିତି ବି ଲାଗିରହିବ । ବର୍ତ୍ତମାନ ରାଜ୍ୟରେ ଏବେ ବଡ ବର୍ଷା ନଥିବା ବେଳେ ଆସନ୍ତା ୫ ଦିନ ଯାଏଁ ରାଜ୍ୟରେ ବିଜୁଳି ଘଡଘଡି ସହ ବର୍ଷାର ସମ୍ଭାବନା ରହିଛି। ୬ ଓ ୭ ତାରିଖ ବେଳକୁ ବର୍ଷାର ପରିମାଣ ବଢିବା ସହ ସାରା ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରହିବ। ଏହି ସମୟରେ ୪୦ ରୁ ୫୦ କିମି ବେଗରେ ପବନ ବହିବ ବୋଲି ଆକଳନ କରିଛି ବିଭାଗ। ସେପଟେ ବର୍ତ୍ତମାନ ମୌସୁମୀ କେବେ ଛୁଇଁବ ତାହା ବିଭାଗ ସ୍ପଷ୍ଟ କରିନଥିବା ବେଳେ ଓଡ଼ିଶାକୁ ଆସିବାର ପ୍ରକ୍ରିୟା ଆରମ୍ଭ ସହ ପାଗ ଅନୁକୂଳ ରହିଛି ବୋଲି ସୂଚନା ଦେଇଛନ୍ତି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି।

# ଏମ୍‌ସିଏଲ୍ ପକ୍ଷରୁ ହୀରାକୁଦ ଡ୍ୟାମରେ ସଫେଇ ଅଭିଯାନ ଆରମ୍ଭ



ସମ୍ବଲପୁର, ନ୍ୟୁଜ ବ୍ୟୁରୋ
ସ୍ୱଚ୍ଛ ଏବଂ ସବୁଜ ପରିବେଶ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ହୀରାକୁଦ ଡ୍ୟାମ ନିକଟ ପ୍ରମୁଖ ପିକନିକ୍ ସ୍ଥାନ ଝାନକର୍ଣ୍ଣି ମନ୍ଦିର ପରିସରରେ ଏକ ସ୍ୱଚ୍ଛତା ଡ୍ରାଇଭ୍ କରାଯାଇଥିଲା। ଏ. ଏସ୍. ବାପତ୍, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ଯୋଜନା) ଆନୁଷ୍ଠାନିକ ଭାବରେ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନ ୩୦ ମେ' ରୁ ୫ ଜୁନ୍ ୨୦୨୪ ମଧ୍ୟରେ କମ୍ପାନୀରେ ପାଳନ କରାଯାଉଥିବା ପରିବେଶ ସପ୍ତାହ ଅଧୀନରେ ଆୟୋଜିତ ହୋଇଥିଲା । ପ୍ରାୟ ୧୦୦ ଅଧିକାରୀ ଏବଂ କର୍ମଚାରୀ ଉତ୍ସାହର ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଏବଂ ସାଧାରଣ ଲୋକଙ୍କୁ "ପୃଥିବୀକୁ ସଫା ରଖନ୍ତୁ" ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଂଗୃହିତ ବର୍ଜ୍ୟବସ୍ତୁ ବୁର୍ଲାରେ ଅବସ୍ଥିତ "ସାମଗ୍ରୀ ପୁନରୁଦ୍ଧାର ସୁବିଧା କେନ୍ଦ୍ର"କୁ ହସ୍ତାନ୍ତର କରାଯାଇଥିଲା ।

# ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଦ୍ୱାରା ସ୍ୱଚ୍ଛତା ଅଭିଯାନ




କଳିଙ୍ଗନଗର, ନ୍ୟୁଜ ବ୍ୟୁରୋ
ଯାଜପୁର ଜିଲ୍ଲାର ଅଗ୍ରଣୀ ଶିଳ୍ପସଂସ୍ଥା ଜିନ୍ଦଲ ଷ୍ଟେନଲେସ ଲିମିଟେଡ ଦ୍ୱାରା ଏହାର ସାମାଜିକ ଦାଇତ୍ୱ ଏବଂ ପରିବେଶ ପରିଚାଳନା ବିଭାଗ ର ମିଳିତ ସହଯୋଗରେ ସୋଲେଇ ଗ୍ରାମରେ ବିଶ୍ୱ ପରିବେଶ ଦିବସ ଅବସରରେ ଏକ ରାଲି ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଗ୍ରାମରୁ ଯୁବକ ଯୁବତୀ, ସୋଲେଇ କିଶୋରୀ ବାଳିକା ମଣ୍ଡଳ, ଜିନ୍ଦଲ ଷ୍ଟେନଲେସ ଲିମିଟେଡ ର ବିଭିନ୍ନ ବିଭାଗର ସ୍ୱୟଂ ସେବକ ଓ ଗ୍ରୀନ ଡ୍ରୀମ ଫାଉଣ୍ଡେସନ ର ସ୍ୱେଚ୍ଛାସେବୀ ମାନେ ଅଂଶ ଗ୍ରହଣ କରିଥିଲେ। ପରିବେଶ ସୁରକ୍ଷା ସମ୍ବନ୍ଧରେ ଜନ ସଚେତନତା କରାଇବା ପାଇଁ ଦାନଗଦି ଭବନ ଠାରୁ ସୋଲେଇ ଗ୍ରାମ ପର୍ଯ୍ୟନ୍ତ ଏକ ପଦଯାତ୍ରା ବାହାରିବା ସହିତ ସୋଲେଇ ଗ୍ରାମର ରାସ୍ତା ସଫେଇ କରାଯାଇ ଥିଲା ଏବଂ ରାସ୍ତାର ଉଭୟ ପାର୍ଶ୍ୱରେ ବ୍ଲିଚିଙ୍ଗ ସିଞ୍ଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଟି ଜିନ୍ଦଲ ଷ୍ଟେନଲେସ ଲିମିଟେଡ ର ସି ଏସ ଆର ମୁଖ୍ୟ ଶ୍ରୀଯୁକ୍ତ ସୁକାନ୍ତ କୁମାର ରଥ ଓ ପରିବେଶ ବିଭାଗର ମୂଖ୍ୟ ମୈତ୍ରେୟୀ ଦେବ ଙ୍କ ତତ୍ତ୍ୱାବଧାନରେ ହୋଇଥବା ବେଳେ ସୋଲେଇ ଗ୍ରାମର ଯୁବ ଗୋଷ୍ଠୀ, କିଶୋରୀ ବାଳିକା ଏବଂ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ର କର୍ମକର୍ତ୍ତା ମାନେ ଗ୍ରାମ ରାସ୍ତା ସଫେଇ କରିବା ସହିତ ପରିବେଶ ସୁରକ୍ଷା ସମ୍ବନ୍ଧରେ ଲୋକ ମାନଙ୍କୁ ସଚେତନ କରାଇବାର ଦେଖା ଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସି ଏସ ଆର ବିଭାଗର ସଞ୍ଜୟ କୁମାର ମହାନ୍ତି, ତପନ କୁମାର ନାୟକ, ହେମନ୍ତ କୁମାର ବାହାଲିଆ ଏବଂ ପରିବେଶ ପରିଚାଳନା ବିଭାଗର ଲୋକନାଥ ସାହୁ, ପବିତ୍ର କୁମାର ପାତ୍ର, ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ର ସୁପରିଚଳନା କରିଥିଲେ। ଶରଦ ଯାଦବ ସଫେଇ କରିବା ସମୟରେ ସୁରକ୍ଷା ସମ୍ବନ୍ଧୀୟ ନିର୍ଦ୍ଦେଶାବଳି ମାନିବାକୁ ସମସ୍ତଙ୍କୁ ଅନୁରୋଧ କରିଥଲେ। ଜିନ୍ଦଲ କମ୍ପାନୀ ର ଏହି ପରିବେଶ ସ୍ୱଚ୍ଛତା କାର୍ଯ୍ୟକ୍ରମ କୁ ସବୁ ମହଲରେ ପ୍ରଶଂସା କରଯାଇଥିଲା।




ଭୁବନେଶ୍ୱର : ଭାରତୀୟ ବିଦ୍ୟାଭବନ ଓ ଇନ୍‌ଫୋସିସ୍ ଫାଉଣ୍ଡେସନର ମିଳିତ ସହଯୋଗରେ ଲୁପ୍ତପ୍ରାୟ ଲୋକକଳାର ୧୪୮ ତମ ସନ୍ଧ୍ୟାରେ ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଅଞ୍ଚଳର ବିଚିତ୍ର ବର୍ଣ୍ଣାଳି ନାଟ୍ୟ ସଂସଦର ଆଲୋକ ବିଶୋଇ ଓ ସାଥୀଙ୍କ ଦ୍ୱାରା ଘୁଡୁକି ନାଟ ପରିବେଷଣ। (ଫଟୋ : ସମ୍ବାଦ କଳିକା)

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ବିଶ୍ୱ ସାଇକେଲ ଦିବସ' ପାଳିତ

# ସୁସ୍ଥ ଜୀବନ, ସୁସ୍ଥ ପରିବେଶ ଆମର କର୍ତ୍ତବ୍ୟ




ବାଲେଶ୍ୱର, ନ୍ୟୁଜ
ବିଶ୍ୱ ସାଇକେଲ ଦିବସ- ୨୦୨୪ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ 'ବିଶ୍ୱ ସାଇକେଲ୍ ଦିବସ' ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ସାଇକେଲ ରାଲି ଆୟୋଜିତ ହୋଇଥିଲା। ସମସ୍ତେ ନିଜ ନିଜ ସାଇକେଲ ରେ ବିଶ୍ୱବିଦ୍ୟାଳୟର ନୂଆପାଢୀ କ୍ୟାମ୍ପସ ଠାରୁ ବାହାରି ସ୍ୱର୍ଣ୍ଣଚୁଡ କଲେଜ , ମିତ୍ରପୁର ପର୍ଯ୍ୟନ୍ତ ଯାଇଥିଲେ। ସମସ୍ତ କର୍ମକର୍ତ୍ତା, ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀଗଣ ଏଥିରେ ସାମିଲ ହୋଇ ଜନସଚେତନତା ପାଇଁ ସାଇକେଲ ଚାଳନାର ଉପକାରୀତା ସଂପର୍କିତ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ ସହ ସ୍ଲୋଗାନ ଦେଇଥିଲେ ଓ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ସାଇକେଲ ଗୁଡିକ ପରିବହନର ସର୍ବ ପୁରାତନ ଏବଂ ଅତ୍ୟାବଶ୍ୟକ ମାଧ୍ୟମ ହୋଇଥାଏ। ସାଇକେଲ ଚଲାଇବା କେବଳ ଉପଭୋଗ୍ୟ ନୁହେଁ ବରଂ ଏକ ସୁସ୍ଥ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବହାରର ଅଭ୍ୟାସକୁ ପ୍ରୋତ୍ସାହିତ କରିଥାଏ। ଏଥିସହ ସାଇକେଲ ଚଲାଇବା ଅନେକ ବ୍ୟବହାରିକ ଲାଭ ପ୍ରଦାନ କରେ ଏବଂ ପରିବେଶ ସ୍ଥିରତା ପାଇଁ ସହାୟକ ହୋଇଥାଏ। ଏହି ସୁବିଧା ଉପରେ ଗୁରୁତ୍ୱ ଦେବା ଏବଂ ସାଇକେଲ ବ୍ୟବହାରକୁ ଉତ୍ସାହିତ କରିବା ପାଇଁ ଜୁନ୍ ୩ ତାରିଖକୁ ବିଶ୍ୱ ସାଇକେଲ ଦିବସ ଭାବରେ ପାଳନ କରାଯାଏ । ଏହି ଦିନ ପାଳନ ମୁଖ୍ୟତଃ ସାଇକେଲ ଚାଳନା ମାଧ୍ୟମରେ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର କାର୍ଯ୍ୟକଳାପକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖାଯାଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସୂଚିତ କରେ ଯେ ସାଇକେଲ ଚାଳନା ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ବଜାୟ ରଖିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଭ୍ୟାସ । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ପି.ଇ.ଓ ସଂଗ୍ରାମ କେଶରୀ ବିଶୋଇ ସଂଯୋଜନା କରି ବିଭିନ୍ନ ଶିକ୍ଷଣୀୟ ସାରାଂଶ ଯଥା, 'ସାଇକେଲ ଚଳାନ୍ତୁ : ସୁସ୍ଥ ରୁହନ୍ତୁ', 'ସାଇକେଲ ଚଲାଅ: ସ୍ୱାସ୍ଥ୍ୟ ବଞ୍ଚାଅ ', 'ସାଇକେଲ ଚଲାଇ ପରିବେଶକୁ ପ୍ରଦୂଷଣ ମୁକ୍ତ କରନ୍ତୁ' ଇତ୍ୟାଦି ସ୍ଲୋଗାନ ଗୁଡିକୁ ରଚନା କରିଥିଲେ।

**ଦକ୍ଷିଣ-ପୂର୍ବ ମଧ୍ୟ ରେଳବାଇ**
**ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ନୋଟିସ୍**
**କ୍ର.ସଂ.(1) ଟେଣ୍ଡର ସଂଖ୍ୟା ଟିଆରଡି-ବିଏସପି-230-24-25 ତାରିଖ 18.05.2004 କାର୍ଯ୍ୟ :** (1) ବିଳାସପୁର ମଣ୍ଡଳ: ବିଳାସପୁର ମଣ୍ଡଳର ମୁଖ୍ୟ ଲାଇନ୍‌ରେ ସ୍ୱିଚିଙ୍ଗ ଷ୍ଟେସନରେ ପୁରୁଣା ପିଏସଆଇ ପରିସମ୍ପତ୍ତିର ପ୍ରତିସ୍ଥାପନା (2) ବିଳାସପୁର ମଣ୍ଡଳ : ବିଳାସପୁର ମଣ୍ଡଳର ସିଆଇସି ସ୍ୱିଚିଙ୍ଗ ଷ୍ଟେସନରେ ପୁରୁଣା ପିଏସଆଇ ପରିସମ୍ପତ୍ତିର ପ୍ରତିସ୍ଥାପନ (3) ବିଳାସପୁର ମଣ୍ଡଳରେ ଓଏଚଇର ବିଶ୍ୱସନୀୟତାର ସୁଧାର ପାଇଁ ଓଏଚଇ ଇନ୍‌ଷ୍ଟାଲେସନର ପ୍ରତିସ୍ଥାପନ। **ଟେଣ୍ଡର ମୂଲ୍ୟ: ₹24,59,742.96 ଅମାନତ ରାଶି : ₹49,200.00** ଟେଣ୍ଡର ଜମା କରିବାର ତାରିଖ ଓ ସମୟ: ୧୦/୦୬/୨୦୨୪ରେ ୧୫.୦୦ ସୁଦ୍ଧା।
**କ୍ର.ସଂ. (2) ଟେଣ୍ଡର ସଂଖ୍ୟା ଟିଆରଡି- ବିଏସପି-238-24-25 ତାରିଖ 18/05/2024 କାର୍ଯ୍ୟ :** ବିଳାସପୁର-ଝାରସୁଗୁଡ଼ା ଅନୁଭାଗରେ ଟିଏସଏସ (ଟିଆରଡି)ରେ ପିଏସଆଇ ପରିସମ୍ପତ୍ତିର ନଜର ଓ ନିୟନ୍ତ୍ରଣ ସହିତ ପ୍ରତିସ୍ଥାପନ। **ଟେଣ୍ଡର ମୂଲ୍ୟ : ₹77,97,541.01 ଅମାନତ ରାଶି: ₹1,58,000.00 ଟେଣ୍ଡର କାଗଜ ମୂଲ୍ୟ : ₹5,000.00 ଟେଣ୍ଡର ଜମା କରିବାର ତାରିଖ ଓ ସମୟ** : ତା 10/06/2024 **ରେ** 15.00ଟା ସୁଦ୍ଧା।
**କ୍ର.ସଂ. (3) ଟେଣ୍ଡର ସଂଖ୍ୟା ଟିଆରଡି-ବିଏସପି-239-24-25 ତାରିଖ : 22/05/2024 କାର୍ଯ୍ୟ :** ବିଳାସପୁର ଡିଭିଜନର ମେନ୍ ଲାଇନ୍ ବିଳାସପୁର-ଝାରସୁଗୁଡ଼ା ସେକ୍ସନରେ ଇଞ୍ଜିନିୟରିଂ କାର୍ଯ୍ୟ ଅର୍ଥାତ ଟିଏସଆର (ପି). ସିଟିଆର (ଏସ). ଟିଆରଆର (ଏସ) ଏବଂ ଟିଆରଆର (ପି) ସମ୍ବନ୍ଧରେ ଓଏଚଇର ପ୍ରାବଧାନ / ସଂଶୋଧନ। **ଟେଣ୍ଡର ମୂଲ୍ୟ : ₹85,56,896,80 ଅମାନତ ରାଶି : ₹1,71,100.00 ଟେଣ୍ଡର ଜମା କରିବାର ତାରିଖ ଓ ସମୟ : ତାରିଖ 13/06/2024ରେ 15ଟା ସୁଦ୍ଧା।**
**କ୍ରସଂ. (4) ଟେଣ୍ଡର ସଂଖ୍ୟା ଟିଆରଡି- ବିଏସପି-240-24-25 ତାରିଖ :22.05.2024 କାର୍ଯ୍ୟ :** ବିଳାସପୁର ଡିଭିଜନରେ ଇଞ୍ଜିନିୟରିଂ କାର୍ଯ୍ୟ ଅର୍ଥାତ ଟିଆରଆର (ପି). ଟିଆରଆର (ଏସ), ଟିଏସଆର (ପି) ଓ ସିଟିଆର(ଏସ)ର ସମ୍ବନ୍ଧରେ ସରଞ୍ଜାମ ବଣ୍ଟ ଓ ମେନ୍ ପାୱାରର ପ୍ରାବଧାନ। **ଟେଣ୍ଡର ମୂଲ୍ୟ : ₹1,80,08,440.71 ଅମାନତ ରାଶି : ₹2,40,100.00 ଟେଣ୍ଡର ଜମା କରିବାର ତାରିଖ ଓ ସମୟ :** ତା 13/06/2024ରେ 15ଟା ସୁଦ୍ଧା।
ପାତ୍ରତାର ମାପଦଣ୍ଡ ତଥା ଅନ୍ୟ ବିସ୍ତୃତ ସୂଚନା ନିମନ୍ତେ ଦୟାକରି ଆମର ୱେବସାଇଟ୍ www.ireps.gov.inକୁ ଯାଆନ୍ତୁ। ଟେଣ୍ଡର ସୂଚନାକୁ ବରିଷ୍ଠ ମଣ୍ଡଳ ବିଦ୍ୟୁତ ଅଭିଜ୍ଞତା (କ.ବି), ଦକ୍ଷିଣ ପୂର୍ବ ମଧ୍ୟ ରେଲୱେ, ବିଳାସପୁର (ଛ.ଗ) କାର୍ଯ୍ୟାଳୟରେ ନୋଟିସ୍ ବୋର୍ଡ଼ରେ ମଧ୍ୟ ଦେଖାଯାଇପାରିବ।
ବ.ମ. ବିଦ୍ୟୁତ ଅଭିଜ୍ଞତା(କ.ବି.)
ଦ.ପୂ.ମ. ରେଳବାଇ/ ବିଳାସପୁର
ସିପିଆର/10/70
ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ

**ଦକ୍ଷିଣ-ପୂର୍ବ ମଧ୍ୟ ରେଳବାଇ**
**ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ନୋଟିସ୍**
କ୍ର.ସଂ. (1) ଇ-ଟେଣ୍ଡର ସଂ. ଡିଆରଏମ୍-ଇଞ୍ଜି. ବିଏସ୍‌ପି-ଟି-31-24-25, ତାରିଖ 29.05.2024 **କାର୍ଯ୍ୟ :** ସହାୟକ ମଣ୍ଡଳ ଅଭିଜ୍ଞତା / ମଧ୍ୟ / ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ଗତୌରା ଏବଂ କରଗୀ ରୋଡ୍ ଗୁଡସ୍ ସେଡ୍‌ରେ ଗେଲଭଲ୍ୟୁମ୍ ସିଟ୍, ସ୍ପ୍ରିଂକଲର ଓ ଅନ୍ୟ ସମ୍ବନ୍ଧ ବିଭିନ୍ନ କାର୍ଯ୍ୟର ପ୍ରାବଧାନ। ଟେଣ୍ଡର ମୂଲ୍ୟ: 5,53,77,380,14/- ଅମାନତ ରାଶି: ₹4,26,900.00, କାର୍ଯ୍ୟ ପୂର୍ଣ୍ଣତାର ସମୟ: 18 ମାସ।
**ଟେଣ୍ଡର ଜମା କରିବାର ଆରମ୍ଭ ତିଥି :** 10.06.2024ରେ 11.00ଟାରୁ। ଟେଣ୍ଡର ଜମା କରିବାର ଅନ୍ତିମ ତାରିଖ : 24.06.2024ରେ 11.00ସୁଦ୍ଧା। ଉପରୋକ୍ତ ଇ-ଟେଣ୍ଡର ସୂଚନା ପୂର୍ଣ୍ଣ ତଥ୍ୟ https://www.ireps.gov.in ୱେବ୍-ସାଇଟ୍‌ରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ହେତୁ ଇ-ଟେଣ୍ଡର ବ୍ୟତୀତ ଅନ୍ୟ ଟେଣ୍ଡର ସ୍ୱୀକାର କରାଯିବ ନାହିଁ।
ମଣ୍ଡଳ ରେଳବାଇ ପ୍ରବନ୍ଧକ (ଅଭି.)
ସିପିଆର/10/77 ଦ.ପୂ.ମ. ରେଳବାଇ, ବିଳାସପୁର
ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ @secrail

**ଦକ୍ଷିଣ-ପୂର୍ବ ମଧ୍ୟ ରେଳବାଇ**
**ବିଭିନ୍ନ କାର୍ଯ୍ୟ ନିମନ୍ତେ ଟେଣ୍ଡର ନୋଟିସ୍**
**କ୍ରମ.ସଂ.(1) ଇ-ଟେଣ୍ଡର ସଂଖ୍ୟା ଟିଆରଏମ ଇଞ୍ଜି-ବିଏସପି ଟି 32-24-25 ତାରିଖ 27.05.2024 କାର୍ଯ୍ୟ :** 30.06.2025 ପର୍ଯ୍ୟନ୍ତ ସମାପ୍ତି ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା /ଆବାସ / ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟାଫ କ୍ୱାର୍ଟର୍ସ ଏବଂ ସର୍ଭିସ ବିଲ୍ଡିଂରେ ଧଳା ରଙ୍ଗ ଓ କଲରିଂ କାର୍ଯ୍ୟ ଡିଷ୍ଟେମ୍ପରିଂ, ପେଣ୍ଟିଂ ଇତ୍ୟାଦି କାର୍ଯ୍ୟର ନିଷ୍ପାଦନ। ଟେଣ୍ଡର ମୂଲ୍ୟ ₹1,24,35,793.74 /- **ଅମାନତ ରାଶି** ₹2,12,200/- **କାର୍ଯ୍ୟ ପୂର୍ଣ୍ଣତାର ଅବଧି** 30.06.2025
କ୍ରମ ସଂ **(2) ଇ-ଟେଣ୍ଡର ସଂଖ୍ୟା :** ଡିଆରଏମ୍ ଇଞ୍ଜି ବିଏସପି ଟି-**33-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 ପର୍ଯ୍ୟନ୍ତ ଶେଷ ଅବଧି ନିମନ୍ତେ ସହାୟକ ମଣ୍ଡଳ ଅଭିଜ୍ଞତା / ଆବାସ-II /ବିଳାସପୁରର ଅଧିକାରୀ କ୍ଷେତ୍ର ଅନ୍ତର୍ଗତ ଷ୍ଟାଫ କ୍ୱାର୍ଟର୍ସ ଏବଂ ସର୍ଭିସ ବିଲ୍ଡିଂରେ ଧଳା ରଙ୍ଗ, କଲର, ଡିଷ୍ଟେମ୍ପରିଂ, ପେଣ୍ଟିଂ ଇତ୍ୟାଦି କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ :** ₹1,24,00,335.49/- **ଅମାନତ ରାଶି:** ₹2,12,000/- କାର୍ଯ୍ୟ ପୂର୍ଣ୍ଣତାର ଅବଧି 30.06.2025
କ୍ରମ ସଂ **(3) ଇ-ଟେଣ୍ଡର ସଂଖ୍ୟା :** ଡିଆରଏମ୍ ଇଞ୍ଜି-ବିଏସ୍ ପି-ଟି-**34-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 କୁ ଶେଷ ହେବାର ଅବଧି ନିମନ୍ତେ ଏସଏସଇ (କାର୍ଯ୍ୟ) ଜଳ ଯୋଗାଣ ଯୋଗାଣ / ବିଳାସପୁରର ଅଧିକାର କ୍ଷେତ୍ର ଅନୁଯାୟୀ ଜଳ ଯୋଗାଣ ବ୍ୟବସ୍ଥା ସମ୍ବନ୍ଧରେ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ : ₹89,62,873.44/- ଅମାନତ ରାଶି : ₹1,79,300/- କାର୍ଯ୍ୟ ପୂର୍ଣ୍ଣତାର ଅବଧି 30.06.2025**
କ୍ରମ ସଂ (4) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**35-24-25 ତାରିଖ 27-05-2024 କାର୍ଯ୍ୟ :** 30.06.2025 ପର୍ଯ୍ୟନ୍ତ ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅନୁଭାଗ ଅଭିଜ୍ଞତା (କାର୍ଯ୍ୟ) / ପୂର୍ବ / ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ସର୍ଭିସ ବିଲ୍ଡିଂରେ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ:** ₹54,78,217.87/- **ଅମାନତ ରାଶି** : ₹1,09,600/- **କାର୍ଯ୍ୟ ପୂର୍ଣ୍ଣତା ଅବଧି** : 30.06.2025.
କ୍ରମ ସଂ (5) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**36-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 **ସୁଦ୍ଧା ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅଭିଜ୍ଞତା** (କାର୍ଯ୍ୟ) / ପୂର୍ବ / ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟାଫ୍ କ୍ୱାର୍ଟରରେ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ : ₹54,73,891.96/- ଅମାନତ ରାଶି: ₹1,09.500/- କାର୍ଯ୍ୟ ପୂର୍ଣ୍ଣତାର ଅବଧି: 30.06.2025**
କ୍ରମ ସଂ (6) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**37-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 **ସୁଦ୍ଧା ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅନୁଭାଗ ଅଭିଜ୍ଞତା (କାର୍ଯ୍ୟ) /** ଦକ୍ଷିଣ/ ବିଳାସପୁର ଅଧିକାର କ୍ଷେତ୍ରରେ ସର୍ଭିସ ବିଲ୍ଡିଂରେ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ :** ₹54,92,631.66/- **ଅମାନତ ରାଶି** : 1,09,900/- କାର୍ଯ୍ୟ ପୂର୍ଣ୍ଣତାର ଅବଧି 30.06.2025
କ୍ରମ ସଂ (7) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**38-24-25** ତାରିଖ **27-05-2024 କାର୍ଯ୍ୟ: 30.06.2025 ସୁଦ୍ଧା ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅନୁଭାଗ ଅଭିଜ୍ଞତା (କାର୍ଯ୍ୟ) / ଦକ୍ଷିଣ/ ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ଷ୍ଟାଫ କ୍ୱାର୍ଟର୍ସରେ ସିଭିଲ କାର୍ଯ୍ୟର ନିଷ୍ପାଦନ। ଟେଣ୍ଡର ମୂଲ୍ୟ** : ₹55,54,723.88/- **ଅମାନତ ରାଶି:** ₹1,11,100/- **କାର୍ଯ୍ୟ ପୂର୍ଣ୍ଣତାର ଅବଧି** 30.06.2025
କ୍ରମ ସଂ (8) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**39-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 **ସୁଦ୍ଧା ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅନୁଭାଗ ଅଭିଜ୍ଞତା (କାର୍ଯ୍ୟ) /ଉତ୍ତର/ ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ସର୍ଭିସ ବିଲ୍ଡିଂ ଏବଂ ଅଫିସର୍ସ ଓ ଷ୍ଟାଫ କ୍ୱାର୍ଟର୍ସରେ ସିଭିଲ ଜୋନାଲ କାର୍ଯ୍ୟର ନିଷ୍ପାଦନ। ଟେଣ୍ଡର ମୂଲ୍ୟ :** ₹1,04,28,961,06/- **ଅମାନତ ରାଶି:**₹2,02,200/- **କାର୍ଯ୍ୟ ପୂର୍ଣ୍ଣତାର ଅବଧି** 30.06.2025
କ୍ରମ ସଂ (9) ଇ-ଟେଣ୍ଡର ସଂଖ୍ୟା : ଡିଆରଏମ ଇଞ୍ଜି ବିଏସପି ଟି-**40-24-25** ତାରିଖ **27-05-2024 କାର୍ଯ୍ୟ:** 30.06.2025 ସୁଦ୍ଧା ସମାପ୍ତି ଅବଧି ନିମନ୍ତେ ବରିଷ୍ଠ ଅନୁଭାଗ ଅଭିଜ୍ଞତା (କାର୍ଯ୍ୟ) / ପଶ୍ଚିମ / ବିଳାସପୁରର ଅଧିକାର କ୍ଷେତ୍ର ଅନ୍ତର୍ଗତ ସର୍ଭିସ ବିଲ୍ଡିଂ ଏବଂ ଷ୍ଟାଫ କ୍ୱାର୍ଟର୍ସରେ ସିଭିଲ ଜୋନଲ କାର୍ଯ୍ୟର ନିଷ୍ପାଦନ। **ଟେଣ୍ଡର ମୂଲ୍ୟ : ₹**70,15,747.62/- **ଅମାନତ ରାଶି : ₹**1,40,300/- **କାର୍ଯ୍ୟ ପୂର୍ଣ୍ଣତାର ଅବଧି** 30.06.2025
ଟେଣ୍ଡର ଜମାର ଆରମ୍ଭ ତିଥି : ତାରିଖ **04.06.2024**
ଟେଣ୍ଡର ଜମାର ଅନ୍ତିମ ତାରିଖ ତା **18.06.2024** ରେ **11**ଟା **ସୁଦ୍ଧା।**
ଉପରୋକ୍ତ ଇ-ଟେଣ୍ଡର ସୂଚନାର ସମସ୍ତ ତଥ୍ୟ https://www.ireps.gov.in ୱେବ୍‌ସାଇଟରେ ଉପଲବ୍ଧ। ଉପରୋକ୍ତ ଟେଣ୍ଡର ହେତୁ ଇ-ଟେଣ୍ଡର ବ୍ୟତୀତ ଅନ୍ୟ ଟେଣ୍ଡର ସ୍ୱୀକାର କରାଯିବ ନାହିଁ।
ମଣ୍ଡଳ ରେଳବାଇ ପ୍ରବନ୍ଧକ (ଅଭି.)
ଦ.ପୂ.ମ. ରେଳବାଇ / ବିଳାସପୁର
ସିପିଆର/10/67
ଦକ୍ଷିଣ ପୂର୍ବ ମଧ୍ୟ ରେଳବାଇ @secrail

ଭୁବନେଶ୍ୱର
୪ ଜୁନ୍
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ସ୍ନାନ ପୂର୍ଣ୍ଣିମା ସୁଦ୍ଧା ରଥରେ ଉଠିବ ଚାରିନାହାକା



**ପୁରୀ, ୩/୦୬ ନ୍ୟୁଜ ବ୍ୟୁରୋ**
ବିଧି ମୁତାବକ ରଥଖଳାରେ ତିନିରଥ ନିର୍ମାଣ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ଭଉଁରି ଉତ୍ସବ ପରେ ଏବେ ନିର୍ମାଣକାରୀଙ୍କ ଟାର୍ଗେଟ ରହିଛି ସ୍ନାନ ପୂର୍ଣ୍ଣିମା । ଠାକୁରଙ୍କ ସ୍ନାନ ପୂର୍ଣ୍ଣିମା ସୁଦ୍ଧା ରଥରେ ଉଠିଥିବ ଚାରିନାହାକା। ଏହା ପୂର୍ବରୁ ସମସ୍ତ ଚକ ଓ ଅଖ ସଂଯୋଗ ସରି ଦଣ୍ଡା କାର୍ଯ୍ୟ ସମ୍ପର୍ନ୍ନ କରାଯିବ । ଦଣ୍ଡା ଉଠିବା ପରେ ଗରଗରା ପଡ଼ି ଚାରି ନାହାକା ଉଠିବ । ଏଥିପାଇଁ ଚଳଚଞ୍ଚଳ ରଥଖଳା । ତିନି ରଥର ଅଖ ହଣା ଆରମ୍ଭ ହୋଇଛି । ରଥର ପାର୍ଶ୍ୱ ମୁହାଁଟ କାମ ଚାଲିଛି । ବିଶ୍ୱକର୍ମାମାନେ ରଥର ୮ଟି ଖମ୍ବୀ ତିଆରୁଛନ୍ତି । ତିନି ରଥର ନାହାକା ଅଖ ନିର୍ମାଣ ସରି ଚକ ସଂଯୋଗ ସରିଥିଲା । ଏବେ ଦେବଦଳନର ବାକି ୫ଟି, ନନ୍ଦିଘୋଷର ୭ଟି ଓ ତାଳଧ୍ୱଜର ୬ଟି ଅଖର ହଣା ଆରମ୍ଭ ହୋଇଛି । ୪୦ ଫୁଟିଆ ଧଉରା କାଠରେ ତିଆରି ହେଉଛି ଅଖ । ରଥ ଖଳାରେ ଚକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଶୀତଳଷଷ୍ଠୀ ସୁଦ୍ଧା ସମସ୍ତ ଚକ ଓ ଅଖ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ସେପଟେ ରୂପକାରମାନେ ଗୁଜରେ ସିଂହବିରାଳ ଖୋଦେଇରେ ବ୍ୟସ୍ତ । ତାଳଧ୍ୱଜ, ନନ୍ଦିଘୋଷ ଓ ଦେବଦଳନର ୧୨ଟି ଗୁଜ ନିର୍ମାଣ ହେଉଛି । ଏସବୁ ରଥ କୋଣରେ ସ୍ଥାପନ ହେବ ।

## ଶ୍ରୀମନ୍ଦିର ଭିତର ବେଢ଼ାର ଫଟୋ ଭାଇରାଲ

**ପୁରୀ,୩।୬ ନ୍ୟୁଜ ବ୍ୟୁରୋ**
ଶ୍ରୀମନ୍ଦିର ସୁରକ୍ଷା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲା ବେଳେ ବାରମ୍ବାର ସୁରକ୍ଷା ଉଲ୍ଲଂଘନ ହେଉଥିବା ଦେଖିବାକୁ ମିଳୁଛି। ଏହାରି ମଧ୍ୟରେ ପୁଣିଥରେ ଶ୍ରୀମନ୍ଦିର ଭିତର ବେଢ଼ାର ଫଟୋ ଭାଇରାଲ ହୋଇଛି। ଶ୍ରୀମନ୍ଦିର ବେଢ଼ାରେ ଦୁଇଜଣ ବ୍ୟକ୍ତି ଏକ ସେଲ୍ଫି ନେଇଥିବା ବେଳେ ସୋସିଆଲ ମିଡିଆରେ ଏହା ଭାଇରାଲ ହେଉଛି। ତେଣୁ ମୋବାଇଲ ଫୋନ୍ ଶ୍ରୀମନ୍ଦିର ଭିତରକୁ ଗଲା କିଭଳି ସେନେଇ ପ୍ରଶ୍ନ ଉଠିଛି।

# ଖୁସି ଖବର ଦେଇପାରେ ରିଜର୍ଭ ବ୍ୟାଙ୍କ: ସୁଧ ହାର କମାଇପାରେ



**ମୁମ୍ବାଇ, ୩/୬**
ଲୋକସଭା ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ଭାରତୀୟ ରିଜର୍ଭ ବ୍ୟାଙ୍କର ମୁଦ୍ରାନୀତି ବୈଠକ ଆରମ୍ଭ ହେବ। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ୮.୨ ପ୍ରତିଶତ ଭଳି ଉଚ୍ଚ ହାରରେ ଆଗକୁ ବଢ଼ିଥିବା ବେଳେ ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟକୁ ଆସୁଥିବାରୁ ଏଥର ରିଜର୍ଭ ବ୍ୟାଙ୍କ ଖୁସି ଖବର ଦେଇପାରେ ବୋଲି ଆଶା କରାଯାଉଛି। ଯୁଦ୍ଧ ପରେ ଦେଖାଦେଇଥିବା ଅନିଶ୍ଚିତତା ଓ ଦରବୃଦ୍ଧି ଯୋଗୁ ଦୀର୍ଘଦିନ ଧରି ସୁଧ ହାରରେ କୌଣସି ହ୍ରାସ କରାଯାଉନାହିଁ। ଏହାର ପ୍ରଭାବରେ ଋଣ ସୁଧ ଅଧିକ ରହିଛି। ଏହା ଅର୍ଥନୈତିକ କାର୍ଯ୍ୟକଳାପକୁ ତ୍ୱରାନ୍ୱିତ କରିବାରେ ଏକ ପ୍ରତିବନ୍ଧକ ହୋଇରହିଛି। ମାତ୍ର ଦରଦାମ୍‌କୁ ନିୟନ୍ତ୍ରଣରେ ରଖିବା ଜରୁରୀ ହୋଇପଡ଼ିଥିବାରୁ ରିଜର୍ଭ ବ୍ୟାଙ୍କ ସୁଧକୁ କମ୍ କରିବା ଲାଗି ଚାହୁନାହିଁ। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ନେତୃତ୍ୱରେ ଜୁନ୍ ୫ରୁ ୭ ତାରିଖ ପର୍ଯ୍ୟନ୍ତ ମୁଦ୍ରାନୀତି କମିଟିର ବୈଠକ ହେବ। ଆସୋଚାମ୍‌ର ଅଧ୍ୟକ୍ଷ ସଞ୍ଜୟ ନାୟାର କହିଛନ୍ତି ଯେ ସୁଧ ହାର ଅପରିବର୍ତ୍ତିତ ରହିବାର ସମ୍ଭାବନା ଅଧିକ। କାରଣ ଖୁଚୁରା ମୁଦ୍ରାସ୍ଫୀତି ହାର ଏବେବି ଚାରି ପ୍ରତିଶତରୁ ଅଧିକ ରହିଛି। ଗୋଟିଏ ଭଲ କଥା ହେଉଛି ଏହି ହାର ହ୍ରାସ ପାଉଛି। କିନ୍ତୁ ସେପ୍ଟେମ୍ବର ମାସ ପରେ ସ୍ଥିତି ସମ୍ପୂର୍ଣ୍ଣ ସ୍ପଷ୍ଟ ହେବ। ତେଣୁ ସେହି ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିପାରେ ବୋଲି ସେ କହିଛନ୍ତି। ରେଟିଂ ଏଜେନ୍ସି ଇକ୍ରାର ମୁଖ୍ୟ ଅର୍ଥନୀତିଜ୍ଞ ଅଦିତି ନାୟର କହିଛନ୍ତି ଯେ ମୁଦ୍ରାସ୍ଫୀତି ତଥ୍ୟ ଏବଂ ଖାଦ୍ୟ ସାମଗ୍ରୀର ଦର ଏବେ ଯେଉଁ ସ୍ତରରେ ରହିଛି, ସେଥିରୁ ଜଣାପଡୁଛି ଯେ ସୁଧ ହାର ଅପରିବର୍ତ୍ତିତ ରହିବ।

# ରାଜ୍ୟରେ ସରକାର ଗଠନ ପାଇଁ ଦିବାସ୍ୱପ୍ନ ଦେଖୁଛି ବିଜେପି: ସସ୍ମିତ



**ଭୁବନେଶ୍ୱର, ୩/୬ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ସରକାର ଗଠନ ପାଇଁ ଦିବାସ୍ୱପ୍ନ ଦେଖୁଛି ବିଜେପି। ଯାହାକୁ ରାଜ୍ୟ ବିଜେପିର ଏକ ପୁରୁଣା ଅଭ୍ୟାସ ବୋଲି କହିଛନ୍ତି ବିଜେଡି ମୁଖପାତ୍ର ସସ୍ମିତ ପାତ୍ର। ୨୦୧୪ ନିର୍ବାଚନରେ ବି ସେମାନେ ରାଜ୍ୟରେ ସରକାର ଗଠନ କରିବେ ବୋଲି ଦିବାସ୍ୱପ୍ନ ଦେଖିଥିଲେ । ସେହିପରି ୨୦୧୯ରେ ମଧ୍ୟ ବିଜେପି ସରକାର ଗଠନ କରିବା ନେଇ ଦିବାସ୍ୱପ୍ନ ଦେଖିଥିଲେ। ତେଣୁ ଏଥର ମଧ୍ୟ ଦିବାସ୍ୱପ୍ନ ଦେଖିବା କିଛି ନୂଆ କଥା ନୁହେଁ । ବିଜେପି ଓ ଦଳର ନେତାଙ୍କ ଦିବାସ୍ୱପ୍ନକୁ ଶୁଭେଚ୍ଛା ଜଣାଇବା ସହ ସେମାନେ ଏଥିରେ ଦକ୍ଷ ହେବା ଭଲ କଥା ବୋଲି କହି କଟାକ୍ଷ କରିଛନ୍ତି ସସ୍ମିତ।

# ବିଜେବି କ୍ୟାମ୍ପସରେ ଭୋଟ ଗଣତି: ଏଲ୍ଇଡି ସ୍କ୍ରିନ ଓ ଡିଜେରେ ହେବ ଫଳ ଘୋଷଣା

**ଭୁବନେଶ୍ୱର, ୩/୬ ନ୍ୟୁଜ ବ୍ୟୁରୋ**
ଏଥର ନିଆରା ଢଙ୍ଗରେ ନିର୍ବାଚନ ଫଳାଫଳ ଘୋଷଣା ହେବ । ବିଜେବି କ୍ୟାମ୍ପସରେ ଷ୍ଟ୍ରଙ୍ଗ ରୁମରେ ହେବ ଭୋଟ ଗଣତି । ଘୋଷଣା ପାଇଁ ଏଥର ଏଲ୍ଇଡି ଏବଂ ଡିଜେ ମାଇକ ଓ ଡିଜେ ବ୍ୟବସ୍ଥା କରାଯିବ । ଏନେଇ ଷ୍ଟ୍ରଙ୍ଗ ରୁମ୍ ସୁରକ୍ଷା ତଦାରଖ କରିଛନ୍ତି ପୋଲିସ କମିଶନର ଓ ଭୁବନେଶ୍ୱର ଡିସିପି । ପୋଲିସ କମିଶନର କହିଛନ୍ତି, 'ବିଜେବି କଲେଜରେ ଭୁବନେଶ୍ୱର ୫ଟି ବିଧାନସଭା କ୍ଷେତ୍ରର ଭୋଟ ଗଣତି ହେବ। ଭୋଟ ଗଣତି ଦିନ ଜନସମାଗମର ସମ୍ଭାବନା ରହିଛି । ଏନେଇ ଲୋକଙ୍କ ପାଇଁ ବିଜେବି କଲେଜ ପଡିଆରେ ୨ଟି ବଡ଼ ବଡ଼ ଏଲଇଡି ଲଗାଯିବ । ଯାହା ଜରିଆରେ ସେମାନେ ଫଳାଫଳ ଦେଖିପାରିବେ । ଭିଡକୁ ଦେଖି କ୍ରାଉଡ୍ କଣ୍ଟ୍ରୋଲ ଓ ସେମାନଙ୍କର ଗାଡି ମୋଟର ରଖିବା ପାଇଁ ଟ୍ରାଫିକ ବ୍ୟବସ୍ଥା କରାଯିବ ।' କମିଶନର ଆହୁରି କହିଛନ୍ତି, 'ବିଭିନ୍ନ ପାର୍ଟି ଅଫିସରେ ଗହଳି ସମ୍ଭାବନାକୁ ଦୃଷ୍ଟିରେ ରଖି ସେଠାରେ ଫୋର୍ସ ମୁତୟନ କରାଯିବ । ନିର୍ବାଚନୀ ଫଳାଫଳ ଘୋଷଣା ପରେ ବିଜୟ ଉତ୍ସବ ପାଳନର ସମ୍ଭାବନା ରହିଛି । ସେନେଇ ବିଭିନ୍ନ ଜାଗାରେ ମଧ୍ୟ ବ୍ୟବସ୍ଥା କରାଯିବ। ଯେପରି କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ନହୁଏ ସେନେଇ ବ୍ୟବସ୍ଥା ହୋଇଛି । ଜଣେ ଡିସିପିଙ୍କ ନେତୃତ୍ୱରେ ୮ଜଣ ଅତିରିକ୍ତ ଡିସିପି, ୧୪ଜଣ ଏସିପିଙ୍କ ସହ ୩୫ ଜଣ ଇନସ୍ପେକ୍ଟର, ୨ଶହ ଜଣ ଏସ୍ଆଇ ଓ ଏଏସ୍ଆଇ ଅଫିସରଙ୍କ ସହ ୩୮ ପ୍ଲାଟୁନ ପୋଲିସ ଓ ୫ କମ୍ପାନୀ ସିଏପିଏଫ ଯବାନ ମଧ୍ୟ ମୁତୟନ ହେବେ । ଏଲଇଡି ଜରିଆରେ ଲୋକେ ସେମାନଙ୍କ ବୁଥ୍‌ର ଷ୍ଟାଟସ୍ ଦେଖିପାରିବେ । ମାଇକ ଜରିଆରେ ଫଳାଫଳ ଘୋଷଣା ହେବ । ଏଥିସହ ମଝିରେ ମଝିରେ ଲୋକଙ୍କ ଗହଳିକୁ ଦୃଷ୍ଟିରେ ରଖି ଗୀତ ପରିବେଷଣ ହେବା ଦ୍ୱାରା ସମସ୍ତଙ୍କ ମନୋରଞ୍ଜନ ହୋଇପାରିବ । ଏହାସହ ପଡ଼ିଆ ଭିତରେ ପୋଲିସ ଛାଉଣି ରହିବ, ଯେପରିକି କର୍ମୀ ଓ ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ନହୁଏ, ସେଥି ପାଇଁ ସବୁ ଥାନା ଷ୍ଟ୍ରାଇକିଂ ଫୋର୍ସ ଧରି ବୁଲିବେ । ୫ଟି ବିଧାନସଭା କ୍ଷେତ୍ର ବିଶେଷ କରି ଜୟଦେବ, ଜଟଣୀ, ଉତ୍ତର ଭୁବନେଶ୍ୱର, ମଧ୍ୟ ଭୁବନେଶ୍ୱର, ଏକାମ୍ର ଭୁବନେଶ୍ୱରର ଉଭୟ ଲୋକସଭା ଓ ବିଧାନସଭା କ୍ଷେତ୍ରର ଫଳାଫଳ ଘୋଷଣା ହେବ। ତ୍ରିସ୍ତରୀୟ ସୁରକ୍ଷା ଭିତରେ ଷ୍ଟ୍ରଙ୍ଗ ରୁମ୍‌ରେ ଇଭିଏମ୍ ରହିଛି । ଏହା ଉପରେ ସିସିଟିଭି ସର୍ଭିଲାନ୍ସ ସହ ୨୪ ଘଣ୍ଟିଆ ନଜରରେ ରହିଛି ବୋଲି କହିଛନ୍ତି ପୋଲିସ କମିଶନର।



## ବିଜୟ ଉତ୍ସବ ପାଳନ ଉପରେ ଲାଗିଲା କଟକଣା

**ପୁରୀ,୩।୬ ନ୍ୟୁଜ ବ୍ୟୁରୋ**
ପୁରୀରେ ଗଣତି ପରବର୍ତ୍ତୀ ବିଜୟ ଉତ୍ସବ ପାଳନରେ କଟକଣା ଲାଗିଛି। ବାଣ ଟ୍ରାଜେଡିକୁ ଦୃଷ୍ଟିରେ ରଖି ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ତେବେ ଫଳାଫଳ ଆସିବା ପରେ କୌଣସି ପ୍ରକାର ଡିଜେ ବଜାଇବା ଓ ବାଣ ଫୁଟାଇବାକୁ ବାରଣ କରାଯାଇଛି। ସେହିପରି କୌଣସି ପ୍ରକାର ଶୋଭାଯାତ୍ରାକୁ ମଧ୍ୟ ବାରଣ କରାଯାଇଛି। ଏନେଇ କୌଣସି ପ୍ରକାର ଅନୁମତି ଦିଆଯିବ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ତେବେ ନିୟମ ନ ମାନିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ।

# ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରୁ ହିଟଷ୍ଟ୍ରୋକ ମାମଲା ଅଧିକ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୩/୬ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଅସ୍ୱାଭାବିକ ଓ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତେବେ ରାଜ୍ୟର ସୁନ୍ଦରଗଡ ଓ ଝାରସୁଗୁଡାରୁ ଏହି ମାମଲା ଅଧିକ ଦେଖାଯାଉଥିବା ନେଇ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନୀଳକଣ୍ଠ ମିଶ୍ର କହିଛନ୍ତି । ଆଉମଧ୍ୟ ଏନେଇ ମିଳିତ ତଦନ୍ତ ଜାରି ରହିଛି । ଜିଲ୍ଲାପାଳ ଏବଂ ସିଡିଏମଓ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ । ପ୍ରେସମିଟ କରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି ଯେ, ସୁନ୍ଦରଗଡ଼ ଓ ଝାରସୁଗୁଡାରୁ ଅଧିକ ହିଟଷ୍ଟ୍ରୋକ ମାମଲା ଆସୁଛି । ଚଳିତ ଥର ଗ୍ରୀଷ୍ମ ଋତୁରେ ରବିବାର ସୁଦ୍ଧା ୨୬ ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ସ୍ପଷ୍ଟ ହୋଇଛି । ଏଥିରୁ ୨୦ ମାମଲା ରାଉରକେଲାର । ସେମାନଙ୍କ ମଧ୍ୟରୁ ହସ୍ପିଟାଲ ଆସିବା ପୂର୍ବରୁ କିଛି ରୋଗୀଙ୍କ ମୃତ୍ୟୁ ହୋଇଛି। ଆଉ କିଛି ମୃତକଙ୍କ ପୋଷ୍ଟମର୍ଟମ ଚାଲିଛି । ଯୁଗ୍ମ ତଦନ୍ତ ଚାଲିଛି। ବର୍ଷା ପାଇଁ ହିଟଷ୍ଟ୍ରୋକ ସାମାନ୍ୟ କମିଛି। ତେବେ ଏବେ କିଛି ଅଂଶୁଘାତ ରୋଗୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଜିଲ୍ଲାପାଳ ଓ ସିଡିଏମଓ ମାନଙ୍କୁ ସତର୍କ ରହିବାକୁ କୁହାଯାଇଛି । କାରଣ ଭବିଷ୍ୟତରେ ହିଟଷ୍ଟ୍ରୋକର ସମ୍ଭାବନା ଅଛି । ଖଣି ଅଞ୍ଚଳରୁ ହିଟଷ୍ଟ୍ରୋକ ମାମଲା ଅଧିକ ଅଛି । ସେଥି ସତର୍କ ରହିବାକୁ କୁହାଯାଇଛି। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ବିଶେଷ କରି ରାଉରକେଲାରେ ଏଭଳି ଅସ୍ୱାଭାବିକ ମୃତ୍ୟୁ ବଢୁଥିବାରୁ ସ୍ୱାସ୍ଥ୍ୟ ବିଭାଗର ୬ ଜଣିଆ ଟିମ୍ ରାଉରକେଲାରେ ରହିଛନ୍ତି । ଏହି ଟିମରେ ଜନସ୍ୱାସ୍ଥ୍ୟ ବିଭାଗର ୩ ଓ୍ୱିଙ୍ଗ୍ ସଦସ୍ୟ, ସୁନ୍ଦରଗଡ଼ର ୨ ଜଣ ଫରେନସିକ୍ ସଦସ୍ୟ ଏବଂ ସମ୍ବଲପୁର କମ୍ୟୁନିଟି ମେଡିସିନ ବିଭାଗର ଜଣେ ସଦସ୍ୟ ରହିଛନ୍ତି । ତେବେ ହାଇଏକ୍ସପୋଜରରେ ବାହାରକୁ ନବାହାରିବା ପାଇଁ ପୂର୍ବରୁ ଜନସାଧାରଣଙ୍କୁ ଅପିଲ କରାଯାଇଛି । ଅତି ଆବଶ୍ୟକ ପଡିଲେ ସତର୍କତା ଅବଲମ୍ବନ କରି ଘରୁ ବାହାରିବାକୁ କୁହାଯାଇଛି । ହେଲେ ଲୋକ ହିଟଷ୍ଟ୍ରୋକ୍ ଶିକାର ହେବା ମାତ୍ରେ, ତୁରନ୍ତ ହସ୍ପିଟାଲ ଆସିବା ଆବଶ୍ୟକ । ଯଦି ଅଧିକ ରୋଗୀ ଆସିବେ, ବିକଳ୍ପ ବ୍ୟବସ୍ଥା ବି କରାଯିବ। ଏନେଇ ସ୍ୱାସ୍ଥ୍ୟ ସଚିବ ମଧ୍ୟ ବିଭିନ୍ନ ହସ୍ପିଟାଲ ସିଡିଏମ୍‌ଓଙ୍କୁ ଚିଠି ଲେଖି ଏହି ବାବଦରେ ସଜାଗ ରହିବା ପାଇଁ ଅବଗତ କରାଇଛନ୍ତି। ଅଂଶୁଘାତଜନିତ ମୃତ୍ୟୁ ହାରକୁ ହ୍ରାସ କରିବା ପାଇଁ ତୁରନ୍ତ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ।



## ପ୍ରକାଶ ପାଇଲା ଓଜେଇଇ ପରୀକ୍ଷା ଫଳ

**ଭୁବନେଶ୍ୱର, ୩/୬ ନ୍ୟୁଜ ବ୍ୟୁରୋ**
ପ୍ରକାଶ ପାଇଲା ଓଜେଇଇ ପରୀକ୍ଷା ଫଳ । www.ojee.nic.inରେ ରେଜଲ୍ଟ ଉପଲବ୍ଧ ହୋଇଛି । ଛାତ୍ରଛାତ୍ରୀମାନେ ଏହି ୱେବସାଇଟକୁ ଯାଇ ନିଜର ରେଜଲ୍ଟ ଜାଣିପାରିବେ। ବି. ଫାର୍ମାରେ ସାଗରିକା ଦାଶ ଟପ୍ପର ହୋଇଥିବା ବେଳେ, ଏମ୍. ଫାର୍ମାରେ ପଦ୍ମାଳୟା ମିଶ୍ର, ଏମବିଏରେ ସୂର୍ଯ୍ୟକାନ୍ତ ପୃଷ୍ଟି, ଏମସିଏରେ ବ୍ରହ୍ମାନନ୍ଦ ମହାରଣା, ସିଭିଲ ଇଞ୍ଜିନିୟରିଂରେ ରବୀନ୍ଦ୍ର ସାହୁ, ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ପୂର୍ବପ୍ରିୟା ନାୟକ, ମେକାନିକାଲ ଇଞ୍ଜିନିୟରିଂରେ ଗୋବିନ୍ଦ ନାୟକ ଓ କମ୍ପ୍ୟୁଟର ସାଇନ୍ସରେ ଆକାଶ କୁମାର ଦାସ ଟପ୍ପର ହୋଇଛନ୍ତି।

# ଦେଶରେ ଏକ୍‌ଜିଟ ପୋଲ ଡ୍ରାମା ଚାଲିଛି



**ଭୁବନେଶ୍ୱର, ୩/୬ ନ୍ୟୁଜ ବ୍ୟୁରୋ**
ଏକ୍‌ଜିଟ ପୋଲ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଛି କଂଗ୍ରେସ । ସାମ୍ବାଦିକ ସମ୍ମିଳନୀରେ ମିଡ଼ିଆ ସେଲ ଅଧ୍ୟକ୍ଷ ବିଶ୍ୱରଂଜନ ମହାନ୍ତି କହିଛନ୍ତି ଦେଶରେ ଏକ୍‌ଜିଟ ପୋଲ ଡ୍ରାମା ଚାଲିଛି। ଅନ୍ୟ ଏକ ମାହୋଲ ବନେଇବା ପାଇଁ ଚେଷ୍ଟା କରାଯାଉଛି । ଏହା ସରକାରୀ ମ୍ୟାନେଜମେଣ୍ଟ ଏକ୍‌ଜିଟ ପୋଲ । ୨୦୦୪ ମସିହାରେ ମଧ୍ୟ ସରକାରୀ ମ୍ୟାନେଜମେଣ୍ଟ ଏକ୍‌ଜିଟ ପୋଲ କହୁଥିଲା ପୁନର୍ବାର ବାଜପେୟୀ ସରକାର ଆସିବ । କିନ୍ତୁ କଂଗ୍ରେସ ନେତୃତ୍ୱରେ ୟୁପିଏ ଦେଶରେ ସରକାର କରିଥିଲା । ଏହି ଘଟଣାରୁ ଜଣାପଡୁଛି ଯେ, ସରକାର କେଉଁଭଳି ମ୍ୟାନେଜମେଣ୍ଟ ପୋଲ କରନ୍ତି । କିନ୍ତୁ ୨୦୨୪ ନିର୍ବାଚନରେ ଇଣ୍ଡିଆ ମେଣ୍ଟ ସଂଖ୍ୟା ଗରିଷ୍ଠତା ପାଇବ ଏବଂ ସରକାର କରିବ । ତୃଣମୂଳରୁ ଯାହା ରିପୋର୍ଟ ଆସୁଛି ତାହା ମଧ୍ୟ ଇଣ୍ଡିଆ ମେଣ୍ଟ ସପକ୍ଷରେ ଆସୁଛି । ସେହିପରି ଓଡ଼ିଶାରେ ମଧ୍ୟ କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି ବିଶ୍ୱରଂଜନ ।

# ସେୟାର ମାର୍କେଟିଂ ଆଳରେ ୧୨କୋଟି ଠକେଇ

**ଭୁବନେଶ୍ୱର, ୩/୦୬ ନ୍ୟୁଜ ବ୍ୟୁରୋ**
ସେୟାର ମାର୍କେଟିଂ ଆଳରେ ୧୨କୋଟିରୁ ଊର୍ଦ୍ଧ୍ୱ ଠକେଇ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି୫ ହଜାରରୁ ଊର୍ଦ୍ଧ୍ୱ ଲୋକ। ଏଭଳି ଠକେଇ କରିଛି ପୁଣେରୁ ପଞ୍ଜିକୃତ ହୋଇଥିବା ଏଲ୍ଏଫ୍ଏସ୍ ବ୍ରୋକିଂ ସଂସ୍ଥା। ଏହି ସଂସ୍ଥାର ପାର୍ଟନର ରହିଛି ପିଏମ୍ଏସ୍ ସର୍ଭିସ ନାମକ ଆଉ ଏକ ସଂସ୍ଥା। ଏନେଇ ଇଓଡବ୍ଲ୍ୟୁ ନିକଟରେ ଢେଙ୍କାନାଳର ଅରୁଣ କୁମାର ପଟ୍ଟନାୟକ ଅଭିଯୋଗ କରିବା ପରେ ଇଓଡବ୍ଲ୍ୟୁ ଏହି ଦୁଇଟି ସଂସ୍ଥା ନାମରେ କେସ୍ ନଂ-୭/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଛି। ଏହି ସଂସ୍ଥାର ସିଇଓ ଥିବା ଜିଆଜୁର ରହମାନ ବିରୋଧରେ ମଧ୍ୟ ଇଓଡବ୍ଲ୍ୟୁ ମାମଲା ରୁଜୁ କରିଛି । ତାଙ୍କୁ ଗିରଫ କରିବା ପାଇଁ ଇଓଡବ୍ଲ୍ୟୁ ପଶ୍ଚିମବଙ୍ଗ, ପୁଣେ ଆଦି ରାଜ୍ୟକୁ ଯାଇଛି। ହେଲେ ସେଠାରେ ମଧ୍ୟ ଜିଆଜୁରର ପତ୍ତା ମିଳିନି। ଏହି ସଂସ୍ଥା ଲୋକଙ୍କୁ କହୁଥିଲା ଯେ, ସେ ସେୟାର ମାର୍କେଟିଂ ଟ୍ରେନିଂ ଏବଂ ସୁନା ବ୍ୟବସାୟ କରନ୍ତି। ବିଭିନ୍ନ କମ୍ପାନୀ ଏବଂ ଫାର୍ମର ଟଙ୍କା ତାଙ୍କ ସଂସ୍ଥାରେ ଲାଗେ। ଏପରିକି ଏଲଏଫଏସ୍ ବ୍ରୋକିଂ ସଂସ୍ଥା ଲୋକଙ୍କୁ ପ୍ରତିମାସରେ ୨ ପ୍ରତିଶତ ସୁଧ ଦେବାକୁ ପ୍ରଲୋଭନ ଦେଉଥିଲା। ଅଭିଯୁକ୍ତ ଥିବା ଜିଆଜୁର ଏହି ଦୁଇଟି ସଂସ୍ଥାକୁ ନିଜ ଭଉଣୀର ବୋଲି କହୁଥିଲେ। ଏଲ୍ଏଫ୍ଏସ୍ ବ୍ରୋକିଂ ସଂସ୍ଥା ପୁଣେରେ ପଞ୍ଜିକୃତ ହୋଇଥିବା ବେଳେ ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଏହାର ବ୍ରାଞ୍ଚ ଅଫିସ୍ ଖୋଲିଥିଲା। ଲୋକଙ୍କୁ ଅତିକମ୍‌ରେ ୨୫ ହଜାର ଟଙ୍କା ଲଗାଇଲେ ପ୍ରତି ମାସରେ ୨ ପ୍ରତିଶତ ସୁଧ ମିଳିବ ବୋଲି ସଂସ୍ଥା କହୁଥିଲା। ଏହି ସଂସ୍ଥାରେ ଯୋଡ଼ିହୋଇଥିବା ସଦସ୍ୟ ଭୁବନେଶ୍ୱର, ଢେଙ୍କାନାଳ, ଭଦ୍ରକ, ଅନୁଗୁଳ ଏବଂ ବାଲେଶ୍ୱରରେ ବୈଠକ କରି ଏଲ୍ଏଫ୍ଏସ୍ ପିଏମ୍ଏସ୍‌ରେ ଟଙ୍କା ଲଗାଇବା ପାଇଁ କହୁଥିଲେ। ଲୋଭରେ ପଡ଼ି ଲୋକେ ଏହି ସଂସ୍ଥାରେ ଟଙ୍କା ଲଗାଉଥିଲେ। ଏହିଭଳି ଅରୁଣ କୁମାର ପଟ୍ଟନାୟକ ସଂସ୍ଥାରେ ଟଙ୍କା ଲଗାଇ ଠକାମିର ଶିକାର ହୋଇଛନ୍ତି। ସେ ପ୍ରଥମେ ୨୫ ହଜାର ଟଙ୍କା ଲଗାଇଥିଲେ । ପୁଣି ୨୦୨୩ ମେ' ୧ତାରିଖରେ ୬ଲକ୍ଷ ୭୫ହଜାର ଟଙ୍କା ସଂସ୍ଥାର ବ୍ୟାଙ୍କ୍ ଆକାଉଣ୍ଟରେ ଜମା କରିଥିଲେ। ବିଶ୍ୱାସ କମାଇବା ପାଇଁ ସଂସ୍ଥା ଗୋଟିଏ ମାସରେ ୧୪ ହଜାର ଟଙ୍କା ଦେଇଥିଲା। କିନ୍ତୁ ଏହା ପରେ ଆଉ ସଂସ୍ଥା ମାସକୁ ମାସ ସୁଧ ଟଙ୍କା ଦେବାକୁ ବନ୍ଦ କରି ଦେଇଥିଲା। ଏହିଭଳି ତାଙ୍କର ସମ୍ପର୍କୀୟ ସସ୍ମିତା ଖୁଣ୍ଟିଆ ଏହି ସଂସ୍ଥାରେ ୮ଲକ୍ଷ ଲଗାଇଥିବା ବେଳେ ପ୍ରକାଶ କୁମାର ୫ଲକ୍ଷ, ପ୍ରଦୀପ କୁମାର ଚାନ୍ଦ, ଡମ୍ବରୁଧର ପଣ୍ଡା, ମନୋଜ ପ୍ରଧାନ, ସତ୍ୟ ମିଶ୍ର, ପୁଷ୍ପାଞ୍ଜଳି ବେହେରା, ଅଞ୍ଜନ କୁମାର ସାହୁ, ଶତ୍ରୁଘ୍ନ ମଲିକ ଏବଂ ଅନ୍ୟମାନେ ୨୦୨୧ରୁ ୨୦୨୨ ମଧ୍ୟରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ସେମାନେ ମଧ୍ୟ ଏହି କମ୍ପାନୀର ଜାଲରେ ପଡ଼ି ଠକାମିର ଶିକାର ହୋଇଛନ୍ତି। କମ୍ପାନୀର ସିଇଓ ଜିଆଜର ରହମାନ ଓଡ଼ିଶାରୁ କୋଟି କୋଟି ଟଙ୍କା ସଂଗ୍ରହ କରି ଅଫିସ୍ ବନ୍ଦ କରି ଚମ୍ପଟ ମାରିଥିଲେ। ଲୋକଙ୍କୁ ସୁଧ ଟଙ୍କା ନମିଳିବା ପରେ ସେମାନେ ଅଫିସ୍‌କୁ ଗଲା ପରେ ତାଲା ପଡ଼ିଥିବା ଦେଖି ଠକାମିର ଶିକାର ହୋଇଥିବା ଜାଣିଥିଲେ । ଶେଷରେ ଏ ନେଇ ସେମାନେ ଇଓଡବ୍ଲ୍ୟୁରେ ଅଭିଯୋଗ କରିବା ପରେ ଏବେ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।

## ଶିକାର ବେଳେ ମାଡ଼ିବସିଲା ବନ ବିଭାଗ: ବନ୍ଧୁକ ସହ ଦୁଇ ଗିରଫ



**ବାଲିଗୁଡା, ୦୩/୦୫ ନ୍ୟୁଜ ବ୍ୟୁରୋ**
କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାଟଗୁଡ଼ା ପଞ୍ଚାୟତର ପୁଷାଙ୍ଗିଆ ଠାରେ ଶିକାର କରିବା ସମୟରେ ବନବିଭାଗ ୨ ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ ଗତ ରାତିରେ ଦୁର୍ବୃତ୍ତ ବାଲିଗୁଡା ବ୍ଲକ ପୁସାଙ୍ଗିଆର ଏକ ଜଙ୍ଗଲ ମଧ୍ୟରେ ଶିକାର କରିବା ସମୟରେ ବାଲିଗୁଡା ବନାଞ୍ଚଳ ବନପାଳ ପ୍ରଭାତ ଦୋରା ଏକ ବିଶେଷ ସୂତ୍ରରୁ ଖବର ପାଇ ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ଚଢ଼ଉ କରିଥିଲେ। ଘଟଣା ସ୍ଥଳରୁ ୨ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ବନ୍ଧୁକ, ୧୦ ଅଫୁଟା ଗୁଳି, ୧୨୦ ଗ୍ରାମ୍ ବାରୁଦ, ୨ଟି ଦିଆସିଲି, ୨ ଟର୍ଚ୍ଚ ଲାଇଟ ଓ ୨ ଟି ମୋବାଇଲ ଜବତ କରିଥିଲେ । ଗିରଫ ଦୁଇ ଜଣ ବଳରାମ ପୂଜାରୀ (୨୭) ଓ ସୁଦାମ ମଲିକ (୪୦) ବୋଲି ଜଣାପଡିଛି। ଏ ନେଇ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ବାଲିଗୁଡା ବନାଞ୍ଚଳ ବନପାଳ ପ୍ରଭାତ କୁମାର ଦୋରା ସୂଚନା ଦେଇଛନ୍ତି।

ବଜାରରେ ଉପଲବ୍ଧ...
'କଥାକଳିକା': ଜୁନ୍-୨୦୨୪ ସଂଖ୍ୟା




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା :** ମନୋଜ କୁମାର ମହାପାତ୍ର
**ସମକାଳର କଥା :** ଅଜୟ ମହାପାତ୍ର, ଅନୀଲ କୁମାର ପାଢୀ, ସୋମାଚାନ୍ଦ, ମାନମୟୀରଥ, ସୁକାନ୍ତି ରାଉତ।
**ଅନ୍ୟଭାଷାର କଥା :** ରେବା ପଟ୍ଟନାୟକ।
**ଯୁବ ମାନସର କଥା :** ଶର୍ମିଷ୍ଠା ମହାପାତ୍ର, ଜ୍ୟୋତ୍ସ୍ନା ସାମନ୍ତ ରାୟ, ପ୍ରଦୀପ ନାୟକ, ମୋନିକା ସରକାର, କବିତା ମିଶ୍ର।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ୨ ବର୍ଷରେ ପୋଲିସ ଉପରେ ୧୫ରୁ ଊର୍ଦ୍ଧ୍ୱ ଆକ୍ରମଣ

**ଭୁବନେଶ୍ୱର, ୩।୬ ନ୍ୟୁଜ ବ୍ୟୁରୋ**
ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ହତ୍ୟା, ଛିନତାଇ, ଚୋରି, ଡକାୟତି, ଆକ୍ରମଣ ଆଦି ଆପରାଧିକ ଘଟଣା ବଢିବାରେ ଲାଗିଛି। ଘରେ ହେଉ କି ବାହାରେ, ସବୁଠି ଲୋକେ ନିଜକୁ ଅସୁରକ୍ଷିତ ଅନୁଭବ କରୁଛନ୍ତି। କେତେବେଳେ କିଏ ଆସି ହାଣି ଚାଲିଯିବ, ସବୁକିଛି ଲୁଟିନେବ – ଏଭଳି ଭୟ ଓ ଆଶଙ୍କା ସବୁବେଳେ ଲୋକଙ୍କୁ ଘାରୁଛି। କାରଣ ରାଜଧାନୀରେ ଚାଲିଛି ଅପରାଧୀ ରାଜ୍। ଏପରିକି ଲୋକଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ବି ନିଜେ ଅସୁରକ୍ଷିତ ହୋଇପଡୁଛି। ସହରକୁ ଅପରାଧ ମୁକ୍ତ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରୟାସ କରାଯାଉଛି। ଏହାସତ୍ତ୍ୱେ ମଧ୍ୟ ଅପରାଧୀଙ୍କ ମଧ୍ୟରେ ପୋଲିସ ପ୍ରତି ଟିକେ ହେଲେ ଭୟ ରହୁନି। ପୋଲିସ ପୋଷାକରେ ଥିବା ସତ୍ତ୍ୱେ ଅପରାଧୀ ଓ ମଦ୍ୟପମାନେ କେତେବେଳେ ଦୁର୍ବ୍ୟବହାର ତ ପୁଣି କେତେବେଳେ ଆକ୍ରମଣ କରି ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଏପରିକି ସାଧାରଣ ଲୋକେ ମଧ୍ୟ ପୋଲିସକୁ ଆକ୍ରମଣ କରୁଥିବାର ଦେଖାଯାଇଛି। ଗତ ୨ ବର୍ଷ ମଧ୍ୟରେ କମିଶନରେଟ ପୋଲିସ ୧୫ରୁ ଅଧିକ ଥର ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। ତେବେ ପୋଲିସ ପ୍ରତି ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ବୁଦ୍ଧିଜୀବୀ ମହଲରେ ନାନା ଆଲୋଚନା ହେଉଛି। ଯଦି ପୋଲିସ ନିଜେ ସୁରକ୍ଷିତ ନୁହେଁ, ତା'ହେଲେ ସାଧାରଣ ଜନତାଙ୍କୁ କିଭଳି ସୁରକ୍ଷା ଦେବେ ତା'କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ କମିଶନରେଟ ପୋଲିସ ନିଜକୁ ସେଭଳି ଦକ୍ଷ କରିବା ସହ ଅପରାଧୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି। ୨୦୨୩ ଅଗଷ୍ଟ ୧୮ ରାତିରେ ଲିଙ୍ଗିପୁରରେ ଡକାୟତି ଯୋଜନାବେଳେ ଧଉଳି ପୋଲିସ ଚଢ଼ଉ କରିବାରୁ ଅପରାଧୀମାନେ ପୋଲିସ ଟିମ୍ ଉପରେ ଆକ୍ରମଣ କରିଥିଲେ। ଏଥିରେ ୨ଜଣ ପୋଲିସ କର୍ମଚାରୀ ଆହତ ହୋଇଥିଲେ। ୨୦୨୩ ଅଗଷ୍ଟ ୨୬ରେ ରଙ୍ଗ୍ ରୁଟ୍‌ରେ ବାଇକ୍ ଚଳାଇ ଆସୁଥିବାବେଳେ ବାରଣ କରିବାରୁ ଖାରବେଳନଗର ଥାନା ଏଏସ୍ଆଇ ଦେବରାଜ କିଶାନଙ୍କୁ ଜଣେ ଯୁବତୀ ଓ ତାଙ୍କର କେତେଜଣ ସହଯୋଗୀ ଗାଳିଗୁଲଜ କରିବା ସହ ଚାପୁଡ଼ା ମାରିଥିଲେ। ୨୦୨୩ ସେପ୍ଟେମ୍ବର ୨୬ରେ ଉଚ୍ଚ ଶବ୍ଦ ମ୍ୟୁଜିକ ବଜାଇ ଯାଉଥିବା ଶୋଭାଯାତ୍ରାକୁ ବାରଣ କରିବାରୁ ପିସିଆର ଗାଡିକୁ ଭଙ୍ଗାରୁଜା ସହ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ଧଉଳି ଥାନା ପୋଲିସ ଡିଜେ ପ୍ଲେୟାରଙ୍କ ସମେତ ୩ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୨୦୨୩ ଅକ୍ଟୋବର ୮ ରାତିରେ ୩ଜଣ ଯୁବକ ମଦ୍ୟପାନ କରି ଗାଡି ଚଳାଇବା ସହ ଲୋକଙ୍କୁ ଗାଳିଗୁଲଜ କରୁଥିବାବେଳେ ଭରତପୁର ଥାନାର ଏସ୍ଆଇ ଓ ଜଣେ ହାବିଲଦାର ସେମାନଙ୍କୁ ପିଛା କରି କାବୁ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ମଦ୍ୟପ ଯୁବକମାନେ ଦୁଇଜଣ ପୋଲିସ ଉପରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ସମ୍ପୃକ୍ତ ମଦ୍ୟପଯୁବକଙ୍କୁ କାବୁ କରି ମାଡ଼ ମାରିଥିଲେ। ୨୦୨୪ ମାର୍ଚ୍ଚ ୧୧ରେ ପିସିଆର କର୍ମଚାରୀଙ୍କୁ ଆକ୍ରମଣ କରିବା ମାମଲାରେ ତମାଣ୍ଡୋ ଥାନା ପୋଲିସ ୨ ଭାଇଙ୍କ ସମେତ ୩ ଜଣଙ୍କୁ ଗିରଫ କରିଥିଲା। ୨୦୨୪ ଏପ୍ରିଲ ୨୮ରେ ମାଷ୍ଟରକ୍ୟାଣ୍ଟିନ ଛକରେ ଖାରବେଳନଗର ଥାନା ଅଧିକାରୀ ତାଙ୍କ ଟିମ୍ ସହ ଚେକିଂ କରୁଥିଲେ। ଏହି ସମୟରେ ଶ୍ରୀୟାଟକିଜ ଛକରୁ ମାଷ୍ଟରକ୍ୟାଣ୍ଟିନ ଛକ ଅଭିମୁଖେ ଏକ କାର୍ ଦ୍ରୁତଗତିରେ ବିପଦଜନକ ଭାବେ ଆସୁଥିବା ଦେଖି ପୋଲିସ କର୍ମଚାରୀ ଉକ୍ତ ଗାଡିକୁ ବହୁ କଷ୍ଟରେ ଅଟକାଇଥିଲେ। ହେଲେ କାର୍ ଭିତରେ ବସିଥିବା ଯୁବକମାନେ ଗାଳିଗୁଲଜ କରିବା ସହ ଥାନା ଅଧିକାରୀଙ୍କୁ ଚାପୁଡା ମାରିଥିଲେ। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ୨୦୨୪ମେ ୩୦ରେ ଜଣେ ନାବାଳକଙ୍କୁ ଆକ୍ରମଣକାରୀ କବଳରୁ ଉଦ୍ଧାର କରିବାକୁ ଯାଇଥିବା ପିସିଆର ପୋଲିସକୁ ସଂଘବଦ୍ଧ ଆକ୍ରମଣ ହେବା ସହ ଗାଡି ଭଙ୍ଗାରୁଜା କରାଯାଇଥିଲା। ଏହି ଘଟଣାରେ ଖଣ୍ଡଗିରି ଥାନା ପୋଲିସ ଜଣେ ମହିଳାଙ୍କ ସମେତ ୯ ଜଣଙ୍କୁ ଗିରଫ କରିଥିଲା। ୨୦୨୪ ଜୁନ୍ ୧ ମଧ୍ୟରାତ୍ରିରେ ମଦ୍ୟପାନ କରି ରାସ୍ତାରେ ଗାଡି ଚଳାଉଥିବା ୪ ଯୁବକଙ୍କୁ ଚେକିଂ କରୁଥିବା ପୋଲିସ କାବୁ କରି ହସ୍ପିଟାଲରେ ଭର୍ତ୍ତି କରିଥିଲା। ହେଲେ ସେମାନେ ପୋଲିସ କର୍ମଚାରୀଙ୍କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରିଥିଲେ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ୪ ମଦ୍ୟପ ବ୍ୟକ୍ତିଙ୍କୁ ପରେ ଗିରଫ କରାଯାଇଛି।

